ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ମେ, ୨୦୨୩

**ରଙ୍ଗାୟନ ନିର୍ଦ୍ଦେଶକ ପଦରୁ 'ଟିପୁ' ପୁସ୍ତକ ରଚୟିତାଙ୍କ ଇସ୍ତଫା**

କର୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ବିବାଦୀୟ 'ଟିପୁ' ପୁସ୍ତକର ରଚୟିତା ଆଦ୍ଦନ୍ଦ ସି. କାରିଆପ୍ପା ରାଜ୍ୟ ସରକାରଙ୍କ ନାଟକ ଅନୁଷ୍ଠାନ ରଙ୍ଗାୟନର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି। ଭାଜପାର ପରାଜୟ ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିବା କହିଛନ୍ତି। ନିର୍ବାଚନରେ ସେ ଭାଜପା ବିଧାୟକ କେ.ଜି. ବୋପାୟା ଏବଂ ଆପାଚୁ ରଞ୍ଜନଙ୍କ ପ୍ରଚାର କରିଥିଲେ ହେଁ ଉଭୟ ପରାଜିତ ହୋଇଛନ୍ତି। ଭାଜପାକୁ ଭୋଟ ଦେବା କାଶୀ ଯାତ୍ରା ସହ ସମାନ ବୋଲି ପ୍ରଚାର ବେଳେ କାରିଆପ୍ପା କହିଥିଲେ।



## ସଂକ୍ଷେପରେ

### ବିଷାକ୍ତ ମଦ ପିଇ ୩ ମୃତ

**ଜାଞ୍ଜଗିରି,୧୫।୫:** ଛତିଶଗଡ଼ ଜାଞ୍ଜଗିରି-ଚମ୍ପା ଜିଲା ରୋଗଡା ଗ୍ରାମରେ ବିଷାକ୍ତ ମଦ ପିଇ ଜଣେ ସେନା ଯବାନଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପରାଶ ସାହୁ, ନନ୍ଦଲାଲ କଶ୍ୟପ ଏବଂ ସତୀଶ କଶ୍ୟପ। ମଦ ପିଇବା ପରେ ତିନିଜଣଯାକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି।

### ଏୟାର୍ ହୋଷ୍ଟେସ୍‌ଙ୍କ ସହ ଦୁର୍ବ୍ୟବହାର: ଯାତ୍ରୀ ଗିରଫ

**ଅମୃତସର,୧୫।୫:** ଦୁବାଇରୁ ଅମୃତସର ଆସୁଥିବା ବିମାନରେ ଜଣେ ଯୁବକ ଏୟାର ହୋଷ୍ଟେସ୍‌ଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଜଲନ୍ଧରସ୍ଥିତ କୋଟଲିର ରଜିନ୍ଦର ସିଂଙ୍କର କୌଣସି କାରଣରୁ ଏୟାର ହୋଷ୍ଟେସ୍‌ଙ୍କ ସହ ଝଗଡ଼ା ହୋଇଥିଲା। କିଛି ସମୟ ଯୁକ୍ତିତର୍କ ଚାଲିବା ପରେ ରଜିନ୍ଦର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ସମୟରେ ରଜିନ୍ଦର ମଦ ପିଇଥିବା ପୋଲିସ କହିଛି। ବିମାନ ଅବତରଣ କରିବା ପରେ ବିମାନ କର୍ତ୍ତୃପକ୍ଷ ରଜିନ୍ଦରଙ୍କୁ ପୋଲିସ ଜିମା ଦେଇ ଥାନାରେ ଅଭିଯୋଗ କରିଥିଲେ।

### ଗୁରୁଦ୍ୱାରାରେ ମଦ ପିଇବାରୁ ଯୁବତୀଙ୍କୁ ହତ୍ୟା

**ପଟିଆଲା,୧୫।୫:** ଦୁଃଖ ନିବାରଣ ସାହିବ ଗୁରୁଦ୍ୱାରା ପରିସରରେ ଜଣେ ଯୁବତୀ ମଦ ପିଇବା ନେଇ ଜଣେ ଯୁବକ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ପରୱିନ୍ଦର କୌର (୩୦) ସରୋବର ନିକଟରେ ବସି ମଦ ପିଉଥିବାର ଗୁରୁଦ୍ୱାରା ସଙ୍ଗତ ଦେଖିଥିଲେ। ସେମାନେ ପୋଲିସ ସହାୟତାକ୍ରମେ ପରୱିନ୍ଦରଙ୍କୁ ଗୁରୁଦ୍ୱାରା ମ୍ୟାନେଜରଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ନିର୍ମଲଜିତ ସିଂ ସାଇନି ପରୱିନ୍ଦରଙ୍କ ଉପରକୁ ୫ଥର ଗୁଳି ଫୁଟାଇଥିଲେ। ପ୍ରପର୍ଟି ଡିଲର ନିର୍ମଲଜିତଙ୍କ ପାଖରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ପୋଲିସ କହିଛି। ତେବେ ପରୱିନ୍ଦରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ନିର୍ମଲଜିତ ଏପରି କରିଥିବା କହିଛନ୍ତି। ଘଟଣାରେ ଆହତ ନିର୍ମଲଜିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରୱିନ୍ଦର ସବୁବେଳେ ମଦ ପିଉଥିବାବେଳେ ସେ ଡିପ୍ରେସନ୍‌ରେ ଥିବା ତାଙ୍କ ଘରଲୋକେ କହିଛନ୍ତି। ରବିବାର ଏକାକୀ ବସ୍‌ରେ ସେଜିରକପୁରରୁ ଗୁରୁଦ୍ୱାରା ଆସିଥିଲେ।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆଉ ଜଣେ ଗିରଫ

**ନୂଆଦିଲ୍ଲୀ, ୧୫।୫:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ସୋମବାର ଇଣ୍ଡିଆ ଆହେଡ୍ ନ୍ୟୁଜ୍‌ର ଅରବିନ୍ଦ କୁମାର ସିଂଙ୍କୁ ଗିରଫ କରିଛି। ବେଆଇନ ଭାବେ ସଂଗୃହୀତ ୧୭ କୋଟି ଟଙ୍କାକୁ ସିଂ ହାୱାଲା ଚ୍ୟାନେଲ ଜରିଆରେ ସାଉଥ୍ ଗ୍ରୁପ୍ ପାଖକୁ ପଠାଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ତାଙ୍କୁ ଜେରା ପାଇଁ ରିମାଣ୍ଡରେ ନେଇପାରେ। ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି, ଯେଉଁଥିରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ନାଁ ରହିଛି।

# ଛାଡ଼ପତ୍ର ପାଇଁ ସମାନ ଆଇନ ହେଉ

## ସୁପ୍ରିମକୋର୍ଟଙ୍କୁ ଶାମିଙ୍କ ସ୍ତ୍ରୀଙ୍କ ନିବେଦନ


ହାସିନ ଜାହାଁ

ଛାଡ଼ପତ୍ର ପାଇଁ ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ ସମାନ ଆଇନ ଓ ସମାନ ପ୍ରକ୍ରିୟା ଅବଲମ୍ବନ କରାଯାଉ ବୋଲି କ୍ରିକେଟର ମହମ୍ମଦ ଶାମିଙ୍କ ସ୍ତ୍ରୀ ହାସିନ ଜାହାଁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ତଲାକ ଦେବାର ଏକମାତ୍ର ଅଧିକାର ମୁସଲମାନ ପୁରୁଷଙ୍କୁ ଦେଉଥିବା ତଲାକ-ଇ-ହସନ ଓ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଛାଡ଼ପତ୍ର ବ୍ୟବସ୍ଥାକୁ ରଦ୍ଦ କରାଯିବାକୁ ସେ ଅନୁରୋଧ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନକୁ ଅନୁରୂପ ସାଧାରଣ ପ୍ରସଙ୍ଗ ଉଠାଉଥିବା ପିଟିଶନ ସହ ଏକାଠି ଶୁଣାଣି କରିବାକୁ ତାଲିକାଭୁକ୍ତ କରିଛନ୍ତି।

ଶାମିଙ୍କ ସ୍ତ୍ରୀଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପ୍ରକାଶ ପିଟିଶନ ଦାଏର କରିଥିଲେ। ନ୍ୟାୟିକ ବ୍ୟବସ୍ଥା ବାହାରେ ଏକପାଖିଆ ତଲାକ ଏବଂ ତଲାକ-ଇ-ହସନ ବ୍ୟବସ୍ଥାରେ ସେ ଅତିଷ୍ଠ ବୋଲି ଆବେଦନକାରିଣୀ ପିଟିଶନରେ ଦର୍ଶାଇଛନ୍ତି। ସ୍ୱାମୀ ମହମ୍ମଦ ଶାମିଙ୍କଠାରୁ ହାସିନ ତଲାକ-ଇ-ହାସନ ବ୍ୟବସ୍ଥାରେ ୨୦୨୨ ଜୁଲାଇ ୨୩ରେ ପ୍ରଥମ ତଲାକ ନୋଟିସ ପାଇଥିଲେ। ଏହା ପରେ ଆବେଦନକାରିଣୀ ତାଙ୍କ ନିକଟ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କ ସ୍ୱାମୀମାନେ ମଧ୍ୟ ସେମାନଙ୍କୁ ମନଇଚ୍ଛା ଏକପାଖିଆ ଭାବେ ଛାଡ଼ପତ୍ର ଦେଇଥିବା ସେ ଜାଣିବାକୁ ପାଇଥିଲେ। ତଲାକ-ଇ-ହସନ ଏବଂ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଏକପାଖିଆ ତଲାକ, ଯାହା ଏବେ ମଧ୍ୟ ମୁସଲମାନ ପର୍ସନାଲ ଲ (ଶରିଆତ୍),୧୯୩୭ ଅନୁଯାୟୀ ବଳବତ୍ତର ରହିଆସିଛି। ଏକ ବୃହତ୍ତର ପ୍ରସଙ୍ଗ ଦୃଷ୍ଟିରୁ ଏହାର ନ୍ୟାୟିକ ନିର୍ଣ୍ଣୟ ପାଇଁ ଆବେଦନକାରିଣୀ ସର୍ବୋଚ୍ଚ ନ୍ୟାୟାଳୟକୁ ନିବେଦନ କରିଛନ୍ତି। ଶରିଆତ୍‌ରେ ଚଳିଆସୁଥିବା କଠୋର ପ୍ରଥାର ସେ ଶିକାର ହୋଇଥିବା କୋର୍ଟଙ୍କୁ ଜଣାଇଛନ୍ତି।

# ଅବସର ନେବାବେଳେ ଭାବବିହ୍ୱଳ ହେଲେ ଜଷ୍ଟିସ୍ ଶାହ


ଜଷ୍ଟିସ୍ ଏମ୍.ଆର୍. ଶାହ

ସୁପ୍ରିମକୋର୍ଟର ଚତୁର୍ଥ ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ଏମ୍.ଆର୍. ଶାହ ସୋମବାର ଅବସର ଗ୍ରହଣ କରିଛନ୍ତି। କୋର୍ଟ ରୁମ୍‌ରେ ତାଙ୍କର ଶେଷ କାର୍ଯ୍ୟଦିବସରେ ଜଷ୍ଟିସ୍ ଶାହ ଭାବବିହ୍ୱଳ ହୋଇଯାଇଥିଲେ। ସେ ଅବସର ନେବା ଲୋକ ନୁହନ୍ତି, ଜୀବନର ଏକ ନୂଆ ଇନିଂସ ଆରମ୍ଭ କରିବେ। ଏଥିପାଇଁ ଭଗବାନ ତାଙ୍କୁ ଶକ୍ତି, ସାହସ ଓ ଉତ୍ତମ ସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ଜଷ୍ଟିସ ଶାହ ଭାଙ୍ଗିପଡ଼ିଥିଲେ ଏବଂ ଅଭିନେତା ରାଜ କପୁରଙ୍କ ଗୀତ 'ଜିନା ୟାହାଁ, ମରନା ୟାହାଁ'ର ଏକ ଧାଡ଼ି ଆବୃତ୍ତି କରିଥିଲେ। ଜଷ୍ଟିସ୍ ଶାହ ୨୦୧୮ ନଭେମ୍ବର ୨ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ସଂଖ୍ୟା ୩୨କୁ ହ୍ରାସ ପାଇଛି। ଦିନକ ପୂର୍ବରୁ ଜଷ୍ଟିସ ଦିନେଶ ମାହେଶ୍ୱରୀ ଅବସର ଗ୍ରହଣ କରିଥିଲେ।

# କର୍ନାଟକ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ହୋଇପାରୁନି

- ପରାମର୍ଶ ପାଇଁ ଦିଲ୍ଲୀରେ ସିଦ୍ଧାରାମାୟା
- ଖାର୍ଗେଙ୍କୁ ଭେଟିଲେ ୩ ପର୍ଯ୍ୟବେକ୍ଷକ



**ନୂଆଦିଲ୍ଲୀ, ୧୫।୫**

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇପାରୁନି। ବରିଷ୍ଠ ନେତା ସିଦ୍ଧାରାମାୟା ଏବଂ ଦଳର ରାଜ୍ୟ ସଭାପତି ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ହୋଇଥିବାବେଳେ କାହାକୁ ରାଜ୍ୟ ନେତୃତ୍ୱ ଦିଆଯିବ, ତାକୁ ନେଇ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ଅଡୁଆରେ ପଡ଼ିଛି। ବେଙ୍ଗାଲୁରୁରେ ନବନିର୍ବାଚିତ କଂଗ୍ରେସ ବିଧାୟକମାନଙ୍କ ସହ ଆଲୋଚନା କରିବା ପରେ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ସିନ୍ଦେ, ଜିତେନ୍ଦ୍ର ସିଂ ଏବଂ ଦୀପକ ବାବରିଆ ସୋମବାର ଦିଲ୍ଲୀ ଯାଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ସେମାନେ କର୍ନାଟକରେ ପରବର୍ତ୍ତୀ ସରକାର ଗଠନ ନେଇ ଖାର୍ଗେଙ୍କ ସହ ବିଚାରବିମର୍ଶ କରିଥିଲେ। ସେମାନଙ୍କ ସହ ସଂଗଠନ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ କର୍ନାଟକ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ମଧ୍ୟ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଉପରେ ୬ ଶୀର୍ଷ ନେତା ଆଲୋଚନା କରିବା ସହ ନବନିର୍ବାଚିତ ବିଧାୟକମାନଙ୍କ ମତାମତକୁ ଅନୁଧ୍ୟାନ କରିଥିଲେ। ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷକମାନେ ବିଧାୟକମାନଙ୍କ ସହ ଜଣ ଜଣକରି କଥା ହୋଇ ସେମାନଙ୍କ ମତାମତ ନେଇଥିଲେ। ସରକାର ଗଠନ ନେଇ ଅଧିକ ଆଲୋଚନା ଲାଗି କଂଗ୍ରେସ ନେତୃତ୍ୱଙ୍କ ଡାକରାରେ ସିଦ୍ଧାରାମାୟା ଦିଲ୍ଲୀରେ ପହଞ୍ଚିଥିବାବେଳେ ଶିବକୁମାର ଖୁବ୍‌ଶୀଘ୍ର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ପଦବୀ ଲାଗି ଉଭୟଙ୍କ ପାଇଁ ଜୋର୍‌ଦାର ଲବି ହେଉଛି। ଏନେଇ ଦଳ ଅଧ୍ୟକ୍ଷ ଖାର୍ଗେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନବନିର୍ବାଚିତ ବିଧାୟକମାନେ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଡାକରା ସତ୍ତ୍ୱେ ଶିବକୁମାର ଦିଲ୍ଲୀ ନ ଯାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସିଦ୍ଧାରାମାୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ତାଙ୍କ ଉପରେ ଭରସା ରହିଛି ଓ ସେ କର୍ନାଟକର ନେତୃତ୍ୱ ନେବେ ବୋଲି ସୋନିଆ ଗାନ୍ଧୀ କହିଥିଲେ। ସେ କର୍ନାଟକରେ ରହି ତାଙ୍କ ନିୟମିତ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବିଜୟ ପଛର ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ନିମନ୍ତେ ସେମାନଙ୍କର ସୌଜନ୍ୟ ରହିବା ଆବଶ୍ୟକ। ନିର୍ବାଚନରେ ସମସ୍ତ ୧୩୫ ବିଧାୟକଙ୍କୁ ଜିତାଇବାର ଶ୍ରେୟ ତାଙ୍କର ବୋଲି ଶିବକୁମାର ଦାବି କରିଛନ୍ତି। ଅନ୍ୟମାନଙ୍କ ସଂଖ୍ୟା ସମ୍ପର୍କରେ କହିବା କ୍ଷମତା ତାଙ୍କର ନାହିଁ। ତାଙ୍କ ସଭାପତିତ୍ୱରେ ଦଳ ନିର୍ବାଚନ ଜିତିଛି। କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ନବନିର୍ବାଚିତ ବିଧାୟକମାନେ ଧାଡ଼ିକିଆ ପ୍ରସ୍ତାବ ଗୃହୀତ କରାଇଥିବା ଶିବକୁମାର କହିଥିଲେ।


କର୍ନାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ଘର ଆଗରେ ସମର୍ଥକଙ୍କ ଭିଡ଼।

## ୧୦୦ କୋଟି ଟଙ୍କାର ମାନହାନି ମାମଲା

# ଖାର୍ଗେଙ୍କୁ ପଞ୍ଜାବ କୋର୍ଟଙ୍କ ସମନ

**ନୂଆଦିଲ୍ଲୀ, ୧୫।୫**

୧୦୦ କୋଟି ଟଙ୍କାର ମାନହାନି ମାମଲାରେ ପଞ୍ଜାବର ଏକ ଅଦାଲତ ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସମନ ଜାରି କରିଛନ୍ତି। କଂଗ୍ରେସ ଏହାର କର୍ନାଟକ ନିର୍ବାଚନୀ ଇସ୍ତାହାରରେ ବେଆଇନ ଇସ୍‌ଲାମିକ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଂଗଠନ ବଜରଙ୍ଗ ଦଳ ସହ ତୁଳନା କରିଥିବାରୁ ଖାର୍ଗେଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇଛି। ବଜରଙ୍ଗ ଦଳ ହିନ୍ଦୁସ୍ତାନର ମୁଖ୍ୟ ବୋଲି ଦାବି କରୁଥିବା ହିତେଶ ଭରଦ୍ୱାଜଙ୍କ ଅଭିଯୋଗକ୍ରମେ ସଙ୍ଗୁର ଜିଲା କୋର୍ଟ କଂଗ୍ରେସ ଅଧ୍ୟକ୍ଷଙ୍କୁ ସମନ କରିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ଓ ଘୃଣାର ପ୍ରସାର କରାଉଥିବା ବଜରଙ୍ଗ ଦଳ, ପିଏଫ୍‌ଆଇ ଆଦି ସଂଗଠନକୁ ବେଆଇନ ଘୋଷଣା କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ କୁହାଯାଇଥିଲା।

# ୱାଙ୍ଖେଡ଼େଙ୍କ ବିରୋଧରେ ସିବିଆଇ ଏତଲା

## ଶାହରୁଖଙ୍କ ପରିବାରଠାରୁ ୨୫ କୋଟି ଦାବି କରିଥିଲେ


ସମୀର ୱାଙ୍ଖେଡ଼େ

**ମୁମ୍ବାଇ, ୧୫।୫**

୨୫ କୋଟି ଟଙ୍କା ନ ଦେଲେ ନିଶା କାରବାର ଅଭିଯୋଗରେ ପୁଅ ଆର୍ୟନ ଖାନ୍‌ଙ୍କ ବିରୋଧରେ ମାମଲା ଦାଏର କରାଯିବ ବୋଲି ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପରିବାରକୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖେଡ଼େ ଧମକ ଦେଇଥିଲେ। ଏନେଇ ସିବିଆଇ ତାଙ୍କ ବିରୋଧରେ ଏତଲା ଦାଏର କରିଛି। ୨୦୨୧ ଅକ୍ଟୋବରରେ ୱାଙ୍ଖେଡ଼େଙ୍କ ନେତୃତ୍ୱରେ ଏନ୍‌ସିବି ଟିମ୍ ମୁମ୍ବାଇ ଉପକୂଳରେ ରେଭ୍ ପାର୍ଟି ଚାଲିଥିବା ଏକ କ୍ରୁଜ୍ ଜାହାଜ ଉପରେ ଚଢ଼ାଉ କରି ଆର୍ୟନଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥିଲେ। ତେବେ ଆର୍ୟନଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପାଇଁ ଲାଞ୍ଚ ମାଗିବା ଅଭିଯୋଗରେ ସିବିଆଇ ୱାଙ୍ଖେଡେଙ୍କ ବିରୋଧରେ ଦୁର୍ନୀତି ଏବଂ ଆପରାଧିକ ଆଚରଣ ଅଭିଯୋଗରେ ମାମଲା ରୁଜୁ କରିଛି। ତତ୍କାଳୀନ ଏନ୍‌ସିବି ଜୋନାଲ ନିର୍ଦ୍ଦେଶକ ଏବଂ ଗୋଇନ୍ଦା ଅଧିକାରୀ ଆଶିଷ ରଞ୍ଜନଙ୍କ ବିରୋଧରେ ସିବିଆଇ ତଦନ୍ତରୁ ସେମାନଙ୍କ ସମ୍ପତ୍ତି ଘୋଷିତ ଆୟଠାରୁ ଯଥେଷ୍ଟ ଅଧିକ ଥିବା ଜଣାପଡ଼ିଛି। ବିଦେଶ ଭ୍ରମଣ ଓ ଏଥିରେ ବ୍ୟୟ କରିଥିବା ଅର୍ଥ ସମ୍ପର୍କରେ ୱାଙ୍ଖେଡ଼େ ଠିକ୍ ଭାବେ ଉତ୍ତର ଦେଇପାରି ନ ଥିଲେ। ଏତଲାରେ ଅନ୍ୟ ଯେଉଁମାନଙ୍କ ନାମ ରହିଛି ସେମାନେ ହେଲେ ଏନ୍‌ସିବିର ତତ୍କାଳୀନ ବରିଷ୍ଠ ଅଧିକାରୀ ବିଶ୍ୱ ବିଜୟ ସିଂ ଓ ଆଶିଷ ରଞ୍ଜନ, କେ.ପି. ଗୋସାଭି ଏବଂ ତାଙ୍କ ସହଯୋଗୀ ସାନଭିଲେ ଡି'ସୌଜା। ଗୋସାଭି ଡ୍ରଗ୍ସ ମାମଲାର ସାକ୍ଷୀ ରହିଥିବାବେଳେ ଆର୍ୟନ ଗିରଫ ସମୟରେ ତାଙ୍କ ସହ ସେଲ୍‌ଫି ନେଇଥିଲେ। ଏନ୍‌ସିବି କର୍ମଚାରୀ ନ ହୋଇ ଗୋସାଭିଙ୍କୁ ଅଭିଯୁକ୍ତଙ୍କ ପାଖକୁ କ'ଣ ପାଇଁ ଛଡ଼ାଯାଇଥିଲା ବୋଲି ସେତେବେଳେ ପ୍ରଶ୍ନ ଉଠିଥିଲା। ଶାହରୁଖଙ୍କ ପରିବାରକୁ ୨୫ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ଶେଷରେ ୧୮ କୋଟି ଦେବା ପାଇଁ ବୁଝାମଣା ହୋଇଥିଲା। ଲାଞ୍ଚ ଅର୍ଥରୁ ୫୦ ଲକ୍ଷ ଟଙ୍କା ଗୋସାଭି ଓ ତାଙ୍କ ସହଯୋଗୀ ଡି'ସୌଜା ନେଇଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି।

# ଇମ୍ରାନ୍‌ଙ୍କ ସ୍ତ୍ରୀଙ୍କୁ ଜାମିନ

**ଇସ୍‌ଲାମାବାଦ୍,୧୫।୫**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ସୋମବାର ଲାହୋର ହାଇକୋର୍ଟ ମେ ୨୩ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିଛନ୍ତି। ଉକ୍ତ ମାମଲାରେ ପୂର୍ବରୁ ଇମ୍ରାନ୍ ଖାନ୍‌ଙ୍କୁ ଜାମିନ ମିଳିଥିଲା। ସୁଫିବାଦର ପ୍ରସାର ପାଇଁ ୨୦୧୯ରେ ଅଲ୍-କାଦିର ୟୁନିଭର୍ସିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ୫୩୦ ନିୟୁତ ପାକିସ୍ତାନୀ ଟଙ୍କା ମୂଲ୍ୟର ଉକ୍ତ ଜମିକୁ ବହରିଆ ଟାଉନ୍ ହଲ୍ ପକ୍ଷରୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ଅଲ୍-କାଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ଏ ନେଇ ପାକିସ୍ତାନ ରାଜକୋଷକୁ ୫୦ ବିଲିୟନ୍ ରୁପି କ୍ଷତି ସହିବାକୁ ପଡ଼ିଥିଲା।


ବୁଶ୍ରା ବିବି

# ୨୦୨୪ରେ କଂଗ୍ରେସକୁ ସମର୍ଥନ କରିବେ ମମତା

**କୋଲକାତା, ୧୫।୫**

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ ବିରୋଧୀ ଶିବିରର ନେତାମାନଙ୍କୁ ନିଷ୍ପତ୍ତିର ପୁନର୍ବିଚାର କରିବାର ସୁଯୋଗ ଦେଇଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡ଼ିକର ପ୍ରସ୍ତାବିତ ମେଣ୍ଟର ନେତୃତ୍ୱ କଂଗ୍ରେସ ନେବା ନେଇ ହେଉଥିବା ଆଲୋଚନାକୁ ବିରୋଧ କରୁଥିବା ନେତାମାନେ ଏବେ ଭିନ୍ନ ଚିନ୍ତା କରିବା ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ କାହା ସହିତ ମେଣ୍ଟ ନ କରି ଏକାକୀ ଲଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ଘୋଷଣା କରିଥିଲେ। ଏବେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଦୂର କରିବା ଦିନରେ କାମ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ କଂଗ୍ରେସକୁ ସାମିଲ କରିବା ଯୋଜନା ରହିଛି। ରାଜ୍ୟ ସଚିବାଳୟରେ ଏକ ଖବରଦାତା ସମ୍ମିଳନୀରେ ମମତା କହିଛନ୍ତି, ୨୦୨୪ ଲଢ଼େଇରେ ଆଞ୍ଚଳିକ ଦଳଗୁଡ଼ିକୁ ଉଲ୍ଲେଖନୀୟ ଭୂମିକା ମିଳିବା ଆବଶ୍ୟକ। ଏହି ଅବସରରେ କଂଗ୍ରେସକୁ ସାଥିରେ ନେବା ପାଇଁ ସେ ସୂଚନା ଦେଇଛନ୍ତି। ଯେଉଁଠି ଆଞ୍ଚଳିକ ଦଳ ଦୃଢ଼, ସେଠାରେ ଭାଜପା ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନାହିଁ। କର୍ନାଟକ ଜନାଦେଶ ଭାଜପା ବିରୋଧରେ ରାୟ। ଜନସାଧାରଣ ଭାଜପା ପ୍ରତି ବିମୁଖ। ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ। ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଉଛି। ଏପରିକି କୁସ୍ତିଯୋଦ୍ଧାମାନଙ୍କୁ ମଧ୍ୟ ଛଡ଼ାଯାଉନାହିଁ ବୋଲି ମମତା କହିଥିଲେ।



# ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଲେ ପାଇଲଟ୍

## ୫ ଦିନିଆ ଜନସଂଘର୍ଷ ଯାତ୍ରା ଶେଷ

**ଜୟପୁର, ୧୫।୫**

ରାଜସ୍ଥାନର ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ସୋମବାର ତାଙ୍କର ୫ ଦିନିଆ ଜନସଂଘର୍ଷ ଯାତ୍ରା ଉଦ୍‌ଯାପନ କରିଛନ୍ତି। ବସୁନ୍ଧରା ରାଜେଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ଯଦି ଗେହଲଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ନିଜ ଦଳର ସରକାର ବିରୋଧରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବେ ବୋଲି ପାଇଲଟ ଚେତାବନୀ ଦେଇଛନ୍ତି। ଗେହଲଟ ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କ ଦାବି ମାନିନେବା ଲାଗି ଅସନ୍ତୁଷ୍ଟ ନେତା ପାଇଲଟ ନୋଟିସ ଦେଇଛନ୍ତି। ପଦଯାତ୍ରା ଶେଷ ଦିନରେ ପାଇଲଟଙ୍କ ସହ ୧୫ କଂଗ୍ରେସ ବିଧାୟକ ଉପସ୍ଥିତ ଥିଲେ।

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ପରେ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାରଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ଏନେଇ ଦଳର କେନ୍ଦ୍ରୀୟ ନେତୃତ୍ୱ ଚିନ୍ତାରେ ପଡ଼ିଥିବାବେଳେ ରାଜସ୍ଥାନ କଂଗ୍ରେସରେ ଗେହଲଟ ଓ ପାଇଲଟ କ୍ଷମତା ଲଢ଼େଇ ଜୋର୍ ଧରିଛି। ଜନସଂଘର୍ଷ ଯାତ୍ରା ନାମରେ ପାଇଲଟ ଗେହଲଟଙ୍କ ଉପରେ ଚାପ ପକାଉଛନ୍ତି। ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନ (ଆର୍‌ପିଏସ୍‌ସି)କୁ ରଦ୍ଦ କରିବା ଏବଂ ପେପର ଲିକ୍ କାରଣରୁ ସରକାରୀ ନିଯୁକ୍ତି ପରୀକ୍ଷା ବାତିଲ ହେବାରୁ ଯେଉଁମାନେ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ କ୍ଷତିପୂରଣ ଦେବା ଲାଗି ପାଇଲଟ ଦାବି କରିଛନ୍ତି। ଗତ ମାସରେ ମଧ୍ୟ ପାଇଲଟ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୋଟିଏ ଦିନ ଅନଶନରେ ବସିଥିଲେ।


ସଚିନ ପାଇଲଟ୍

# ୧୭ ସହର ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଘୋଷିତ

## ମ୍ୟାନ୍‌ମାରରେ ବାତ୍ୟା ବିପ୍ଳବ

### ଉଜୁଡ଼ିଯାଇଛି ସବୁଠୁ ବଡ଼ ଶରଣାର୍ଥୀ ଶିବିର

**ଢାକା/ୟାଙ୍ଗୋନ, ୧୫।୫**

ବାତ୍ୟା ମୋଚା ପ୍ରଭାବରେ ବାଂଲାଦେଶ ଓ ମ୍ୟାନ୍‌ମାରରେ ବହୁ କ୍ଷତି ଘଟିଛି। ବର୍ଷା ଓ ଭୀଷଣ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୫ ଝଡ଼ର ବଳ ରଖିଥିବା ମୋଚାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଏବେ ବାସହରା ହୋଇଛନ୍ତି। ବାଂଲାଦେଶରେ ଥିବା ବିଶ୍ୱର ସବୁଠୁ ବଡ଼ ଶରଣାର୍ଥୀ ଶିବିର ଅଧିକ ପ୍ରଭାବିତ ହୋଇଥିବାବେଳେ ୧୩୦୦ ଆଶ୍ରୟସ୍ଥଳୀ ଭାଙ୍ଗି ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ସାଙ୍ଗକୁ ବନ୍ୟାସ୍ଥିତି ଦେଖାଦେଇଛି।

ମୋଚା ପ୍ରଭାବରେ ମ୍ୟାନ୍‌ମାର ରାଖିନେ ଜିଲାର ୧୭ ସହର କ୍ଷତିଗ୍ରସ୍ତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଫିଉ, ମାନାଉଙ୍ଗ, ରାମରି, ଆନ, ସିଟୱେ, ପାଉକଟ, ପୋନାଜିଅମ, ଗୱା ଆଦି ଇଲାକାକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପ୍ରଭାବିତ ସ୍ଥାନରେ ବହୁ ଧନ ଜୀବନ ନଷ୍ଟ ହୋଇଛି।

ବାତ୍ୟା ମୋଚା ରବିବାର ବାଂଲାଦେଶ-ମ୍ୟାନ୍‌ମାର ସୀମାରେ ଲ୍ୟାଣ୍ଡଫଲ କରିବା ପରେ ଏହି ସାମୁଦ୍ରିକ ଝଡ଼ ଉତ୍ତର ଏବଂ ଉତ୍ତର ପୂର୍ବ ଅଡ଼କୁ ଅଗ୍ରସର ହେବ। ଚାଇନା ଷ୍ଟେଟ୍ ଏବଂ ମାଗୱେ ରେଜିଅନ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ମ୍ୟାନ୍‌ମାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ମାଗୱେରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଗତ ୫୫ ବର୍ଷର ରେକର୍ଡ ଭାଙ୍ଗିଛି। ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ସାମୁଦ୍ରିକ ଝଡ଼ ମୋଚା ପ୍ରଭାବରେ ଦକ୍ଷିଣ ଏସୀୟ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୧୬/୨୦୨୩ | Bhubaneswar, Tuesday, May 16/2023 | ପୃଷ୍ଠା-୧




## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

ଆସନ୍ତା ମେ' ୧୬ରୁ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ କାନ୍ ଫିଲ୍ମ ଫେଷ୍ଟିଭାଲ ଆୟୋଜନ ହେଉଥିବାବେଳେ ସେଥିରେ ବଲିଉଡ୍‌ରୁ ଅନୁଷ୍କା ଶର୍ମା ଯୋଗଦେବେ।

୧୦

୧୨

## ଶୁବମନ ଗିଲ୍‌ଙ୍କ ଶତକ

ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟାନ୍ସର ଶୁବମନ ଗିଲ୍।





ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଚାଲିଥିବା କୁସ୍ତିଯୋଦ୍ଧାଙ୍କ ଆନ୍ଦୋଳନରେ ସୋମବାର ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ସହ ଅନ୍ୟମାନେ।

# ଭୁବନେଶ୍ୱରରୁ ଦୁବାଇ ବିମାନ ସେବା ଆରମ୍ଭ

## ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)



ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଓ ଦୁବାଇ ମଧ୍ୟରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ଉଡ଼ିଲା ବିମାନ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପତାକା ଦେଖାଇ ଏହି ବିମାନ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସଂଯୋଗୀକରଣ ବିକାଶର ଚାବିକାଠି, ରାଜ୍ୟ ସରକାର ଏଥିପାଇଁ ସର୍ବଦା ପ୍ରୟାସରତ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦ୍ୱାରା ଏହା ସବୁଠାରୁ ବଡ଼ ବିମାନ ଚଳାଚଳ ହବ୍ ମଧ୍ୟରୁ ଅନ୍ୟତମ ହେବ। ଦୁବାଇ ଏକ ବିଶ୍ୱସ୍ତରୀୟ ଭ୍ରମଣ ପେଣ୍ଠସ୍ଥଳୀ ହୋଇଥିବାରୁ ☞ପୃଷ୍ଠା-୨

# ଟୋକନରେ ତ୍ରୁଟି, ଧାନ ବିକ୍ରି ହୋଇପାରୁନି

*ଟୋକନ ଜରିଆରେ ପଞ୍ଜୀକୃତ ଚାଷୀଙ୍କଠାରୁ କେତେ ପରିମାଣର ଧାନ ସଂଗ୍ରହ କରାଯିବ ତାହା ପୂର୍ବରୁ ଧାର୍ଯ୍ୟ ହେଉଛି। ହେଲେ ଏହି ବ୍ୟବସ୍ଥା ତ୍ରୁଟି ଶୂନ୍ୟ ନ ହେବା କାରଣରୁ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ବରଗଡ଼ ଜିଲାର ଚାଷୀମାନେ ଟୋକନ ତ୍ରୁଟି ଯୋଗୁ ଧାନ ବିକି ପାରି ନ ପାରି ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।*

- ୬୫ କ୍ୱିଣ୍ଟାଲ ପରିବର୍ତ୍ତେ ୨କ୍ୱିଣ୍ଟାଲ ପାଇଁ ମିଳୁଛି ଟୋକନ୍
- ତ୍ରୁଟିକୁ ନେଇ ବଢ଼ୁଛି ଚାଷୀ ଅସନ୍ତୋଷ

ବରଗଡ଼ ଅଫିସ୍, ୧୫।୫

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ମାତ୍ର ଧାନ ସଂଗ୍ରହ ଆରମ୍ଭରୁ ନାନା ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନରେ ତ୍ରୁଟି ଏବେ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ରାଜ୍ୟ ସରକାର ଧାନବିକ୍ରିରେ ଟୋକନ୍‌କୁ ବାଧ୍ୟତାମୂଳକ କରିଥିବାବେଳେ ବିଭାଗୀୟ ଅଧିକାରୀମାନେ ଟୋକନ୍ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେହି ଟୋକନ୍‌ରେ ତ୍ରୁଟି ଯୋଗୁ ଚାଷୀମାନେ ନିଜ ଅମଳ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଜିଲାର ଅଣଜଳସେଚିତ ଅଞ୍ଚଳର ଅନେକ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ପରିଲକ୍ଷିତ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ପଥର୍ଲା, ଗୋବିନ୍ଦପୁର, ଶସ୍ତୁପାଲି ଆଦି ଅଞ୍ଚଳର ଅନେକ ଚାଷୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଟୋକନ୍‌ରେ ରହିଥିବା ତ୍ରୁଟିର ତୁରନ୍ତ ସଂଶୋଧନ ସହ ସେମାନଙ୍କ ଧାନ କିଣିବାକୁ ଦାବି କରିଥିଲେ।

ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କଠାରୁ ସର୍ବାଧିକ ଅଢ଼େଇ ଏକର ଜମି ପାଇଁ ୬୫ କୁଇଣ୍ଟାଲ ଧାନ କିଣିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ପଥର୍ଲା, ଗୋବିନ୍ଦପୁର ସମେତ ବିଭିନ୍ନ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ମିଳିଥିବା ଟୋକନରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୬୫ କୁଇଣ୍ଟାଲ ବଦଳରେ ୨ କୁଇଣ୍ଟାଲ, ୧୩ କୁଇଣ୍ଟାଲ, ୨୩ କୁଇଣ୍ଟାଲ, ୨୫ କୁଇଣ୍ଟାଲ ଉଲ୍ଲେଖ ରହିଛି, ଯାହାକି ବିକ୍ରିଯୋଗ୍ୟ ଧାନ ପରିମାଣରୁ ଯଥେଷ୍ଟ କମ୍। ପଥର୍ଲା ଗ୍ରାମର ଚାଷୀ ଦେବେନ୍ଦ୍ର ସାହୁଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ☞ପୃଷ୍ଠା-୨

# ଜୁଏଲେରି ଶୋ'ରୁମ୍‌ରୁ ୧୫ କୋଟିର ଗହଣା ଲୁଟ୍

## ଦିନ ଦ୍ୱିପହରରେ ଡକାୟତି

ଯାଜପୁର ଅଫିସ, ୧୫।୫

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଦଳା ଛକ ନିକଟରେ ଥିବା ଜୁଏଲେରି ଶୋ'ରୁମ୍ 'ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ'ରୁ ସୋମବାର ଅପରାହ୍ନ ୧ଟା ୨୫ ମିନିଟ୍‌ରେ ଏକ ବଡ଼ଧରଣର ଡକାୟତି ହୋଇଛି। ୭ଜଣ ମୁଖାପିନ୍ଧା ବ୍ୟକ୍ତି ଶୋ'ରୁମ୍ ଭିତରେ କର୍ମଚାରୀମାନଙ୍କୁ ଏକ କୋଣରେ ବନ୍ଧୁକ ମୁନରେ ରଖି ପ୍ରାୟ ୪୫ ମିନିଟ୍ ମଧ୍ୟରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ହୀରା ଗହଣା ଲୁଟି ନେଇଛନ୍ତି। ସେମାନେ ଦୋକାନର ସିସିଟିଭିଗୁଡ଼ିକର ହାର୍ଡଡିସ୍କକୁ ମଧ୍ୟ ନେଇଯାଇଥିବାବେଳେ ପୂର୍ବଦିଗରେ ୨୦୦ ନମ୍ବର ଜାତୀୟ ରାଜପଥ ପଟକୁ ବାଇକ ଯୋଗେ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜାଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ପ୍ରଥମେ ୨ ଜଣ ବ୍ୟକ୍ତି ଗ୍ରାହକ ସାଜି ଶୋ'ରୁମ୍ ଭିତରକୁ ପଶିଥିଲେ। ସେମାନେ ସୁନା ଦେଖିବାବେଳେ ଜଣେ ବାଥ୍‌ରୁମ୍‌କୁ ଯାଇ ବାହାରେ ଥିବା ଅନ୍ୟ ସାଥୀମାନଙ୍କୁ ଫୋନ୍ ଯୋଗେ ଡାକିଥିଲେ। ଏହାପରେ ଅନ୍ୟ ୫ ଜଣ ଶୋ'ରୁମ୍ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଗେଟ୍‌ରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରି ତାଙ୍କ ବନ୍ଧୁକକୁ ଭାଙ୍ଗି ଦେଇଥିଲେ। ସମସ୍ତ କର୍ମଚାରୀଙ୍କ ମୋବାଇଲ ଲୁଟି ନେଇ ଏକ ବ୍ୟାଗରେ ଭର୍ତ୍ତି କରି ଦେଇଥିଲେ। ପୂର୍ବରୁ ଶୋରୁମର କାଚରେ ଲାଗିଥିବା ପରଦାଗୁଡ଼ିକ ଢଙ୍କାହୋଇଥିବାରୁ ଲୁଟେରାମାନଙ୍କୁ ତାହା ସୁହାଇଥିଲା। ଲୁଟେରାମାନେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଶତ୍ରୁର ଶତ୍ରୁ






# କ୍ଷତିପୂରକ ବନୀକରଣ ପାଇଁ ଗଠନ ହେବ ଲ୍ୟାଣ୍ଡ ବ୍ୟାଙ୍କ

## ସବୁ ଜିଲାରେ ପତିତ ଜମି ଚିହ୍ନଟ ହେବ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ଶିଳ୍ପାୟନ, ସହରୀକରଣ, ଜନସଂଖ୍ୟା ବୃଦ୍ଧି ଯୋଗୁ ରାଜ୍ୟରେ ଜଙ୍ଗଲ ନଷ୍ଟହେବାରେ ଲାଗିଛି। ବିକାଶ ନାଁରେ ବ୍ୟାପକ ଗଛ କାଟି ପଦା କରାଯାଉଛି। ଅନ୍ୟପକ୍ଷରେ ନୂଆ ଜଙ୍ଗଲ ପାଇଁ ଜାଗା ନାହିଁ। ଏଥିଲାଗି ସରକାର ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରତ୍ୟେକ ଜିଲାରେ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯିବ। ଯେଉଁ ରାଜସ୍ୱ ଜମିକୁ ଜଙ୍ଗଲ ଅଞ୍ଚଳ ଘୋଷଣା କରାଯାଇଛି, ମାତ୍ର ସେଠାରେ କାଁ ଭାଁ ଗଛ ରହିଛି, ସେଭଳି ପତିତ ଜମିକୁ ଲ୍ୟାଣ୍ଡ ବ୍ୟାଙ୍କରେ ସାମିଲ କରାଯିବ। ରାଜସ୍ୱ ବିଭାଗର ଅବହେଳିତ ଜଙ୍ଗଲ ଜମିଗୁଡ଼ିକୁ ଚିହ୍ନଟ କରିବା ପାଇଁ ଜିଲାସ୍ତରରେ ଏକ କମିଟି ଗଠନ କରାଯିବ। ତେବେ ଏହି ଜମି ଅତିକମ୍‌ରେ ୨୫ ହେକ୍ଟର ହୋଇଥିବ। ଯଦି ଏହି ଜମି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କିମ୍ବା ବନ୍ୟଜନ୍ତୁ କରିଡର ହୋଇଥିବ ତେବେ ଏହାର କୌଣସି ସୀମା ନିର୍ଦ୍ଧାରଣର ଆବଶ୍ୟକତା ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ଜମିଗୁଡ଼ିକୁ କେବଳ ରାଜ୍ୟ ☞ପୃଷ୍ଠା-୨

# ଖରାଠୁ ବଳିଗଲା ଗୁଳୁଗୁଳି

## ବଲାଙ୍ଗୀରରେ ୪୪ ଡିଗ୍ରୀ ଟପିଲା ପାରଦ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ସୋମବାର ସାରା ରାଜ୍ୟରେ ଅସହ୍ୟ ଖରାତାତି ସହ ପ୍ରବଳ ଗୁଳୁଗୁଳି (ହିଟ୍ ୱେଭ୍) ଅନୁଭୂତ ହୋଇଥିଲା। ସକାଳ ୯ଟାରୁ ମୁଣ୍ଡଫଟା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ପଶ୍ଚିମ ଓଡ଼ିଶାରେ ସ୍ଥିତି ସବୁଠୁ ବିଗିଡି ଯାଇଥିଲା। ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱର ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଅପେକ୍ଷାକୃତ ତାପମାତ୍ରା କମ୍ ଥିଲେ ମଧ୍ୟ ସାନ୍ଦ୍ରତା ବେଶି କାରଣରୁ ଅଧିକ ଗୁଳୁଗୁଳି ହୋଇଥିଲା। ଦିନ ବଢ଼ିବା ସହ ଗୁଳୁଗୁଳି ତାତିଠୁ ବଳିଯାଇଥିଲା। ଲୋକେ ରାତି ପର୍ଯ୍ୟନ୍ତ ଘର ଭିତରେ ମଧ୍ୟ ସ୍ୱାଭାବିକ ଭାବେ ରହିପାରି ନ ଥିଲେ। ଗ୍ରାମାଞ୍ଚଳ ଓ କେତେକ ସହରରେ ବାରମ୍ବାର ବିଜୁଳି କାଟ ଲୋକଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥିଲା। ୨ରୁ ୩ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରା ୪୫ଂ ଡିଗ୍ରୀ ଟପିବା ନେଇ ☞ପୃଷ୍ଠା-୨

# ସମୁଦ୍ରତଳେ ୭୪ ଦିନ

## ଫ୍ଲୋରିଡା ପ୍ରଫେସର କଲେ ୱାର୍ଲ୍ଡ ରେକର୍ଡ

ତାଲାହାସି, ୧୫।୫

ଗ୍ରହ, ନକ୍ଷତ୍ର ଓ ତାରକାପୁଞ୍ଜ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଜ୍ୟୋତିର୍ବିଜ୍ଞାନିମାନଙ୍କୁ ଅନେକ ମାସ ମହାକାଶରେ ରହିବାକୁ ପଡ଼େ। ସେହିପରି ସମୁଦ୍ରର ଗଭୀର ଜଳରେ ବାସ କରୁଥିବା ପ୍ରାଣୀଙ୍କ ସମ୍ବନ୍ଧରେ ଜାଣିବାକୁ ହେଲେ ସମୁଦ୍ର ବୁଡ଼ାଳିମାନଙ୍କୁ ମଧ୍ୟ ଅନେକ ଦିନ ଗଭୀର ଜଳରେ ରହିବାକୁ ପଡ଼ିଥାଏ। କିନ୍ତୁ ଏବେ ସମୁଦ୍ରର ଗଭୀର ଜଳରାଶିତଳେ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ରହି ଫ୍ଲୋରିଡା ୟୁନିଭର୍ସିଟି ପ୍ରଫେସର ୱାର୍ଲ୍ଡ ରେକର୍ଡ କରିଛନ୍ତି। ୟୁନିକ୍ ବାୟୋଲଜି ଷ୍ଟଡି ପାଇଁ 'ପ୍ରୋଜେକ୍ଟ ନେପ୍‌ଚୁନ୍ ୧୦୦' ପ୍ରୋଜେକ୍ଟ ଜରିଆରେ ପ୍ରଫେସର



ପ୍ରଫେସର ଜୋଶେଫ ଡିଟୁରି

ଜୋଶେଫ ଡିଟୁରି ସମୁଦ୍ର ମଧ୍ୟକୁ ଓହ୍ଲାଇଛନ୍ତି।

କି ଲାର୍ଗୋରସ୍ଥିତ ଜୁଲ୍ସ ଅଣ୍ଡରସି ଲଜ୍‌ରେ ରହି ଜୋଶେଫ୍ ଏହି ଅଭିଯାନ ଚଳାଇଛନ୍ତି। ସୂଚନାନୁସାରେ, ସ୍ଥଳ ଭାଗରୁ ୩୦ ଫୁଟ ଗଭୀର ତଳେ ଏହି ଲଜ୍ ଅବସ୍ଥିତ। ସମୁଦ୍ର ତଳେ ୭୪ ଦିନ ରହି ରେକର୍ଡ କରିବା ପରେ ଜୋଶେଫ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ କହିଛନ୍ତି, ଅନୁସନ୍ଧାନ କରିବାର ଦୃଢ଼ ଇଚ୍ଛା ତାଙ୍କୁ ଏଠାକୁ ନେଇ ଆସିଛି। କେବଳ ଆଗାମୀ ପିଢ଼ିଙ୍କ ପାଇଁ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କୁ ଅଣ୍ଡରସି ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। ଅଭିଯାନ ଶେଷ ହେବା ଲାଗି ଆଉ ୨୩ ଦିନ ବାକି ଅଛି। ମାର୍ଚ୍ଚ ୧ରେ ଜୋଶେଫ ସମୁଦ୍ର ମଧ୍ୟକୁ ଯାଇଥିବାବେଳେ ଜୁନ୍ ୯ରେ ଏହି ଅଭିଯାନ ଶେଷ ହେବ। ଜାଶେଫଙ୍କ ପୂର୍ବରୁ ଅନ୍ୟ ଦୁଇଜଣ ପ୍ରଫେସର ସମୁଦ୍ର ଜଳରେ ୭୩ ଦିନ ରହି ବିଶ୍ୱ ରେକର୍ଡ କରିଥିଲେ। ଅନ୍ୟପକ୍ଷେ ଜୋଶେଫଙ୍କ ଉପରେ ☞ପୃଷ୍ଠା-୨




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ମେ, ୨୦୨୩






# ଓଡ଼ିଶାରେ ବଜ୍ରପାତ
# ବାର୍ଷିକ ୪୦୦ ଜୀବନହାନି

**ଯାଜପୁର ଅଫିସ,୧୫।୫**

ଭାରତର ବିପର୍ଯ୍ୟୟ ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶା ରହିଆସିଛି। ବାତ୍ୟା, ବନ୍ୟା, ମରୁଡ଼ି ଭଳି ଦୁର୍ବିପାକ ପ୍ରାୟ ପ୍ରତିବର୍ଷ ଘଟୁଛି। ଏଭଳି ବିପର୍ଯ୍ୟୟ ସହ ବଜ୍ରପାତରେ ଅଧିକ ଜୀବନହାନି ଘଟୁଛି। ୧୯୯୯ ମହାବାତ୍ୟା ପରେ ଏଯାଏ ବଜ୍ରପାତରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ବିଶେଷକରି ୨୦୧୫-୧୬ରୁ ବାର୍ଷିକ ହାରାହାରି ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ୨୦୧୭-୧୮ରେ ସର୍ବାଧିକ ୪୭୪ ଲୋକଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି, ଯାହା ପୂର୍ବବର୍ଷ ତୁଳନାରେ ୧୮.୫% ଅଧିକ। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କୃଷକ, ବ୍ୟବସାୟୀ, ହକର ଏବଂ ନିର୍ମାଣ ଶ୍ରମିକ, ଯେଉଁମାନେ ବର୍ଷା ଓ ଘଡ଼ଘଡ଼ି ସମୟରେ ଖୋଲା ସ୍ଥାନରେ କାମ କରୁଥିଲେ କିମ୍ବା ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ଏଭଳି ମୃତ୍ୟୁକୁ ରୋକିବା ପାଇଁ ଜନସଚେତନତା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ପାଣିପାଗ ସଂକ୍ରାନ୍ତରେ ପୂର୍ବାନୁମାନ ଏବଂ ବଜ୍ରପାତ ନିୟନ୍ତ୍ରଣ ଉପରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇଥିବା ମତପ୍ରକାଶ ପାଇଛି। ଯାଜପୁର ରୋଡ୍‌ର ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବଜ୍ରପାତ ବିଶେଷକରି ଗଛଲତା ଅଭାବରୁ ବୃଦ୍ଧି ହେଉଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଳରେ ବ୍ୟାପକ ଗଛକଟା ଚାଲିଛି। ସେହି ତୁଳନାରେ ବୃକ୍ଷରୋପଣ ହୋଇ ପାରୁନାହିଁ। ଏହାସହ ସାଧାରଣ ଲୋକଙ୍କ ମଧ୍ୟରେ ସେତେଟା ସଚେତନତା ସୃଷ୍ଟି କରାଯାଇ ପାରିନାହିଁ। ଏହାସହ ସରକାରୀସ୍ତରରେ ବଜ୍ରପାତକୁ ନେଇ ଠିକ୍ ଭାବେ ପୂର୍ବାନୁମାନ କରାଯାଇ ପାରୁନାହିଁ। ବୈଷୟିକ ଜ୍ଞାନକୌଶଳର ଅଭାବ ଯୋଗୁ ଉଚିତ ସମୟରେ ବଜ୍ରପାତ ସମ୍ପର୍କରେ ସୂଚନା ମିଳୁନି। ତେଣୁ ଜିଲାସ୍ତରରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜାଯାଇ ସ୍ୱତନ୍ତ୍ର କେନ୍ଦ୍ର ମାଧ୍ୟମରେ ସୂଚନା ଦିଆଯାଇ ପାରିଲେ ବଜ୍ରପାତ



ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରିବ। ବରିଷ୍ଠ ନାଗରିକ ମାୟାଧର ନାୟକ କୁହନ୍ତି, ସଚେତନତା ଅଭାବରୁ ବଜ୍ରପାତ ମନୁଷ୍ୟକୃତ ବିପଦରେ ପରିଣତ ହେଉଛି। ଜଙ୍ଗଲ ସଫା ଏବଂ କଂକ୍ରିଟ ଜଙ୍ଗଲ ସୃଷ୍ଟି ଯୋଗୁ ଜଳବାୟୁ ପରିବର୍ତ୍ତନ ହେବା ସହ ପ୍ରଦୂଷଣ ବୃଦ୍ଧି ହୋଇଛି। ଧରଣୀ ମା' ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏହାସହ ଲୋକଙ୍କୁ ଯେତେ ସତର୍କ କଲେ ବି ସେମାନେ ସେତେଟା ସଚେତନ ହେଉନାହାନ୍ତି। ଫଳରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।

ବଜ୍ରପାତରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ୨୦୨୩-୨୪ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁସାରେ ଏକ ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ଗତ ୨ ତାରିଖରେ ଏହି କମିଟିର ପ୍ରଥମ ବୈଠକର ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବଜ୍ରପାତରେ ଅଧିକ ମୃତ୍ୟୁ ହେଉଥିବା ୧୦ ଜିଲାରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର ଓ କୋରାପୁଟ ଜିଲା ରହିଛି। ଏଥିପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ଏହି ଅର୍ଥରେ ଘଡ଼ଘଡ଼ି ଓ ବଜ୍ରପାତ ସମ୍ପର୍କରେ

- ଜନସଚେତନତାକୁ ପ୍ରଶାସନର ଗୁରୁତ୍ୱ
- ୧୦ ଜିଲା ପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ

ପୋଷ୍ଟର ତିଆରି, ଗ୍ରାମ୍ୟସ୍ତରରେ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ, ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ, ସଚେତନତା ରଥ ପରିକ୍ରମା, ହାଟ ଆଦି ଜନଗହଳି ସ୍ଥାନରେ ସଚେତନତା କ୍ୟାମ୍ପ, ଅଡିଓ/ଭିଡିଓ ଭିଜୁଆଲ, ୱାଲ ପେଣ୍ଟିଂ, ସ୍କୁଲ ଓ କଲେଜସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଏସ୍‌ଏଚ୍‌ଜି ସଭ୍ୟାସଭ୍ୟଙ୍କ ମଧ୍ୟରେ ସଚେତନତା ବୈଠକ, କୃଷକ ଏବଂ କୃଷି ଉତ୍ପାଦକ ସଂସ୍ଥାଗୁଡ଼ିକୁ ନେଇ ବୈଠକ ଆଦି କାର୍ଯ୍ୟକ୍ରମ କରାଯିବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମୁଦାୟ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ମଧ୍ୟରୁ ବଜ୍ରପାତରେ ୨୫ ପ୍ରତିଶତରୁ ଅଧିକ ମୃତ୍ୟୁ ରହିଛି। ରାଜ୍ୟ ସରକାର ବଜ୍ରପାତ ମୃତ୍ୟୁକୁ ୨୦୧୫ରେ ଷ୍ଟେଟ ସ୍ପେଶିଫିକ୍ ଡିଜାଷ୍ଟର ଭାବେ ଘୋଷଣା କରିଛନ୍ତି। ଏହିକ୍ରମରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ତେବେ ସଚେତନତା ଅଭାବରୁ ବଜ୍ରପାତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରୁନି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି ପୂର୍ବାନୁମାନ ତଥ୍ୟକୁ ତହସିଲଦାର ଏବଂ ବିଡିଓମାନଙ୍କ ଜରିଆରେ ଗ୍ରାମାଞ୍ଚଳକୁ ପହଞ୍ଚାଇ ଦିଆଯାଉଛି। ଏହାସହ ସରକାରୀସ୍ତରରେ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବଜ୍ରପାତ ପୂର୍ବାନୁମାନ ବାତ୍ୟା ଭଳି ବହୁ ପୂର୍ବରୁ ମିଳି ପାରୁନାହିଁ। ତେଣୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି।

# ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ରାମ ନାମ

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ସୁଶ୍ରୀ

**କେନ୍ଦୁଝର, ୧୫।୫(ଡି.ଏନ୍.ଏ.)**

କେନ୍ଦୁଝର ପୁରୁଣା ସହରର ପ୍ରସନ୍ନ ପତିଙ୍କ କନ୍ୟା ସୁଶ୍ରୀ ସୁମନ ପତି ୨୮ ଇଞ୍ଚ ଓସାର, ୩୪ ଇଞ୍ଚ ଲମ୍ବ ବିଶିଷ୍ଟ ଏକ ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ଥର ରାମ ନାମ ଲେଖିଛନ୍ତି। ଏହି ଲେଖା ମାଧ୍ୟମରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ଚିତ୍ର ଆଙ୍କି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ପେନ୍ ଓ ସ୍କେଲ୍ ସାହାଯ୍ୟରେ ନିଖୁଣ କଳା କାରିଗରି ବଳରେ ଦୀର୍ଘ ୧୪ ଦିନ ପରିଶ୍ରମ କରି ସେ ଏହା ଆଙ୍କିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଚିତ୍ର ଆଙ୍କିବା ସମୟରେ ମାର୍ଚ୍ଚ ୧୭ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ। ତାହା ଏବେ ଘୋଷଣା ସହ ତାଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ଅନନ୍ୟ ପ୍ରତିଭା



ବାପାଙ୍କ ସହ ସୁଶ୍ରୀ ସୁମନ।

ପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୁଶ୍ରୀ ସୁମନ୍ ପେଣ୍ଟିଂ ସହ ସ୍ୟାଣ୍ଡ ଆର୍ଟ ଏବଂ ଆନିମେଶନରେ ମଧ୍ୟ ରୁଚି ରଖିଛନ୍ତି। ସେ ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଥିବା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନିମେଶନରେ ଡିପ୍ଲୋମା କରିଛନ୍ତି। ସୁଶ୍ରୀ ଆନ୍ତର୍ଜାତିକ ସ୍ୟାଣ୍ଡ୍ ଆର୍ଟିଷ୍ଟ ଆୱାର୍ଡ ଏବଂ ଯୁବ କଳାକାର ଆୱାର୍ଡ ଆଦି ବହୁ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ବର୍ତ୍ତମାନ ସେ କେନ୍ଦୁଝର ସହରର ପୁରୁଣାବଜାର ଏବଂ ମାଇନିଂ ରୋଡ୍‌ରେ ଗାୟତ୍ରୀ ନାମକ କଳା ଶିକ୍ଷାନୁଷ୍ଠାନ କରି ଶିଶୁମାନଙ୍କୁ ପେଣ୍ଟିଂ, ଆନିମେଶନ ଶିକ୍ଷା ଦେଉଛନ୍ତି। ସେ ନୂଆ ନୂଆ କଳା, କାରିଗରି କରି ବିଶ୍ୱସ୍ତରୀୟ ରେକର୍ଡ ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟରେ ନିଆଁ

**ପୁରୀ ଅଫିସ, ୧୫।୫**

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ତଥା ବଡ଼ଛତା ମଠ ପାର୍ଶ୍ୱରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇପାରିଛି। ସୂଚନାଯୋଗ୍ୟ, ଅପରାହ୍ନରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ପିଟି ବକ୍ସ ୱେୟାରିଂ ତାରରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ତାହା ଜଳିଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଭକ୍ତ ଏବଂ ଅନ୍ୟମାନେ ଭୟଭୀତ ହୋଇପଡ଼ିଥିଲେ। ଶ୍ରୀମନ୍ଦିର ବିଦ୍ୟୁତ କର୍ମଚାରୀ ପହଞ୍ଚି ତାରକୁ ଅଲଗା କରିବା ସହ ନିଆଁ ଲିଭାଇଥିଲେ। ସେହିପରି ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତି ପରଖିଥିଲେ। ତେବେ ସେତେବେଳକୁ ନିଆଁ ଲିଭିସାରିଥିଲା। ବିଦ୍ୟୁତ କର୍ମଚାରୀଙ୍କ ଯୋଗୁ ଏକ ବଡ଼ ଅଘଟଣ ଟଳିଯାଇଥିଲା। ମୂଷା କିମ୍ବା ଝିଟିପିଟି ତାର କାଟିଦେଇଥିବାରୁ ସର୍ଟ୍‌ସର୍କିଟ୍ ଘଟି ନିଆଁ ଲାଗିଥିଲା ବୋଲି ଅନୁମାନ କରାଯାଉଛି।



# ଶତ୍ରୁର ଶତ୍ରୁ

୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଏବେ ୧୫ ମାସ ଚାଲିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସାହସ ଓ ଧୈର୍ଯ୍ୟର ସହ ରୁଷିଆ ଆକ୍ରମଣର ମୁକାବିଲା କରିଚାଲିଛନ୍ତି। ଯୁଦ୍ଧରେ ୮ ମିଲିୟନ ୟୁକ୍ରେନ୍ ଲୋକ ସ୍ଥାନାନ୍ତର ହୋଇଥିବାବେଳେ ୮ ମିଲିୟନ ଦେଶ ଛାଡ଼ି ପଳାଇଗଲେଣି। ଉଭୟ ପକ୍ଷର ୩,୫୪,୦୦୦ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି ବୋଲି ଆମେରିକା ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଯୁଦ୍ଧ ଦୀର୍ଘଦିନ ଜାରି ରହିବା କାରଣ ହେଉଛି ୟୁକ୍ରେନକୁ ନାଟୋ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବିଶେଷ କରି ଏହି କ୍ଷେତ୍ରରେ ଆମେରିକା, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଓ ଇଂଲଣ୍ଡର ଭୂମିକା ବେଶି। ତେବେ ବର୍ତ୍ତମାନ ଜେଲେନସ୍କିଙ୍କ ଇଟାଲୀ, ଜର୍ମାନୀ, ଫ୍ରାନ୍ସ ଏବଂ ଇଂଲଣ୍ଡ ଗସ୍ତ ଯୁଦ୍ଧର ଏକ ସମ୍ଭାବ୍ୟ ଗମ୍ଭୀର ସ୍ଥିତିକୁ ସୂଚିତ କରିଛି। ଇଟାଲୀ ଗସ୍ତ ଶେଷ କରି ସେ ୧୪ ମେ'ରେ ଜର୍ମାନୀ ବାୟୁସେନାର ଲଢୁଆ ବିମାନ ସୁରକ୍ଷାବଳରେ ଜର୍ମାନୀରେ ପହଞ୍ଚି ଓଲାଫ ସ୍କୋଲ୍‌ଜଙ୍କ ସହ ସାକ୍ଷାତ କରିଥିଲେ। ଜର୍ମାନୀରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ଓ ପାଶ୍ଚାତ୍ୟ ଦେଶ ମିଶି ଚଳିତ ବର୍ଷ ରୁଷିଆକୁ ହରାଇପାରିବେ ଏବଂ ଏହା ନିର୍ଦ୍ଧାରଣ କରିବା ହିଁ ଉପଯୁକ୍ତ ସମୟ । ଏହାସହ ୨.୭ ବିଲିୟନ ୟୁରୋ ବା ୩ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ସ୍କୋଲ୍‌ଜ ପ୍ରତିଶ୍ରୁତି ଦେଇଛନ୍ତି। ଜେଲେନ୍‌ସ୍କି ମଧ୍ୟ ଲଢୁଆ ବିମାନ ମାଗିଛନ୍ତି। ଜର୍ମାନୀ ପରେ ଫ୍ରାନ୍ସ ଯାଇ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କୁ ଓ ପରେ ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ସାକ୍ଷାତ କରିଛନ୍ତି। ସବୁଠି ତାଙ୍କୁ ସହଯୋଗର ପ୍ରତିଶ୍ରୁତି ମିଳିଛି। ଏଥିରୁ ସ୍ପଷ୍ଟ ଯେ, ୟୁରୋପ ସହ ଜେଲେନସ୍କିଙ୍କ ସମ୍ପର୍କ ମଜଭୁତ ହେଉଛି ଓ ରୁଷିଆ ଉପରେ ଚାପ ବଢୁଛି। ଜେଲେନସ୍କିଙ୍କ ପାଶ୍ଚାତ୍ୟ ଦେଶଗୁଡ଼ିକୁ ତୋଫାନୀ ଗସ୍ତ ରୁଷିଆ ଓ ପାଶ୍ଚାତ୍ୟ ମଧ୍ୟରେ ଅବିଶ୍ୱାସକୁ ଆହୁରି ବଢାଇଦେଇଛି। ଅନ୍ୟପକ୍ଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କର ଅନ୍ତିମ ଲଢେଇ ପ୍ରସ୍ତୁତି ଓ ପ୍ରକୃତ ଲଢେଇ ନାଟୋ ଲଢୁଛି ବୋଲି କହିବା ଭୁଲ୍ ହେବନି। ଏଥିସହିତ ପୁଟିନଙ୍କର ପରିସ୍ଥିତି ଦୁର୍ବଳ ହେଉଛି ବୋଲି ଆଜି ଜଣାପଡୁଛି। ସୋଭିଏଟ୍ ରୁଷ୍ ସହିତ ମିଶିକରି ଥିବା ପ୍ରାୟ ୧୫ଟି ଅଞ୍ଚଳ ସେହି ସଂଘ ଭାଙ୍ଗିବା ପରେ ଭିନ୍ନ ଦେଶ ହୋଇଯାଇଛନ୍ତି। ତନ୍ମଧ୍ୟରୁ ୯ଗୋଟି ଦେଶ ମିଶିକରି କମନୱେଲଥ ଅଫ୍ ଇଣ୍ଡିପେଣ୍ଡେଣ୍ଟ ଷ୍ଟେଟ୍‌ସ୍ (ସିଆଇଏସ୍) ଭାବେ ଏକ ଗୋଷ୍ଠୀ କରିଥିଲେ, ଯାହାକି ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ସକ୍ରିୟ ସହଯୋଗ ଆରମ୍ଭରୁ ଦେଇଆସୁଛି। ଆଜିର ଖବର ଅନୁଯାୟୀ ସେହି ୯ଟି ଦେଶ ମଧ୍ୟରୁ ମୋଲଡୋଭା ଯୁଦ୍ଧରୁ ବିରତି ନେବ ବୋଲି ଘୋଷଣା କରି ତା'ର ସୈନ୍ୟମାନଙ୍କୁ ପ୍ରତ୍ୟାହାର କରିନେବାର ନିଷ୍ପତ୍ତି ପୃଥିବୀକୁ ଜଣାଇଦେଲାଣି। ଏହା ପୁଟିନଙ୍କ ପାଇଁ ଏକ ବିରାଟ ବଡ଼ ଧକ୍କା।

ନିକଟ ଭବିଷ୍ୟତରେ ଏହି ଯୁଦ୍ଧ ଶେଷ ହେଲା ଭଳି ମନେ ହେଉନାହିଁ। ଦ୍ୱିତୀୟ ବର୍ଷରେ ପ୍ରବେଶ କରିଥିବା ରୁଷିଆ- ୟୁକ୍ରେନ ଯୁଦ୍ଧ ଦୀର୍ଘଦିନରୁ ଆଞ୍ଚଳିକ ଅସ୍ଥିରତା ସହିତ ବିଶ୍ୱବ୍ୟାପୀ ଅର୍ଥନୀତିକୁ ଦୋହଲାଇ ଦେଇଛି। ନଟୋ ତରଫରୁ ରୁଷିଆ ଉପରେ ଆର୍ଥିକ କଟକଣା ଲଗାଯାଇଛି। କିନ୍ତୁ ଏହି ସମୟରେ ଭାରତ ୟୁକ୍ରେନ ସଙ୍କଟକୁ ନେଇ ସବୁବେଳେ କୂଟନୈତିକ ଦ୍ୱନ୍ଦ୍ୱ ମଧ୍ୟରେ ରହିଆସିଛି। ରୁଷିଆ ସହ ଦୀର୍ଘଦିନର ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ମାପିଚୁପି ପଦକ୍ଷେପ ନେଉଛି। କିନ୍ତୁ ଯାହା ଯେତିକି ଆଜି ପର୍ଯ୍ୟନ୍ତ ହୋଇଛି ସେଥିରେ ଭାରତର କୌଣସି ଲାଭ ହେବା ଭଳି ମନେହେଉନାହିଁ। ଉଦାହରଣସ୍ୱରୂପ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅନେକ ମାସ ତଳେ, ଘୋଷଣା କରିଥିଲେ ଯେ, ମୋଦିଙ୍କ ନେତୃତ୍ୱରେ ହୋଇଥିବା ରୁଷିଆ ସାଙ୍ଗରେ ସମ୍ପର୍କ ସ୍ଥାପନ ଫଳରେ ଭାରତକୁ କମ୍ ଦରରେ ପେଟ୍ରୋଲିୟମଜାତ ଦ୍ରବ୍ୟ ରୁଷିଆରୁ ମିଳିବ। ଯେକୌଣସି ଭାରତୀୟ ନାଗରିକ କହିପାରିବେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଡିଜେଲ ଦର ହ୍ରାସ ପାଇନାହିଁ। ଯଦି ଲାଭ ହୋଇଛି ତେବେ କେବଳ କିଛି ବେପାରୀଙ୍କ ହୋଇଥାଇପାରେ। ଏହାବ୍ୟତୀତ ବାଣିଜ୍ୟ ଦୃଷ୍ଟିରୁ ରୁଷିଆର ଅଧିକ ସମ୍ପର୍କ ଚାଇନା ସହିତ ବଢିଛି। ଏହା ଫଳରେ ରୁଷିଆ ତାହାର ଚାହିଦା ଥିବା ସାମଗ୍ରୀକୁ ଭାରତ ପରିବର୍ତ୍ତେ ଚାଇନାଠାରୁ କିଣୁଛି। ଗତ କିଛି ସପ୍ତାହ ପୂର୍ବେ ଭାରତକୁ ଆସିଥିବା ରୁଷିଆ ମନ୍ତ୍ରୀ ଲାଭରୋଭଙ୍କ କହିବା ଅନୁଯାୟୀ ତାଙ୍କ ସରକାରଙ୍କ ନିଷ୍ପତ୍ତି ଯେ, ଭାରତ ସହିତ ଭାରତୀୟ ଟଙ୍କାରେ ବ୍ୟବସାୟ କରିବ ନାହିଁ। ତାଙ୍କ କହିବା ଅନୁଯାୟୀ, ଭାରତୀୟ ବ୍ୟାଙ୍କରେ ବହୁ ଟଙ୍କା ଗଚ୍ଛିତ ରହିବା ସତ୍ତ୍ୱେ ତାକୁ ବ୍ୟବହାର କରିବା ପାଇଁ ରୁଷିଆର କୌଣସି ବାଟ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଭାରତରୁ ଯେକୌଣସି ସାମଗ୍ରୀ କିଣିବାକୁ ରୁଷିଆ ଅନିଚ୍ଛୁକ।

ଏଭଳି ପ୍ରଚ୍ଛଦପଟରେ ଭାରତ ସରକାରଙ୍କ ଦ୍ୱାରା ରୁଷିଆ-ୟୁକ୍ରେନ ଯୁଦ୍ଧ ସମ୍ପର୍କିତ ଯେଉଁସବୁ ନୀତି ଗ୍ରହଣ କରାଯାଇଛି ତାହାର ପାରିଣାମ ଭୟଙ୍କର ହୋଇପାରେ। ବିଶ୍ୱାସ କରାଯାଏ ଯେ, ଭାରତ ସହ ତିକ୍ତ ସମ୍ପର୍କ ରହିଥିବା ଚାଇନାକୁ ଅଧିକ ପସନ୍ଦ କରୁଛି ରୁଷିଆ। ସେହି ପରିସ୍ଥିତିରେ ଭାରତ ସରକାରଙ୍କ ରୁଷିଆ ସପକ୍ଷବାଦୀ ନୀତି ଦ୍ୱାରା ଆମେରିକା ଏବଂ ନାଟୋ ଦେଶମାନଙ୍କର ସ୍ୱାର୍ଥ ବିରୋଧରେ ଭାରତ ଛିଡ଼ା ହୋଇଥିବାର ଚିତ୍ର ସ୍ପଷ୍ଟ ହୋଇସାରିଲାଣି। ଦୀର୍ଘମିଆଦୀ କୂଟନୈତିକ ଆବଶ୍ୟକତାକୁ ଦେଖିଲେ ଭାରତ ଏବଂ ଚାଇନା ମଧ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା ସାହାଯ୍ୟ ଲୋଡ଼ିବା ସମ୍ଭବପର ହୋଇ ନ ପାରେ। କୁହାଯାଏ, ଶତ୍ରୁର ଶତ୍ରୁ ହେଉଛି ମିତ୍ର। କିନ୍ତୁ ଆମ ସରକାରଙ୍କ ନୀତି ଫଳରେ ଭାରତ ମିତ୍ରହୀନ ହୋଇଯାଇପାରେ।

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | 9 | | 6 | 5 | |
| 4 | | 5 | | | | 9 | | |
| | | | | | 8 | | | |
| 8 | 2 | 1 | | | | | 7 | |
| | | | | | 9 | 8 | | |
| | | | | 2 | | | | 3 |
| | 4 | 6 | | | | | | |
| | | | | | 7 | | | |
| 1 | | 9 | | 3 | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 1 | 2 | 7 | 8 | 3 | 6 | 5 |
| 7 | 6 | 5 | 3 | 9 | 1 | 2 | 4 | 8 |
| 8 | 3 | 2 | 5 | 6 | 4 | 9 | 1 | 7 |
| 3 | 9 | 6 | 1 | 8 | 7 | 5 | 2 | 4 |
| 5 | 1 | 4 | 9 | 3 | 2 | 7 | 8 | 6 |
| 2 | 7 | 8 | 4 | 5 | 6 | 1 | 3 | 9 |
| 1 | 5 | 7 | 6 | 4 | 3 | 8 | 9 | 2 |
| 6 | 2 | 9 | 8 | 1 | 5 | 4 | 7 | 3 |
| 4 | 8 | 3 | 7 | 2 | 9 | 6 | 5 | 1 |

ଗତକାଲିର ଉତ୍ତର

# ମହାନଦୀ ସମସ୍ୟାର ସମାଧାନ ଲୋଡ଼ା



ଅନିଲ ବିଶ୍ୱାଳ

ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ହେଲେ ଆଜି ଓଡ଼ିଶାରେ ମହାନଦୀ ବଡ଼ ସଙ୍କଟ ଭିତରେ ବୋହୁଛି। ମହାନଦୀ ଓ ଏହାର ଉପନଦୀଗୁଡ଼ିକ କେବଳ ବର୍ଷା ୪ ମାସକୁ ଛାଡ଼ିଦେଲେ ବାକି ସମୟରେ ଶୁଖିଲା ପଡୁଛି। ଛତିଶଗଡ଼ ସହିତ ମହାନଦୀକୁ ନେଇ ଚାଲିଥିବା ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ମଧ୍ୟ ଚାଲିଛି। ସେମାନେ ପୂରା ପ୍ରସଙ୍ଗରେ ସମସ୍ୟା ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରପଟେ ବନ୍ଧ କରି ପାଣି ଅଟକାଉଛି ଆଉ ଅନ୍ୟପକ୍ଷରେ ଓଡ଼ିଶା ମଧ୍ୟ କିଭଳି ବର୍ଷାଦିନେ ତଳ ମୁଣ୍ଡରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ ସଂରକ୍ଷଣ କରାଯିବ, ସେଥିପାଇଁ ବିଶେଷ କିଛି କରିପାରି ନାହିଁ। ଏବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୟାନ ଆସିଛି। ରାଜନୈତିକ ବାଦବିବାଦ ତ ଚାଲିଛି ମହାନଦୀକୁ ନେଇ, କିନ୍ତୁ ଏହି ପ୍ରସଙ୍ଗର ଗଭୀରତା ରାଜନୈତିକ ବାଦବିବାଦର ବହୁ ଊର୍ଦ୍ଧ୍ୱରେ। ତେଣୁ ମହାନଦୀକୁ ନେଇ ଚାଲିଥିବା ସାମ୍ପ୍ରତିକ ପ୍ରସଙ୍ଗରେ ଏକ ଖୋଲା ଆଲୋଚନା କରିବା ଉଚିତ୍ ମନେକରୁଛୁ।

ପ୍ରଥମତଃ ଆଜି ଓଡ଼ିଶାରେ ମହାନଦୀର ଅବବାହିକାର ଯେଉଁ ସ୍ଥିତି ପାଲଟିଛି, ତାହା କୌଣସି ପ୍ରାକୃତିକ କାରଣ ପାଇଁ ହୋଇନାହିଁ, ବରଂ ଏହା ସମ୍ପୂର୍ଣ୍ଣ ଭାବରେ ମାନବକୃତ। ଓଡ଼ିଶା ପରିପ୍ରେକ୍ଷୀରେ ଆମେ ଯଦି ମହାନଦୀ ସମସ୍ୟାକୁ ଦେଖିବା, ତା'ହେଲେ ପୂରା ପ୍ରସଙ୍ଗର ମୁଖ୍ୟତଃ ଦୁଇଟି ଦିଗ ରହୁଛି। ଗୋଟିଏ ହେଲା ମହାନଦୀର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ ପଟେ ଥିବା ମହାନଦୀ ଓ ଅନ୍ୟଟି ହେଲା ମହାନଦୀର ତଳମୁଣ୍ଡ ଅର୍ଥାତ୍ ହୀରାକୁଦ ବନ୍ଧରୁ ନେଇ ସମୁଦ୍ର ପର୍ଯ୍ୟନ୍ତ। ଦୁଇଟିଯାକ ଦିଗରେ ସମସ୍ୟା ରହିଛି, ଯାହାର ସମାଧାନ କାଢ଼ିବା ହିଁ ଆଜିର ସମୟର ବଡ଼ ଆହ୍ୱାନ। ମହାନଦୀ ବିବାଦ ଯଦିଓ ଗଣମାଧ୍ୟମରେ ବା ରାଜନୈତିକ ମହଲରେ ୨୦୧୬ରେ ବହୁତ ବିସ୍ତୃତ ଭାବରେ ଆଲୋଚିତ ହେବା ଆରମ୍ଭ ହେଲା, କିନ୍ତୁ ମହାନଦୀରେ ଛତିଶଗଡ଼ର ପ୍ରକଳ୍ପ ନିର୍ମାଣ ଆରମ୍ଭ କରିବା ନେଇ ଓଡ଼ିଶା ସହିତ କଥାବାର୍ତ୍ତା ୨୦୦୧-୦୨ ରୁ ଆରମ୍ଭ ହୋଇଛି। ସେ ସମୟରେ ଆମ ସରକାରରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ କହିଥିଲେ, ଛତିଶଗଡ଼ ୧୦୦ ବନ୍ଧ କଲେ ବି ଓଡ଼ିଶା ପ୍ରତି କିଛି ଅସୁବିଧା ହେବ ନାହିଁ। ଆଜି ଆମେ କାନ୍ଦୁଛୁ ପାଣି ପାଇଁ। ଛତିଶଗଡ଼ ପଟେ କେଲୋ, ଅରପା ଭଳି ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ ୨୦୦୮ ରୁ ଆରମ୍ଭ ହେଲାଣି। ପରବର୍ତ୍ତୀ ସମୟରେ ୨୦୧୬ ବେଳକୁ ଯେତେବେଳେ ପାଖାପାଖି ଅନେକ ପ୍ରକଳ୍ପ ନିର୍ମାଣ କାମ ସରି ଆସୁଥିଲା, ସେତେବେଳେ ଆମେ ପ୍ରତିବାଦ କରିବା ଆରମ୍ଭ କଲୁ। ଉପରମୁଣ୍ଡର ସମସ୍ୟାକୁ ନେଇ ଆମ ପାଖରେ ଦୁଇଟି ରାସ୍ତା ଥିଲା। ଗୋଟିଏ ହେଲା ଆପୋସ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ଓ ଅନ୍ୟଟି ହେଲା ଟ୍ରିବ୍ୟୁନାଲ। ଦେଶର ସମ୍ବିଧାନରେ ରାଜ୍ୟ ଓ କେନ୍ଦ୍ର ଭିତରେ କ୍ଷମତା ଆବଣ୍ଟନ ସମ୍ବଳିତ ସପ୍ତମ ଅନୁଚ୍ଛେଦର ଧାରା ୧୭ ଓ ଧାରା ୫୬ ଅନୁସାରେ ନଦୀ ଜଳର ବିନିଯୋଗ, ପରିଚାଳନା ହେଉଛି ସମ୍ପୂର୍ଣ୍ଣ ଭାବରେ ରାଜ୍ୟର ବ୍ୟାପାର। କେନ୍ଦ୍ର ସରକାର ଯାହା କରିବେ ରାଜ୍ୟଗୁଡ଼ିକ ସହମତିରେ କରିବେ, ବଳପ୍ରୟୋଗ ବା ଏକପାଖିଆ କିଛି କରିପାରିବେ ନାହିଁ। ଯଦି ଆପୋସ ଆଲୋଚନାରେ ସମାଧାନ ହୋଇପାରେନି, ତା'ହେଲେ ଆନ୍ତଃ ରାଜ୍ୟ ଜଳ ବିବାଦ ଆଇନ-୧୯୫୬ (୨୦୧୯ରେ ସଂଶୋଧନ) ଅନୁସାରେ ମାମଲା ଟ୍ରିବ୍ୟୁନାଲକୁ ଯିବ। ବର୍ତ୍ତମାନ ମହାନଦୀ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ବାସ୍ତବରେ ଟ୍ରିବ୍ୟୁନାଲକୁ ନେଇ ଯାହା ଅଭିଜ୍ଞତା ଦେଶରେ ଅଛି, ଏହାର ଚୂଡ଼ାନ୍ତ ନ୍ୟାୟ ଆସିବା ବେଳକୁ କେତେ ଦିନ ଲାଗିବ ତାହା କହିବା ଅସମ୍ଭବ। କାବେରୀ ଟ୍ରିବ୍ୟୁନାଲ ରାୟ ଆସିବାକୁ ୨୭ ବର୍ଷ ଲାଗିଲା। ଏହା ପରେ ବି ବିବାଦ ତୁଟିଲାନି, ଆଉ ଏକ ଟ୍ରିବ୍ୟୁନାଲରେ ପୁଣି ମାମଲା ଚାଲୁଛି। ତେଣୁ ଟ୍ରିବ୍ୟୁନାଲକୁ ଯିବା ଅପେକ୍ଷା ଯେହେତୁ ଆମେ ନଦୀର ତଳମୁଣ୍ଡରେ ରହୁଛେ, ତେଣୁ ଆପୋସ ଆଲୋଚନା କରି ସମାଧାନ ହୋଇପାରିଥିଲେ ଭଲ ହୋଇଥାନ୍ତା, ଯାହା କୌଣସି କାରଣ ପାଇଁ ହୋଇପାରିଲା ନାହିଁ। ମହାନଦୀ ଟ୍ରିବ୍ୟୁନାଲରେ ୫ ବର୍ଷ ଭିତରେ ୩୪ଟି ବୈଠକ ସରିଛି। କିନ୍ତୁ କେବେ ରାୟ ଆସିବ, ତାହା ଏବେଠାରୁ କହିବା ଅସମ୍ଭବ।



ଓଡ଼ିଶାରେ ମହାନଦୀର ଅବବାହିକା ହେଉଛି ୬୫,୬୨୮ ବର୍ଗ କିମି। ଅନେକ ବଡ଼ ବଡ଼ ଶାଖାନଦୀ ଓ ଉପନଦୀ ମହାନଦୀ ଅବବାହିକାରେ ବୋହୁଛନ୍ତି। ବର୍ଷା ଦିନେ ଏହି ନଦୀମାନଙ୍କରେ ଜଳସ୍ତର ଢେର ରହୁଛି ଓ ବର୍ଷାଦିନେ ମହାନଦୀ ସମେତ ଅନେକ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଯଦି ଶେଷ କିଛି ବର୍ଷର ହିସାବ ଦେଖିବା ତା'ହେଲେ ମୌସୁମୀ ସମୟରେ ୨୦୧୮, ୨୦୨୦, ୨୦୨୧, ୨୦୨୨ରେ ମହାନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ବିଭିନ୍ନ ବାତ୍ୟା ବା ଲଘୁଚାପ ବେଳେ ମଧ୍ୟ ନଦୀଜଳ ବିପଦସଙ୍କେତ ଛୁଇଁବା କଥା ଦେଖିବାକୁ ମିଳୁଛି। ଛତିଶଗଡ଼ ପଟେ ମହାନଦୀ ଅବବାହିକାରେ ବର୍ତ୍ତମାନ ସୁଦ୍ଧା ଛୋଟ ବଡ଼ ମିଶି ୧୫୦ଟି ବନ୍ଧ ନିର୍ମାଣ ଚାଲିଛି ଓ କିଛି ସରିଗଲାଣି। ଆମେ ତଳମୁଣ୍ଡରେ କେତୋଟି କରିଛେ, ଯଦି କରିପାରିନେ ତା'ହେଲେ କାହିଁକି କରିପାରିଲେ ନାହିଁ ତାହା ଉପରେ ଚର୍ଚ୍ଚା ଆଲୋଚନା ହେବାର ଆବଶ୍ୟକତା ରହିଛି। ଏବେ ବି ମହାନଦୀର ୫୨% ପାଣି ସମୁଦ୍ରକୁ ବୋହିଯାଉଛି। ଆମେ ଗୋଟିଏ ହୀରାକୁଦ ବନ୍ଧ କରି ଅଟକିଗଲୁ। ମୁଣ୍ଡଳି ଓ ଯୋବ୍ରାରେ ଆନିକଟ ଛଡ଼ା ଆଉ ସେଭଳି କିଛି କରାଯାଇ ପାରିଲା ନାହିଁ। ତା'ଛଡା ଆନିକଟଗୁଡ଼ିକ ମଧ୍ୟ ଜଳଭଣ୍ଡାର ଭଳି ଭୂମିକା ନେଇପାରନ୍ତି ନାହିଁ। ଆମେ ଯଦି ନଦୀର ତଳମୁଣ୍ଡରେ ଆଉ ଦୁଇଟି ବଡ଼ ନଦୀବନ୍ଧ ଯୋଜନା କରିପାରିଥାନ୍ତେ, ମୁଣ୍ଡଳି ଓ ଯୋବ୍ରା ଡାଙ୍ଗାରେ ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ କରିପାରିଥାନ୍ତେ, ତା'ହେଲେ ଆଜି ଖରାଦିନେ ନଦୀଗୁଡ଼ିକର ଯେଉଁ ଶୁଖିଲା ସ୍ଥିତି ଦେଖିବାକୁ ମିଳୁଛି ତାହା ଦେଖିବାକୁ ମିଳନ୍ତା ନାହିଁ। ନଦୀର ଜଳଧାରଣ କ୍ଷମତା ବଢ଼ନ୍ତା ଓ ବିଜୁଳି ଉତ୍ପାଦନରୁ ନେଇ ଜଳସେଚନ ସୁବିଧା ମଧ୍ୟ ମିଳିପାରନ୍ତା। ଆମେ କେବଳ ପଡ଼ିଶା ରାଜ୍ୟକୁ ଦୋଷ ଦେଇ ନିଜ ରାଜ୍ୟକୁ ବିପଦମୁହଁକୁ ଠେଲିପାରିବା ନାହିଁ। ହୀରାକୁଦ ବନ୍ଧ ଆଜକୁ ୭୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହାର ଆୟୁ ମଧ୍ୟ ଧୀରେ ଧୀରେ ସରିବାକୁ ବସିଲାଣି। କିଛି ବର୍ଷ ପରେ ଏହା ଆମ ପାଇଁ ଆଉ ସମ୍ପତ୍ତି ନ ହୋଇ ବୋଝ ପାଲଟିବ। ଆମେ ଏବେଠାରୁ ଏହାର ବିକଳ୍ପ ବ୍ୟବସ୍ଥା ନ କଲେ କେବଳ ପାଣି ନୁହେଁ, ବରଂ ବିଜୁଳି, ଜଳସେଚନ, ବନ୍ୟା ସବୁ ସମସ୍ୟାକୁ ଆମେ ଧୀରେ ଧୀରେ ସାମ୍ନା କରିବା। ମହାନଦୀରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ କୃଷି ଓ ଅନ୍ୟ କ୍ଷେତ୍ରରେ ବିନିଯୋଗ ପାଇଁ ୨୦୦୪ ରେ ଓଡ଼ିଶା ଜଳଯୋଜନା ନାମରେ ଏକ ବିସ୍ତୃତ ପରିକଳ୍ପନା ରାଜ୍ୟ ସରକାର କ୍ୟାବିନେଟ୍‌ରେ ପାରିତ କରାଇଥିଲେ। ୨୦୧୬ରେ ମଧ୍ୟ ସରକାର ଘୋଷଣା କରିଥିଲେ ୭ଟି ବ୍ୟାରେଜ୍ ଓ ୨୨ଟି ଅନ୍ୟ ପ୍ରକଳ୍ପ। ମହାନଦୀ ଓ ଏହାର ଉପନଦୀରେ ପ୍ରସ୍ତାବିତ ଅନେକ ପ୍ରକଳ୍ପ ଯଥା ଅଙ୍ଗ, ବୃତ୍ତଙ୍ଗ, ଅପର ଲନଥ, କୁତୁଲିସିଙ୍ଗା, ତେଲ-ସମନ୍ୱିତ ପ୍ରକଳ୍ପ, ଖଡଗ, ଉତେଇ ରାଉଳ, ଜୀରା, ଅପର ଉଦନ୍ତୀ, ରାନଜୋର, ଲକ୍ଷ୍ମୀପଥର ନାଳ, ବ୍ରାହ୍ମଣୀପଦ, ସାଲକି ଜଳବିଦ୍ୟୁତ ଆଦି ପ୍ରସ୍ତାବିତ ପ୍ରକଳ୍ପ ସତରେ କ୍ରିୟାନ୍ୱୟନ ହୋଇପାରିଥିଲେ ଆମେ ଆଜି ତଳମୁଣ୍ଡ ନଦୀରେ ପାଣିକୁ ଆମେ ସଞ୍ଚିତ କରି ରଖିପାରିଥାନ୍ତେ।

**ହରିରାଜପୁର, ପୁରୀ**
**ମୋ: ୯୪୩୮୫୭୯୨୯୦**

# ସ୍ୱର୍ଗରେ ବି ନିୟନ୍ତ୍ରଣ



ଡ.ସତ୍ୟନାରାୟଣ ମିଶ୍ର

ବିଶ୍ୱାସ ଓ ଉପଲବ୍ଧିରୁ ସୃଷ୍ଟି ହୋଇଥାଏ ପ୍ରତ୍ୟେକ ଜାତିର ଧର୍ମ, ଯାହାର ଏକ ନୀତି ନିୟମର ଶୃଙ୍ଖଳିତ ରଜ୍ଜୁରେ ବନ୍ଧାହୋଇଥାଏ ମଣିଷ। ଜନ୍ମ ହେଲେ ମୃତ୍ୟୁ ଓ ମୃତ୍ୟୁ ହେଲେ ଜନ୍ମ ହେଉଛି ଏକ ସନ୍ତୁଳିତ ବିଧି ବ୍ୟବସ୍ଥା ଓ ଧର୍ମଶାସ୍ତ୍ରର ବିଧାନ ଅନୁଯାୟୀ ମଣିଷ ମୃତ୍ୟୁ ହେଲେ ସ୍ୱର୍ଗକୁ ଆରୋହଣ କରିଥାଏ ବା ସ୍ୱର୍ଗବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ସ୍ୱର୍ଗ ଏବଂ ନର୍କ, ପରବର୍ତ୍ତୀ ଜୀବନର ଦୁଇଟି ପରସ୍ପର ବିରୋଧୀ ଗନ୍ତବ୍ୟସ୍ଥଳ, ଯେଉଁଠାରେ ପ୍ରଥମଟି ସୁକର୍ମର ପୁରସ୍କାର ହୋଇଥିବାବେଳେ ଶେଷଟି କରୁଣ ଦଣ୍ଡ ଏବଂ ଯନ୍ତ୍ରଣାକୁ ଅନ୍ତର୍ଭୁକ୍ତ କରେ। ପୃଥିବୀରେ ବ୍ୟକ୍ତିର କାର୍ଯ୍ୟ ଏବଂ ଆଚରଣ ମୃତ୍ୟୁ ପରେ ସେମାନଙ୍କ ଆତ୍ମା ଗନ୍ତବ୍ୟସ୍ଥଳର ଭାଗ୍ୟ ନିର୍ଣ୍ଣୟ କରେ ଅର୍ଥାତ୍ ସ୍ୱର୍ଗରେ ପ୍ରବେଶ କରିବା ପାଇଁ ଜଣକୁ ନ୍ୟାୟପୂର୍ଣ୍ଣ, ନୀତିପୂର୍ଣ୍ଣ ଏବଂ ଧାର୍ମିକ ଜୀବନଯାପନ କରିବାକୁ ପଡ଼ିଥାଏ। ଅପରପକ୍ଷେ ପାପ ଓ ଭୁଲ୍‌ରେ ପରିପୂର୍ଣ୍ଣ ଏକ ମୂଲ୍ୟହୀନ ଜୀବନ ବଞ୍ଚିବା ଦ୍ୱାରା ଦଣ୍ଡ ଭାବରେ ନର୍କକୁ ଯିବା ପାଇଁ ପଡ଼ିପାରେ ବୋଲି ବିଶ୍ୱାସ କରାଯାଏ। ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନରେ ସ୍ୱର୍ଗ ହେଉଛି ୭ ଉଚ୍ଚ ଲୋକ ମଧ୍ୟରୁ ଏକ। ୭ ଲୋକ ହେଉଛି ଭୂଲୋକ, ଭୁଭଲୋକ, ସ୍ୱର୍ଗଲୋକ, ଇନ୍ଦ୍ରଲୋକ, ଜନଲୋକ, ତପଲୋକ, ସତ୍ୟଲୋକ। ୭ ନିମ୍ନ ଜଗତ ହେଉଛି ଅତଳ, ଭୂତଳ, ସୁତଳ, ତଳାତଳ, ମହାତଳ, ରସାତଳ ଏବଂ ପାତାଳ। ଜୀବାତ୍ମାର ମୂଳ ଲକ୍ଷ୍ୟ ହେଉଛି ମୋକ୍ଷ। ୭ଟି ନିମ୍ନ ସ୍ଥାନ ତୁଳନାରେ ସ୍ୱର୍ଗକୁ ଏକ ସର୍ବୋଚ୍ଚ ପବିତ୍ର ସ୍ଥାନ ଭାବରେ ବର୍ଣ୍ଣନା କରାଯାଏ।

ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନ ଅନୁଯାୟୀ ପାର୍ଥିବ ଲୋକ ଉପରେ ଅନ୍ୟାନ୍ୟ ଲୋକ ଅଛି। ଅନ୍ୟ କେତେକ ଲୋକ ହେଉଛି ସତ୍ୟଲୋକ (ବ୍ରହ୍ମଲୋକ), ତପଲୋକ, ଜନଲୋକ,ମହରଲୋକ,ସ୍ୱର୍ଗଲୋକ, ଭୁଭର୍ଲୋକ, ଭୂ-ଲୋକ ଓ ଅତଳଲୋକ। ମାତ୍ର ସ୍ୱର୍ଗ କେଉଁଠାରେ ଅଛି ଓ ସ୍ୱର୍ଗର ପ୍ରକୃତ ସ୍ଥାନ ନିର୍ଣ୍ଣୟ କରାଯାଇପାରିବ ନାହିଁ। ସ୍ୱର୍ଗାରୋହଣ ବା ସ୍ୱର୍ଗ ସମ୍ବନ୍ଧୀୟ ଆଲୋଚନା ସେତେବେଳେ ହିଁ ହୋଇଥାଏ ଯେତେବେଳେ ମଣିଷର ମୃତ୍ୟୁ ହୋଇଥାଏ ବା ମୃତ୍ୟୁ ସମ୍ବନ୍ଧୀୟ ଆଲୋଚନା ହୋଇଥାଏ। ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟରେ ମଣିଷର ମୃତ୍ୟୁ ପରେ ମୁଖ୍ୟତଃ ଦୁଇଟି ପ୍ରକ୍ରିୟାରେ ଉକ୍ତ ସ୍ଥୂଳ ଶରୀରକୁ ସତ୍କାର କରାଯାଇଥାଏ। ପ୍ରଥମଟି ଶରୀରକୁ ଅଗ୍ନିଦ୍ୱାରା ଦାହ କରାଯାଇଥାଏ ଓ ଦ୍ୱିତୀୟଟି ଶରୀରକୁ ମାଟିରେ ଯଥାବିଧି ପୋତି ଦିଆଯାଇଥାଏ। କିନ୍ତୁ ମଣିଷର ମୃତ୍ୟୁ ପରେ ମୃତ ବ୍ୟକ୍ତିର ଆତ୍ମା ଯାହା ନଶ୍ୱର ତାହା ସ୍ୱର୍ଗକୁ ଯାଇଥାଏ ବୋଲି ସମସ୍ତେ ଆଲୋଚନା କରିଥାନ୍ତି। ସେଥିପାଇଁ ଯେକୌଣସି ବ୍ୟକ୍ତିର ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିର ନାମର ପୂର୍ବରୁ ସ୍ୱର୍ଗତ ଦ୍ୱାରା ନାମର ଉପସ୍ଥାପନା କରାଯାଇଥାଏ। ତେବେ ଏଥିରୁ ପ୍ରତୀୟମାନ ହୋଇଥାଏ ଯେ ମନୁଷ୍ୟର ମୃତ୍ୟୁ ପରେ କ'ଣ ସମସ୍ତେ ସ୍ୱର୍ଗକୁ ଯାଇଥାନ୍ତି ? ମଣିଷର ଜୀବଦ୍ଦଶା ମଧ୍ୟରେ ଯଦି ଜଣେ ଅନ୍ୟାୟ, ଅନୀତି, ବଳାତ୍କାର, ବ୍ୟଭିଚାର, ଲୁଣ୍ଠନ, ହତ୍ୟା ଆଦି ପାପକର୍ମ କରିଥାଏ ଓ ଉକ୍ତ ବ୍ୟକ୍ତି ମୃତ୍ୟୁ ପରେ ହୋଇଥାଏ ସ୍ୱର୍ଗତ ଓ ଅନ୍ୟ ଏକ ବ୍ୟକ୍ତି ଜୀବଦ୍ଦଶା ମଧ୍ୟରେ କେବଳ ଦୟା, କରୁଣା, ନ୍ୟାୟ, ନୀତି, ନିୟମ ଓ ପୁଣ୍ୟ କର୍ମ



କରିଥାଏ ତେବେ ମୃତ୍ୟୁ ପରେ ସେ ମଧ୍ୟ ହୋଇଥାଏ ସ୍ୱର୍ଗତ। ଯଦି ସ୍ୱର୍ଗତ ସମସ୍ତେ ତେବେ ସୁକର୍ମ ଓ କୁକର୍ମର ପ୍ରତିଫଳନ କେଉଁ ସ୍ଥାନରେ ନିହିତ ରହିବ ?

ଚତୁର୍ଧାମର ଅନ୍ୟତମ ଧାମ ପୁରୀଠାରେ ମଣିଷର ମୃତ୍ୟୁ ପରେ ଶବ ସତ୍କାର ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ତାହା ସ୍ୱର୍ଗଦ୍ୱାର। ବିଶ୍ୱାସ କରାଯାଏ ଯେ ମନୁଷ୍ୟ ଜୀବଦ୍ଦଶା ମଧ୍ୟରେ ଯେତେ କୁକର୍ମ ବା ସୁକର୍ମ କରିଥିଲେ ମଧ୍ୟ ଯଦି ଉକ୍ତ ସ୍ଥାନରେ ଶରୀର ସତ୍କାର ହୋଇଥାଏ, ତେବେ ଉକ୍ତ ଆତ୍ମା ସ୍ୱର୍ଗକୁ ଯାଇଥାଏ। କାରଣ ଏହା ହେଉଛି ସ୍ୱର୍ଗକୁ ଯିବା ପାଇଁ ଏକମାତ୍ର ଦ୍ୱାର। ତେବେ ପୃଥିବୀର ସମସ୍ତ ବ୍ୟକ୍ତି କର୍ମଫଳ ବିହୁନେ ଯଦି ସ୍ୱର୍ଗତ, ତା'ହେଲେ ପୃଥିବୀ ଭଳି ସ୍ୱର୍ଗରେ ମଧ୍ୟ ଭିଡ଼ ହୋଇଯିବ। ଯଦି ସମସ୍ତେ ସ୍ୱର୍ଗତ ତେବେ ନର୍କଗାମୀ କିଏ ହୋଇଥାଏ ତାହା ଏକ ଅସମାହିତ ଚିନ୍ତା। ମାତ୍ର ସ୍ୱର୍ଗରେ ଭିଡ଼ ହେବା ଯଦି ସତ୍ୟ ବା ସମସ୍ତ ମନୁଷ୍ୟ ମୃତ୍ୟୁ ପରେ ଯଦି ସ୍ୱର୍ଗତ, ତେବେ ଏହା ଭ୍ରମାତ୍ମକ ନିଷ୍ପତ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଆଜିର ସମାଜରେ ଅନେକ ମଣିଷ ଷଡ଼ରିପୁର ଅଧୀନ ହୋଇ ହିଂସା, ଅନ୍ୟାୟ, ଅନୀତି, ଲୁଣ୍ଠନ, ହତ୍ୟା, ବ୍ୟଭିଚାର ଆଦି କୁକର୍ମରେ ଲିପ୍ତ ରହି ଅସାଧୁ ଉପାୟରେ ଧନ ହଡ଼ପ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରି ଯେତେବେଳେ ମୃତ୍ୟୁ ହୋଇଥାଏ, ପ୍ରତିପତ୍ତିର ଆବାହନରେ ଉକ୍ତ ବ୍ୟକ୍ତିକୁ ତୋଷାମଦକାରୀମାନେ ସ୍ୱର୍ଗତ ବୋଲି ଉଚ୍ଚାରଣ କରିଥାନ୍ତି। ଅନ୍ୟପକ୍ଷରେ ଜୀବଦ୍ଦଶା ମଧ୍ୟରେ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ଉଚ୍ଚାଟରେ ମଣିଷ ମଣିଷକୁ ଘୃଣା କରିଥାଏ ଓ ଭେଦଭାବର କୁତ୍ସିତ ଭ୍ରମରେ ମଣିଷ ମଣିଷକୁ ଚିହ୍ନିପାରି ନ ଥାଏ। ଦିନ ଦରିଦ୍ର ମଣିଷକୁ ଧନ କ୍ଷମତାର ଶିଖରରେ ଥିବା ମଣିଷ ଘୃଣା କରିଥାଏ। ଅନେକ କୁକର୍ମ କରି ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ସମାଜର ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ଆଡ଼ମ୍ବରପୂର୍ଣ୍ଣ ଜୀବନ ନିର୍ବାହ କରିଥାଏ, ମାତ୍ର ମୃତ୍ୟୁ ପରେ ଜଣେ ଦରିଦ୍ର, ନିଃସ୍ୱ ଗୁଣୀ ପୁଣ୍ୟାତ୍ମା ମଣିଷକୁ ଯେଉଁ ଅଗ୍ନିରେ ଓ ଯେଉଁ ସଂସ୍କାର ବିଧିରେ ଦାହ କରାଯାଇଥାଏ ଧନ ଓ ପ୍ରତିପତ୍ତିର ଶିଖରରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ସେହି ଅଗ୍ନି ଓ ସଂସ୍କାରରେ ଦାହ କରାଯାଇଥାଏ ବା ସମାନ ପଦ୍ଧତିରେ ମାଟିର ଆବରଣରେ ଉଭୟ ମନୁଷ୍ୟଙ୍କୁ ପୋତିଦିଆଯାଇଥାଏ, ଯାହା ପରବର୍ତ୍ତୀ ସମୟରେ ଉଭୟେ ସ୍ୱର୍ଗତ ହୋଇଥାନ୍ତି ବୋଲି ନାମିତ କରାଯାଏ। ଯେଉଁ ପୃଥିବୀରେ ମଣିଷ ମଣିଷକୁ ଧନ, କ୍ଷମତା, ପ୍ରତିପତ୍ତିର ଉଦ୍ଦାମରେ ଜଣେ ଜଣଙ୍କୁ ଚିହ୍ନିପାରି ନ ଥାଏ ଉକ୍ତ ବ୍ୟକ୍ତିମାନଙ୍କର ମୃତ୍ୟୁ ପରେ ଯେତେବେଳେ ସ୍ୱର୍ଗତ ହୋଇଥାନ୍ତି ସେଠାରେ କ'ଣ ଉକ୍ତ ଭେଦଭାବ କରିଥାନ୍ତି। ସେଠାରେ କ'ଣ ଅହଂକାର, ଆଭିଜାତ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଚଞ୍ଚକତାର ସ୍ୱାଦ ଥାଏ କିମ୍ବା ଉକ୍ତ ବ୍ୟକ୍ତି ମାନଙ୍କ ସ୍ଥାନ ଯେ ସ୍ୱର୍ଗରେ ସ୍ଥିରୀକୃତ ଏହା କେବଳ ଭ୍ରମାତ୍ମକ ଉଦ୍‌ବେଳନ। ଯଦି ସ୍ୱର୍ଗକୁ ଧନ, ପ୍ରତିପତ୍ତି, କ୍ଷମତା ଆଦି ଦ୍ୱାରା ସ୍ଥାନ ନିରୂପଣ କରାଯାଇ ପାରୁଥାନ୍ତା, ତେବେ ପୃଥିବୀର ବହୁ ଧନୀ ପ୍ରତିପତ୍ତିର ବ୍ୟକ୍ତିମାନେ ସ୍ୱର୍ଗରେ ନିଜସ୍ୱ ଅଟ୍ଟାଳିକା ନିର୍ମାଣ କରିସାରନ୍ତେଣି। ଧରା ବକ୍ଷରେ ଗର୍ବ, ଅହଂକାର, ଆତ୍ମବଡ଼ିମାର ତମସାଚ୍ଛନ୍ନ ବଳୟ ମଧ୍ୟରେ ମଣିଷର ମୃତ୍ୟୁ ପରେ ଯଦି ସ୍ୱର୍ଗାଲୋକର ଆଲୋକରେ ଆଲୋକିତ ହୁଏ, ତେବେ ସେ ସେଠାରେ କେବଳ ଦେଖିଥାଏ ମର୍ତ୍ତ୍ୟଲୋକର ନିଜ ଦ୍ୱାରା କୃତକର୍ମ ଫଳର ନ୍ୟାୟ ଅନ୍ୟାୟର ନିର୍ବିବାଦୀୟ ବିଚାର। ତେଣୁ ସ୍ୱର୍ଗରେ ଆସ୍ଥାନ କରିବାକୁ ହେଲେ ପ୍ରଥମେ ମର୍ତ୍ତ୍ୟଲୋକରେ ଉପଯୁକ୍ତ କର୍ମର ଆବଶ୍ୟକତା ରହିଛି।

**ମୋ -୯୯୩୭୩୪୫୯୦୦**

## ଏଇ ଭାରତରେ

ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ ଚାଷକରି ନିଜେ ରୋଜଗାର କରିବା ସହ ଅନେକ ହଜାର କୃଷକଙ୍କ ଉତ୍ପାଦନ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି କୋଏମ୍ବାଟୁରର ଗୌରବ ନାରଙ୍ଗ। ସେ ସିଟି ଗ୍ରୀନ୍ ନାମକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଗୌରବ ଆଇଆଇଏମ୍ କୋଲ୍‌କାତାରୁ ଡିଗ୍ରୀ ହାସଲ କରିବା ପରେ ଏହି କାର୍ଯ୍ୟ କରୁଛନ୍ତି। ସେ ପ୍ରଥମେ ଫାର୍ମା ସେକ୍ଟରରେ କାମ କରି ରୋଗୀମାନଙ୍କୁ ଘାତକ ରୋଗର ଔଷଧ ଯୋଗାଉଥିଲେ। ତା' ପରେ ସେ ହାଇଡ୍ରୋପୋନିକ ଚାଷକୁ ଗ୍ରହଣ କରିଥିଲେ। ସିଟି ଗ୍ରୀନ୍ ସ୍ଥାପନ କରି କୃଷକମାନଙ୍କୁ ଏହି ହାଇଡ୍ରୋପୋନିକ ଚାଷ ପ୍ରତି ଆକୃଷ୍ଟ କରିବାରେ ଲାଗିଲେ। ବର୍ତ୍ତମାନ ତାଙ୍କର ଅହମଦାବାଦ୍‌ରେ ୪ଟି ଫାର୍ମ ରହିଛି। ଏହାବାଦ୍ ଉତ୍ତରାଖଣ୍ଡରେ ମଧ୍ୟ ଫାର୍ମ ପ୍ରତିଷ୍ଠା କରିଛନ୍ତି, ଯାହା ଭାରତରେ ପ୍ରଥମ ସ୍ୱୟଂଚାଳିତ ହାଇଡ୍ରୋପୋନିକ୍ ଫାର୍ମ। ଗତ ଦୁଇ ବର୍ଷ ମଧ୍ୟରେ ସେ ୨୫ଟି ଫାର୍ମ ପ୍ରତିଷ୍ଠା କରି ୫,୦୦୦ ଚାଷୀଙ୍କୁ ସାହାଯ୍ୟ କରିପାରିଛନ୍ତି। ନିଜ ଫାର୍ମର କୃଷକମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଚାଷ ପାଇଁ ସମସ୍ତ ଉପକରଣ ମଧ୍ୟ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୮

- ଓଡ଼ିଶାର ୯ଟି ଜାତିକୁ କେନ୍ଦ୍ରୀୟ ପଛୁଆ ଶ୍ରେଣୀ ତାଲିକାଭୁକ୍ତ କରିବା ପାଇଁ ଜାତୀୟ ପଛୁଆଶ୍ରେଣୀ ଆୟୋଗଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ।
- ଭାରତୀୟ ବ୍ୟାଡ୍‌ମିଣ୍ଟନ ଫେଡେରେଶନର କାର୍ଯ୍ୟନିର୍ବାହୀ ସଭାପତି ପ୍ରକାଶ ପାଦୁକୋନ ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଫେଡେରେଶନର ପରିଚାଳନା ପରିଷଦ ସଦସ୍ୟ ଭାବେ ନିର୍ବାଚିତ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦର ମୁକାବିଲା ହେଉ

ମହାଶୟ,

ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦରେ ଶିକାର ହୋଇଥିବା ଶହୀଦଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ମୋଟା ଅଙ୍କରେ ଅନୁକମ୍ପା ରାଶି ପ୍ରଦାନ ଭାରତର ଆତଙ୍କବାଦୀ ସମସ୍ୟାର ପ୍ରକୃତ ସମାଧାନର ମାର୍ଗଦର୍ଶିକା ନୁହେଁ। ଦେଶର ପ୍ରତିରକ୍ଷା ଓ ନିରାପତ୍ତା ବ୍ୟବସ୍ଥାରେ କୌଣସି ପ୍ରକାର ସାଲିସ ନ କରି ଶତ୍ରୁପକ୍ଷର ଅତର୍କିତ ଆକ୍ରମଣକୁ ପ୍ରତି-ଆକ୍ରମଣରେ ଜବାବ ଦେବାରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅତ୍ୟାଧୁନିକ ଡ୍ରୋନ ଓ ସାଟେଲାଇଟ କ୍ୟାମେରାର ବ୍ୟବହାର ଦ୍ୱାରା ଆତଙ୍କବାଦୀଙ୍କ ଗତିବିଧି, କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ, ଭାରତ ଏହିପରି ଭାବେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ଶିକାର ହେଉଥିବ। ଭାରତରେ ଦେଖାଦେଇଥିବା ଆତଙ୍କବାଦୀଙ୍କ ଆତଙ୍କରାଜ ଅନ୍ତରାଳରେ ରହିଛି ପାକିସ୍ତାନର ପ୍ରଚ୍ଛନ୍ନ ହାତ। ପାକିସ୍ତାନୀ ଆତଙ୍କବାଦ ସମ୍ପୂର୍ଣ୍ଣ ବିଲୋପ ଓ ସେମାନଙ୍କ ଲୁଚାଛପା ଆକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ସକଳସ୍ତରରେ ଭାରତର ଗୋଇନ୍ଦା ବିଭାଗକୁ ସଚେତନାତ୍ମକ ଭାବେ ସଜାଗ ହେବା ସହିତ ଭାରତ-ପାକ୍ ସୀମାରେ ମୁତୟନ ହୋଇଥିବା ସାମରିକ ବାହିନୀ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ସାରା ବିଶ୍ୱରୁ ଆତଙ୍କବାଦର ବିଲୋପ ପାଇଁ ବିଶ୍ୱ ସମୁଦାୟର ସମୃଦ୍ଧ ବିତ୍ତଶାଳୀ ରାଷ୍ଟ୍ରମାନେ ଏକଜୁଟ ହେଲେ ବ୍ୟକ୍ତି ରାଷ୍ଟ୍ର ଓ ସର୍ବୋପରି ବିଶ୍ୱର ମଙ୍ଗଳ ସାଧିତ ହୋଇପାରିବ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଣ୍ଡରପାସ ଦେଇ ବେଆଇନ ଭାବେ ଗାଡ଼ି ଅତିକ୍ରମ ରେଳବାଇ କର୍ମଚାରୀଙ୍କ ସମେତ ୨ ଗିରଫ

ଯୋଡ଼ା,୧୫।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ନିକଟସ୍ଥ ଲହଣ୍ଡା ରେଲୱେ ଅଣ୍ଡର ପାସ ଦେଇ ବେଆଇନ ଓଭର ଡାଇମେନସନାଲ କାର୍ଗୋ (ଓଡ଼ିସି) ଅତିକ୍ରମ ବେଳେ ରେଳ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜଣେ ରେଳବାଇ କର୍ମଚାରୀଙ୍କ ସମେତ ଦୁଇ ହାଇଡ୍ରା ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଦୁଇଟି ଗୁଜୁରାଟ ରେଜିଷ୍ଟ୍ରେସନ ନମ୍ବର ଥିବା ଟ୍ରେଲରରେ ହେଭି ଟ୍ରାନ୍ସଫର୍ମର ଲୋଡ୍ ହୋଇ ବଡ଼ବିଲ ନିକଟସ୍ଥ ଏକ ଖଣିକୁ ଯାଉଥିଲା। ନିୟମ ଅନୁଯାୟୀ ଯେକୌଣସି ରେଲୱେ ଫାଟକ କିମ୍ବା ରେଲୱେ ଅଣ୍ଡରପାସ ଦେଇ ଯିବାକୁ ହେଲେ ରେଳବାଇର ଅନୁମତି ଆବଶ୍ୟକ। ମାତ୍ର ବିନା ଅନୁମତିରେ ଗାଡ଼ି ଦୁଇଟି ଯୋଡ଼ା, ଲହଣ୍ଡାସ୍ଥିତ ଅଣ୍ଡର ପାସ ଦେଇ ଚାଲିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ରେଳବାଇ ପୋଲିସ ସୂଚନା ପାଇ ପହଞ୍ଚି ଗାଡ଼ିଗୁଡ଼ିକୁ ଧରିଥିଲା। ଘଟଣାରେ ବାଂଶପାଣି ରେଲୱେ ଷ୍ଟେସନର ଜଣେ ସିନିୟର ଟେକ୍ନିସିଆନ କିଶୋର ଚନ୍ଦ୍ର ବେହେରା ସମ୍ପୃକ୍ତ କାର୍ଗୋ ଏଜେନ୍ସିଠାରୁ ମୋଟା ଅଙ୍କର ଅର୍ଥ ନେଇଥିବା ପ୍ରାଥମିକ ତଦନ୍ତରୁ ଜାଣିବା ପରେ ତାଙ୍କୁ ରେଲବାଇ ପାଲିସ ଗିରଫ କରିଥିଲା। ଅନ୍ୟ ଦୁଇ ହାଇଡ୍ରା ଡ୍ରାଇଭର ଅନୀଲ ଯାଦବ ଓ ଉମେଶ ପଟେଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ୪ ଗାଡ଼ି ଅଟକ ରଖି ରେଲବାଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ସାମାଜିକ କର୍ମୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,୧୫।୫(ସ୍ୱ.ପ୍ର.):ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତସ୍ଥିତ ଆମ୍ବସୌରୀ ଗ୍ରାମର ସାମାଜିକ କର୍ମୀ ଶରତ କୁମାର ନାୟକ(ଶତ୍ରୁଘ୍ନ)ଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ରହୁଥିଲେ ମଧ ନିଜ ଗାଁ ସହିତ ଖୁବ ଜଡ଼ିତ ଥିଲେ। ଭବାନୀପାଟଣାରେ ଥିବା ସମୟରେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀର ଭବନୀପାଟଣାରୁ ଆସି ବାଲିଚନ୍ଦ୍ରପୁରରେ ପହଞ୍ଚିବାପରେ ଅନେକ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ବିମଳ ମୁଖାଗ୍ନି ଦେଇଥିଲେ। ଶତ୍ରୁଘନଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଅଜୟ କୁମାର ସାମଲ, ପତରାଜପୁର ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ଦାସ, ସମିତିସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଞ୍ଚ ବିଳାଶ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ଚାରିନଙ୍ଗଳ ସେବା ସମବାୟ ସମିତି ସଭାପତି ପ୍ରତାପ କୁମାର ନାୟକ, ପତରାଜପୁର ପଞ୍ଚାୟତ ବିଜେଡି ସଭାପତି ଅନନ୍ତ ସିଂହ, ଶିକ୍ଷାବିତ୍ ଭ୍ରମରବର ନାୟକ, ଦଳିତ ନେତା ନାରାୟଣ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଅନୁଦାନ ଖର୍ଚ୍ଚରେ ଅନିୟମିତତା

**ସାମନ୍ତ ସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟ**

- ତଦନ୍ତ ଦାବି କଲେ ଅଞ୍ଚଳବାସୀ
- ସୂଚନା ଅଧିକାର ଆଇନରେ ମିଳିଲାନି ପୂର୍ଣ୍ଣତଥ୍ୟ




ବରୀ,୧୫।୫(ଡି.ଏନ.ଏ.):

ଯାଜପୁର ଜିଲା ବରୀ ଶିକ୍ଷାମଣ୍ଡଳ ଅଧୀନ ସାମନ୍ତ ସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସିଥିବା ଅନୁଦାନ ଖର୍ଚ୍ଚରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ବରୀ ଅଞ୍ଚଳର ଦର୍ଶନ ବେହେରା ନାମକ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ଏହି ବିଦ୍ୟାଳୟକୁ ୨୦୨୦-୨୧/୨୦୨୧-୨୨/୨୦୨୨-୨୩ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ କେତେ ଅନୁଦାନ ଆସିଥିଲା ଓ କେତେ ଖର୍ଚ୍ଚ ହୋଇଛି ତା'ର ତଥ୍ୟ ମାଗିଥିଲେ। ମାତ୍ର ତାଙ୍କୁ ଯେଉଁ ତଥ୍ୟ ମିଳିଛି ସେହି ଅନୁସାରେ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ଏଥିସହିତ ତାଙ୍କୁ ଅସମ୍ପୂର୍ଣ୍ଣ ତଥ୍ୟ ମିଳିଥିବା ସେ ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ଉକ୍ତ ବିଦ୍ୟାଳୟକୁ ଇକୋ କ୍ଲବ୍, ସାଇକେଲ କିଣା, ପାଠାଗାର, ଏନର୍ଜି କ୍ଲବ୍, ମୋ ସ୍କୁଲ ଅଭିଯାନ, ବିଜ୍ଞାନ ଅନୁଦାନ ଓ କମ୍ପୋଜିଟ୍ ଗ୍ରାଣ୍ଟ ବାବଦରେ ୨୦୨୦-୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ୪୭ ହଜାର ୯୬୦ ଟଙ୍କା, ୨୦୨୧-୨୨ ଆର୍ଥିକ ବର୍ଷରେ ୧ ଲକ୍ଷ ୯୪ ହଜାର ୨୦ ଟଙ୍କା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୨ ଲକ୍ଷ ୮୬ ହଜାର ୬୦୦ ଟଙ୍କା ଆସିଛି। ମାତ୍ର ଆସିଥିବା ଅନୁଦାନକୁ ଉପରୋକ୍ତ କାର୍ଯ୍ୟରେ ଠିକ୍‌ରେ ବିନିଯୋଗ କରାଯାଇ ନାହିଁ ବୋଲି ଅଞ୍ଚଳର ୨୧ନଂ. ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀକାନ୍ତ ମଲିକ, ଅଶୋକ ମଲିକ, ଶାନ୍ତନୁ ମଲିକ, ବିଷ୍ଣୁପ୍ରିୟା ମଲିକ, ଶାନ୍ତନୁ ଦଳାଇ ପ୍ରମୁଖ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ସେହିପରି ପତ୍ର ସଂଖ୍ୟା ୪୦/୨୦୨୩ ତା:୨୯।୦୪।୨୦୨୩ରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ଦାସ ରେଜେଷ୍ଟ୍ରୀ ଡାକ ଯୋଗେ ଆବେଦନକାରୀ ବେହେରାଙ୍କୁ ୩ ଆର୍ଥିକ ବର୍ଷରେ ଆସିଥିବା ଅନୁଦାନ ଏବଂ ଏହାର ବିନିଯୋଗର ପ୍ରମାଣପତ୍ର ପଠାଇଛନ୍ତି। ଏହିପତ୍ର ସଂଖ୍ୟାର ଚତୁର୍ଥ ପୃଷ୍ଠା କ୍ରମିକ ସଂଖ୍ୟା ୪ରେ ବିନିଯୋଗ ପ୍ରମାଣପତ୍ର ଏବଂ ଏହାର ଭାଉଚର ଆବେଦନକାରୀଙ୍କୁ ପ୍ରଦାନ କରାଗଲା ବୋଲି ଉଲ୍ଲେଖ ରହିଛି। ହେଲେ ସେହି ଚତୁର୍ଥ ପୃଷ୍ଠାର କ୍ରମିକ ସଂଖ୍ୟା ୫ରେ ବିନିଯୋଗ ପ୍ରମାଣପତ୍ର ଏବଂ ଏହାର ଭାଉଚରର ଠିକ୍ ପ୍ରାମାଣିକ ତଥ୍ୟ ପ୍ରଦାନ ଦ୍ୱାରା ବିଦ୍ୟାଳୟର ଗୋପନୀୟତା ନଷ୍ଟ ହେଉଛି, ତେଣୁ ଏହା ପ୍ରଦାନ କରାଯାଉ ନାହିଁ ବୋଲି ସେ ଆବେଦନକାରୀଙ୍କୁ ସୂଚନା ଦେଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣାଙ୍ଗ ସୂଚନା ଦେବା କ୍ଷେତ୍ରରେ କେଉଁ ଉଦ୍ଦେଶ୍ୟରେ କାଳ କ୍ଷେପଣ ନୀତି ଅବଲମ୍ବନ କଲେ ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ପରାମର୍ଶରେ କୌଣସି ମତାମତ ଦେଇ ପାରିବି ନାହିଁ।

## ଜାରକା ବସ୍ ଷ୍ଟପେଜରେ ଶେଡ୍ ନିର୍ମାଣ ଦାବି



ଜାରକା ବସଷ୍ଟପେଜ।

ଧର୍ମଶାଳା,୧୫।୫(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଜାରକା ଫ୍ଲାଇ ଓଭର ତଳେ ଥିବା ବସ୍‌ଷ୍ଟପେଜରେ ଯାତ୍ରୀଙ୍କ ପାଇଁ ଏକ ଶେଡ୍ ନିର୍ମାଣ କରିବାକୁ ଦାବି ହୋଇଛି। ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଏଠାକୁ ଆସି କଟକ, ଭଦ୍ରକ, ଯାଜପୁର ରୋଡ, ଯାଜପୁର ଟାଉନ ଓ କେନ୍ଦୁଝର ଆଦି ଅଞ୍ଚଳକୁ ଯାଇଥାନ୍ତି। ତେବେ ଯାତ୍ରୀଙ୍କ ବସିବା ଲାଗି ସ୍ଥାନୀୟ ଅଞ୍ଚଳର ଏକ ସଙ୍ଗଠନ ପକ୍ଷରୁ ସିମେଣ୍ଟ ଚେୟାରର ବ୍ୟବସ୍ଥା କରାଯାଇଛି। ହେଲେ ସେଡଟିଏ ନିର୍ମାଣ ହୋଇ ପାରିନାହିଁ। ଫଳରେ ଖରା ପ୍ରକୋପରେ ଯାତ୍ରୀମାନେ ଏଠାରେ ବସି ବସକୁ ଅପେକ୍ଷା କରିବା କଷ୍ଟକର ହୋଇପଡୁଛି। ସେହିପରି ଖରାରେ ବସଷ୍ଟପେଜ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ଏଠାରେ ପାନୀୟ ଜଳର କୌଣସି ବ୍ୟବସ୍ଥା କରାଯାଇନାହିଁ। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବସଷ୍ଟପେଜରେ ତୁରନ୍ତ ଏକ ଶେଡ୍ ନିର୍ମାଣ ସହ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଜାରକା ବଜାର କମିଟି ପକ୍ଷରୁ ଦାବି କରାଯାଇଛି।

## ପ୍ରସ୍ତାବିତ କାରାଗାରକୁ ଗ୍ରାମବାସୀଙ୍କ ବିରୋଧ



କାରାଗାରକୁ ବିରୋଧ କରି ଗ୍ରାମବାସୀ ଏକାଠି ହୋଇଛନ୍ତି।

ଯାଜପୁର ଟାଉନ,୧୫।୫(ଡି.ଏନ.ଏ.):

ଯାଜପୁର ବ୍ଲକ୍ ଏରବାଙ୍କ ପଞ୍ଚାୟତର ଛତିରିଆ ପଡ଼ିଆରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ହେବାକୁ ଥିବା କାରାଗାରକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଠାରେ ଥିବା ୧୩ ଏକର ଗୋଚର ଜମି ଏରବାଙ୍କ, ନଉପଡ଼ା, ବ୍ରହ୍ମପୁର, ସୁଜନପୁର, ଇନ୍ଦାରୋଇ, ଗୋବର୍ଦ୍ଧନପୁର, ବାଙ୍କସାହି ଓ ରଘୁନାଥପୁର ଆଦି ଗ୍ରାମର ୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଗୃହପାଳିତ ପଶୁଙ୍କ ଜୀବନରେଖା ହୋଇଛି। ଏହି ପଡ଼ିଆରେ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକର ବାର୍ଷିକ ଖେଳ ହେବା ସହିତ ବିଭିନ୍ନ ଯଜ୍ଞ ଅନୁଷ୍ଠିତ ହୁଏ। ଏପରିକି ଗ୍ରାମବାସୀଙ୍କ ବିଭିନ୍ନ ମାଙ୍ଗଳିକ ଓ ଶୁଦ୍ଧକ୍ରିୟା କାର୍ଯ୍ୟକ୍ରମ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ। ତେଣୁ ଶହଶହ ବର୍ଷର ଗୋଚର ଜମିକୁ ପ୍ରସ୍ତାବିତ କାରାଗାର ପାଇଁ ଛାଡ଼ିବୁ ନାହିଁ ବୋଲି ଗ୍ରାମବାସୀ କହିବା ସହ ଦରକାର ପଡିଲେ ନବୀନ ନିବାସ ଘେରାଉ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଜିଲା ପ୍ରଶାସନ ଗୋଚର ଜମିକୁ ମାପ କରି ଚିହ୍ନଟ କରିଛନ୍ତି। ରାଜ୍ୟ ଜେଲ୍ ବିଭାଗର ବରିଷ୍ଠ ପାଦାଧିକାରୀମାନେ ଉଦ୍ଦିଷ୍ଟ ଗୋଚର ଜମିକୁ ବୁଲି ଦେଖିସାରିଛନ୍ତି। ଏବେ ଲୋକଙ୍କ ବିରୋଧ ପରେ ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

## ଅଭିନୟ ପୂର୍ବରୁ ଟଳିପଡ଼ିଲେ ଯାତ୍ରା ଅଭିନେତା ଜୟନ୍ତ

ନୀଳଗିରି,୧୫।୫(ସ୍ୱ.ପ୍ର):

କିଛି ସମୟ ପରେ ମଞ୍ଚ ଉପରେ କରିଥାନ୍ତେ ଅଭିନୟ। ଗ୍ରୀନରୁମ୍‌ରେ ସଜବାଜ ହୋଇ ବସିଥିଲେ। ମେଲୋଡି ସରିବା ପରେ ପ୍ରଥମ ଦୃଶ୍ୟରେ ଥିଲା ତାଙ୍କର ଅଭିନୟ। ହେଲେ ହଠାତ୍ ଅଚେତ ହୋଇ ଟଳିପଡ଼ିଲେ। ସାଥୀ କଳାକାର ଓ ଯାତ୍ରା କମିଟି ସଦସ୍ୟମାନେ ତାଙ୍କୁ ନିକଟସ୍ଥ ଦାନଗଦୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଆକସ୍ମିକ ମୃତ୍ୟୁର ଶିକାର ହୋଇଛନ୍ତି ଯାତ୍ରା ଦରବାରର ବିଶିଷ୍ଟ କଳାକାର ଜୟନ୍ତ କୁମାର ମହାପାତ୍ର (୩୮)। ଏଭଳି ଦୁର୍ଘଟଣା ପାଇଁ ଯାତ୍ରାକୁ ଅଧାରାତିରୁ ବନ୍ଦ କରାଯାଇଥିଲା।

ରବିବାର ରାତିରେ ଯାଜପୁର ଜିଲା ଢୁବୁରୀସ୍ଥିତ ପାଇକପୁରାଠାରେ ନାଟକ 'ଶ୍ରାବଣ ଦେଇଛି ଛ ଗୁଣ ଲୁହ' ପରିବେଷଣ ହେବା ପୂର୍ବରୁ ଜୟନ୍ତଙ୍କୁ ହରାଇ ସାଥୀ କଳାକାରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଜୟନ୍ତଙ୍କ ଘର ନୀଳଗିରି ବ୍ଲକ ଉପରଡ଼ିହା ଗ୍ରାମରେ। ସେ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ମେଳାପୀ ଓ ଖୁସ୍ ମିଜାଜର ଯୁବକ ଥିଲେ। ପୂର୍ବରୁ ଜୟନ୍ତଙ୍କ ବାପା ସିଦ୍ଧେଶ୍ୱର ମହାପାତ୍ର ମଧ ଯାତ୍ରା ପେଣ୍ଡାଲରେ ମୃତ୍ୟୁବରଣ କରିଥିଲେ। ସୋମବାର ସନ୍ଧ୍ୟାରେ ନିଜ ଗାଁ ଉପରଡ଼ିହାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## କର୍ମୀ ଏକଜୁଟ ହୋଇ କାର୍ଯ୍ୟକଲେ ଦଳ ମଜଭୁତ ହେବ



ଟିଣା ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଓ କର୍ମୀ।

ସିଂହପୁର,୧୫।୫(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ପଞ୍ଚାୟତରେ ସୋମବାର କଂଗ୍ରେସର ଏକ ସାଙ୍ଗଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଦସ୍ୟା କନକଲତା ମଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ ଯୋଗଦେଇ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟକଲେ ଦଳ ମଜଭୁତ ହେବ ବୋଲି କହିଥିଲେ। ଏହି ଅବସରରେ କେଦାର ମଲିକଙ୍କୁ ପଞ୍ଚାୟତ ସଭାପତି ଭାବେ ଚୟନ କରାଯାଇଥିଲା। ବୈଠକରେ ଅର୍ଜୁନ ଚରଣ ଦାସ, ଜୟନ୍ତ ସାମଲ, ପ୍ରଫୁଲ୍ଲ ଜେନା, ବେଣୁଧର ଜେନା, କେଦାର ମଲିକ, ମହେଶ୍ୱର ଦାସ, ବନମାଳୀ ଜେନା, ବ୍ରଜ ଜେନା, କାଳନ୍ଦି ମଲିକ, ଉମେଶ ଚନ୍ଦ୍ର ସାମଲ, ପ୍ରତାପ ବେହେରା, ମନୋରଞ୍ଜନ ସାମଲ, ଗୌରାଙ୍ଗ ସାମଲ ରାମଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ନରେନ୍ଦ୍ର ପଣ୍ଡା, ଯୁଧିଷ୍ଠିର ସାମଲ ଓ ଶ୍ୟାମ ସୁନ୍ଦର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀ: ୧୦ ପଞ୍ଚାୟତରେ ବିଦ୍ୟୁତ୍ ସେବା ବ୍ୟାହତ

ରସୁଲପୁର,୧୫।୫(ଡି.ଏନ.ଏ.):



ଝଡ଼ତୋଫାନରେ ଏକ ସୋଲାର ଲାଇଟ୍ ଖୁଣ୍ଟ ଭାଙ୍ଗିପଡ଼ିଛି।

ରସୁଲପୁର ବ୍ଲକ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷାପବନ ସହ କୁଆପଥର ମାଡ଼ ହୋଇଛି। ବାତ୍ୟା ଅତିକ୍ରାନ୍ତ ହେବାର ଦିନକ ପରେ କାଳବୈଶାଖ ଯୋଗୁ ଏହି ବ୍ଲକର୍ ଲକ୍ଷ୍ମୀନଗର, ପହଁଗା ଆଦି ପଞ୍ଚାୟତରେ ବିଦ୍ୟୁତ୍ ଖୁଣ୍ଟ ଭୁଶୁଡ଼ି ପଡ଼ିବା ସହ କୁଆଖିଆ ସେକ୍ସନ ଅଞ୍ଚଳର ଭୋଟକା, ରସୁଲପୁର, ବାହାଦଲାପୁର, ମୁଗୁପାଳ, ରାହାମ୍ବା, ପ୍ରଥମାଖଣ୍ଡି ଭଳି ୧୦ ପଞ୍ଚାୟତରେ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ବିଦ୍ୟୁତ୍ ସରବରାହ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ ପକ୍ଷରୁ ମରାମତି ଆଳରେ ଏକାଧିକ ଘଣ୍ଟା ବିଦ୍ୟୁତ୍ ସେବା ବନ୍ଦ କରାଯାଇଥିଲା। ବିନା ବିଜୁଳିରେ ଲୋକେ ଗରମ ଗୁଳଗୁଳିରେ ଅସ୍ତବ୍ୟସ୍ତ ହୋଇ ପଡିଥିଲେ। କୁଆଖିଆ ସେକ୍ସନ ଅଧୀନରେ ଝଡ଼ ପ୍ରଭାବ ସେତେ ଅଧିକ ନ ଥିବା ସତ୍ତ୍ୱେ ଘଣ୍ଟାଘଣ୍ଟା ଧରି ବିଜୁଳି କଟିବାକୁ ସାଧାରଣରେ ନିନ୍ଦା କରାଯାଇଛି।

## ଗୋଚାଲାଣବେଳେ ଧରିଲା ପୋଲିସ

**ଟ୍ରକ ଜବତ, ୨୩ ଗାଈ ଉଦ୍ଧାର**




ଚଣ୍ଡିଖୋଲ,୧୫।୫(ଡି.ଏନ.ଏ.):

ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣ ମୁସଲମାନ ସାହିରେ ଗୋଚାଲାଣବେଳେ ପୋଲିସ ଚଢ଼ାଉ କରି ଏକ ଟ୍ରକ୍ ଜବତ କରିବା ସହ ୨୩ ଗାଈକୁ ଉଦ୍ଧାର କରିଛି। ଏକ ୧୨ଚକିଆ ଟ୍ରକ (ଓଆର୍-୦୪ -ଏମ-୬୦୫୭)ରେ ଗାଈ ବୋଝେଇ ହେଉଥିବା ଖବର ପାଇ ବଡ଼ଚଣା ଥାନା ଓ ଧାନ ମଣ୍ଡଳ ଫାଣ୍ଡି ପୋଲିସ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଟ୍ରକରେ ୨୩ ଗାଈ ବୋଝେଇ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଧାନ ମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ବଡ଼ଚଣା ଥାନା କେସ ନଂ.୧୩୪/୨୩ରେ ଏକ ମାମଲା ରୁଜୁ କରାଯିବା ସହ ଟ୍ରକ୍‌କୁ ଜବତ କରାଯାଇଥିଲା। ଏଥିସହିତ ଗାଈ ଗୁଡ଼ିକୁ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ବେଆଇନ ଗୋ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ପୋଲିସ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଥିଲାବେଳେ ଗାଈଗୁଡ଼ିକୁ ଗୋଶାଳା ଜିମା ଦେଇଛି। ବଡ଼ଚଣା ଥାନା ଏସ୍‌ଆଇ ବୀରେନ୍ଦ୍ର ମୁଦୁଲି ଘଟଣାର ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

## ଯାଜପୁର ପ୍ରେସ୍ କ୍ଲବର ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ଖବରଦାତାମାନେ।

ଯାଜପୁର ଟାଉନ,୧୫।୫(ଡି.ଏନ.ଏ.):

ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ଅମ୍ବିକା ମଣ୍ଡପଠାରେ ରବିବାର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍‌କ୍ଲବ ସଭାପତି ରାଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଗୋସ୍ୱାମୀ, ସମରଜିତ୍ ମହାନ୍ତି, ବିଜୟ କୁମାର ମହାନ୍ତି, ବିରଜା ପ୍ରସାଦ ପାଣି, ସନ୍ଦୀପ୍ତ କୁମାର ରାୟ, ତପନ କୁମାର ମହାନ୍ତି, ଦିଲ୍ଲୀପ କୁମାର ଦାସ, ତପନ କୁମାର ମହାରଣ୍ୟ, ମହେଶ୍ୱର ସାହୁ, ପ୍ରଭାତ ତ୍ରିପାଠୀ, ପରମେଶ୍ୱର ବେହୁରିଆ, ଅନିଲ କୁମାର ପଣ୍ଡା, ସୁରେନ୍ଦ୍ର ସାମଲ, ସନ୍ତୋଷ କୁମାର ପଣ୍ଡା, ଦେବାଶିଷ ସାହୁ, ବିଜୟ କୁମାର ସାହୁ, ଦେବଦତ ଦାସ, ସୌମ୍ୟରଞ୍ଜନ ଦାସ, ଶକ୍ତିସ୍ୱରୂପ ମହାପାତ୍ର, ମନୋଜ କୁମାର ରଣା, ବିଭୁଦତ ପୃଷ୍ଟି, ମାନସ ରଞ୍ଜନ ତ୍ରିପାଠୀ ଓ ପ୍ରଦୀପ କୁମାର ବେହୁରିଆ ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରିବା ଏବଂ ବୀମା ରାଶି ୫ ଲକ୍ଷକୁ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ଖବରଦାତାଙ୍କ ଏକତା ଦ୍ୱାରା ହିଁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ସାଧାରଣ ସମ୍ପାଦକ ଅରୁଣ ରାଉତରାୟ ପ୍ରାକ୍ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆୟୋଜକ ସମର ବିଜୟ ଶରଣ ଧନ୍ୟବାଦ ଦେଇଥିଲେ।

## ଦରମା ବୃଦ୍ଧି ଦାବିରେ ସଫେଇ କର୍ମଚାରୀଙ୍କ ଗଣଧାରଣା

ଧର୍ମଶାଳା,୧୫।୫(ଡି.ଏନ.ଏ.):



ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ସଫେଇ କର୍ମଚାରୀ ଗଣଧାରଣା ଦେଇଛନ୍ତି।

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଦରମା ବୃଦ୍ଧି ଦାବିରେ ସୋମବାର ଗଣଧାରଣା ଦେଇଛନ୍ତି। ସଫେଇ କର୍ମଚାରୀଙ୍କୁ ମା' ବିରଜା ଟ୍ରେଡର୍ସ ଏଠାରେ ଦିନକୁ ୨୦୦ ଟଙ୍କା ମଜୁରିରେ ନିଯୁକ୍ତି କରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ଟ୍ରେଡର୍ସ ଅଧୀନରେ ୧୫ ସଫେଇ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ହେଲେ ସେମାନଙ୍କୁ ପ୍ରତିମାସରେ କମ୍ପାନୀ ଦରମା ଦେଉନାହିଁ। ଏଥିସହିତ ମାସକୁ ୬ହଜାର ଟଙ୍କା ଦରମା ଦେଉଥିବାରୁ ସେମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିଭିନ୍ନ ପ୍ଲାକାର୍ଡ ଧରି ଗଣଧାରଣା ଦେବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡାକ୍ତର ସ୍ୱାଇଁ ଦାବିପତ୍ର ଗ୍ରହଣ କରିବା ସହ ସେମାନଙ୍କୁ ବୁଝାଶୁଝା କରିବା ପରେ ଗଣଧାରଣା ପ୍ରତ୍ୟାହାର ହୋଇଛି। ତେବେ ଦାବିପୂରଣ ନ ହେବା ଯାଏ ସେମାନେ ସଫେଇ କରିବେ ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଗଣଧାରଣାରେ ମନୋଜ ବେହେରା, ମଳୟ ରଞ୍ଜନ ଗୋଛାୟତ, ରାନୀ ବେହେରା, ସୁନୀଲ ବେହେରା, ସାବିତ୍ରୀ ବେହେରା, ରାହୁଲ ମଲିକ ଓ ଦୀନବନ୍ଧୁ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୩୫ ବୋତଲ ଚୋରାମଦ ଜବତ: ଅଭିଯୁକ୍ତ ଗିରଫ

**କୁଜଙ୍ଗ,୧୫।୫(ଡି.ଏନ୍.ଏ.):** ଅଭୟଚାନ୍ଦପୁର ଥାନା ଅଞ୍ଚଳରୁ ପୋଲିସ ରବିବାର ସନ୍ଧ୍ୟାରେ ୩୫ ବୋତଲ ଚୋରା ମଦ ଜବତ କରିଛି। ଏହି କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଝିମାଣି ଗ୍ରାମର ଦୀଲିପ ସ୍ୱାଇଁ (୩୮)। ସେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବଗଦିଆ ସିଜୁ ରାସ୍ତାରେ ଚୋରା ମଦ ନେଇ ଯାଉଥିବାବେଳେ ପୋଲିସ୍ ହାବୁଡରେ ପଡ଼ିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୩୧/୨୩) ରୁଜୁ ହୋଇଛି।

### ମେଧାବୃତ୍ତି ପରୀକ୍ଷାରେ ଅଭିନବଙ୍କ ସଫଳତା

**ଜଗତସିଂହପୁର ଅଫିସ, ୧୫।୫ :** ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଷଷ୍ଠ ଶ୍ରେଣୀ ଛାତ୍ର ଅଭିନବ ସାହୁ ଓଡ଼ିଶା



ଶିକ୍ଷା ବିକାଶ ସମିତି ଦ୍ୱାରା ଅନୁଷ୍ଠିତ ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ ୫ମ ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୮ମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ କୁଜଙ୍ଗ ବ୍ଲକରେ ୧ମ ସ୍ଥାନ ଅଧିକାର କରିଛନ୍ତି। ସେ ହେଲେ ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତ ଅନ୍ତର୍ଗତ ସନ୍ତୋ ଗ୍ରାମର ତଥା ଜଗତ୍‌ସିଂହପୁରସ୍ଥିତ ପୋଷ୍ଟମାଷ୍ଟର ନିବାସୀ ରଞ୍ଜନ କୁମାର ସାହୁ ଓ ଗୋରଡ଼ସ୍ଥିତ ସହକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁଙ୍କ ପୁତ୍ର । ତାଙ୍କର କୃତିତ୍ୱ ପାଇଁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ, ଗୁରମା, ଗୁରୁଜୀ ଓ ପରିଚାଳନା ସମିତି ସଦସ୍ୟାମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

### ନାବାଳିକାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଅଭିଯୁକ୍ତ

**ବାଲିକୁଦା,୧୫।୫(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳରେ ଟ୍ୟୁଶନରୁ ଫେରୁଥିବାବେଳେ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ରାସ୍ତାରୁ ଟେକି ନେଇ ବଳାତ୍କାର ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସରୋଜ କାଣ୍ଡିଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ରବିବାର ଦୁଇ ସାଙ୍ଗଙ୍କ ସହ ଟ୍ୟୁଶନରୁ ଦିନ ପ୍ରାୟ ୯ଟାବେଳେ ଫେରୁଥିବାବେଳେ ବଜାର ନିକଟରେ ଥିବା ହନୁମାନ ମନ୍ଦିର ପାଖରେ ସରୋଜ ତାଙ୍କୁ ରାସ୍ତାରୁ ଟେକି ନେଇ କିଛି ଦୂରରେ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସାଥିରେ ଥିବା ୨ ସାଙ୍ଗ ବଜାରକୁ ଧାଇଁ ଆସି ଚିତ୍କାର କରିଥିଲେ। ପିଲାଙ୍କ ପାଟିଶୁଣି କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିବା ସହ ସରୋଜଙ୍କୁ କାବୁ କରି ପୋଲିସରେ ଖବର ଦେଇଥିଲେ । ପରେ ବାଲିକୁଦା ଥାନା ଓ ଅନନ୍ତପୁର ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତ କାଣ୍ଡିଙ୍କୁ ସାଙ୍ଗରେ ନେଇଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା

**ରଘୁନାଥପୁର,୧୫।୫(ଡି.ଏନ୍.ଏ.)**



ଉପଭୋକ୍ତାମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ବିଦ୍ୟୁତ୍ କାଟ, ଲୋ ଭୋଲ୍‌ଟେଜ ସମସ୍ୟାର ପ୍ରତିବାଦ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ
- ସାତଦିନର ପରେ କୋର୍ଟକୁ ଯିବାପାଇଁ ଚେତାବନୀ

ରଘୁନାଥପୁର ବ୍ଲକ ବିଦ୍ୟୁତ୍ ବିଭାଗ ଏସଡ଼ିଓଙ୍କ ଅଧୀନରେ ଥିବା କଟକ ସଦର ବ୍ଲକ ପ୍ରହରାଜପୁର ପଞ୍ଚାୟତବାସୀ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍ଟେଜ ସମସ୍ୟା ଯୋଗୁ ଅତିଷ୍ଠ ହୋଇପଡିଲେଣି। ବାରମ୍ବାର ଅଭିଯୋଗ କରି ନିରାଶ ହେବାପରେ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଉପଭୋକ୍ତାମାନେ ଘେରାଉ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସରପଞ୍ଚ ଅବଦୁଲ ୱାଇଦ ଖାଁ ଓ ସମିତି ସଭ୍ୟ ଲିଆକତ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ସେମାନଙ୍କ ସମସ୍ୟା ଜଣାଇବା ପାଇଁ ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ ମଧ୍ୟ ଏସ୍‌ଡିଓଙ୍କ ଦେଖା ମିଳି ନ ଥିଲା। ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଯନ୍ତ୍ରୀ କୃତ୍ତିବାସ ମାଝୀ ଘେରାଉ ସ୍ଥଳରେ ପହଞ୍ଚି ପଞ୍ଚାୟତବାସୀଙ୍କ ପାଖରୁ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ ଉକ୍ତ ସମସ୍ୟା ଲାଗିରହିଛି। ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ରୋଗଗ୍ରସ୍ତ ବ୍ୟକ୍ତି ଗରମରେ ଆଉଟପାଉଟ ହେଉଛନ୍ତି। ଘରେ ବାହାରେ କେଉଁଠି ନିସ୍ତାର ମିଳୁନାହିଁ। ଯେଉଁ ସମୟରେ ବିଦ୍ୟୁତ୍ ରହୁଛି ଲୋଭୋଲ୍‌ଟେଜ ସମସ୍ୟା ଯୋଗୁ ଟିଭି, ଫ୍ରିଜ, ପାଣି ମଟର ଏପରିକି ପଙ୍ଖା ମଧ୍ୟ ଠିକ୍ ଭାବେ କାମକରୁନି ବୋଲି ସରପଞ୍ଚ ଖାଁ ପ୍ରକାଶ କରିଛନ୍ତି। ପାର୍ଶ୍ୱବର୍ତ୍ତି ଗ୍ରାମରେ ଠିକ୍ ବିଦ୍ୟୁତ୍ ସେବା ଉପଲବ୍ଧ ହେଉଥିବାବେଳେ ଜାଣିଶୁଣି ବିଦ୍ୟୁତ୍ ବିଭାଗ ଶକ୍ତି ସଞ୍ଚୟ କରିବା ପାଇଁ ସେମାନଙ୍କ ପ୍ରତି ଏଭଳି ମନୋଭାବ ପୋଷଣ କରୁଛି ବୋଲି ସମିତି ସଭ୍ୟ ଖାଁ କହିଛନ୍ତି। ଏହି ଘେରାଉରେ ଏସ.କେ, ସିରାଜ ଅଲ୍ଲୀ, ମଜବୁର ରେହାମାନ, ଖଲିଲ ଅହମ୍ମଦ, ଶେଖ୍ ସମିଲ ଅହମ୍ମଦ କାଦ୍ରୀ, ନାରାୟଣ ବେହେରା, ସାବିତ୍ରୀ ବେହେରା, ସ୍ୱର୍ଣ୍ଣଲତା ଦାସ, ଶରତ କୁମାର ଦତ୍ତ, ଚନ୍ଦନ ବେହେରା ଓ ଅମନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଅଭିଯୁକ୍ତଙ୍କ ଆଖିପତା ଫାଟିବା ନେଇ ସନ୍ଦେହରେ ପୋଲିସ

**ରଘୁନାଥପୁର,୧୫।୫(ଡି.ଏନ୍.ଏ.)**

### ସାନଭାଇ ଆକ୍ରମଣରେ ବଡ ଆହତ ଘଟଣା

ରଘୁନାଥପୁର ଥାନା ସାଳିଜଙ୍ଗା ଗ୍ରାମର ସାନଭାଇ ଅଜୟ ପାଲଟାସିଂହଙ୍କ ଆକ୍ରମଣରେ ବଡ଼ଭାଇ ବିଜୟ ପାଲଟାସିଂହ ଆହତ ହେବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ.୧୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ସୋମବାର ଅଭିଯୁକ୍ତ ସାନଭାଇ ଅଜୟଙ୍କୁ ନିକଟସ୍ଥ ସାଳିଜଙ୍ଗା ରେଳ ଫାଟକ ନିକଟରୁ ଏସ୍‌ଆଇ ଅନିଲ କୁମାର ସାହୁ କାବୁ କରି ଥାନାକୁ ଆଣିଥିଲେ। ଥାନାରୁ ଅଭିଯୁକ୍ତ ଅଜୟଙ୍କୁ ଡାକ୍ତରୀ ଯାଞ୍ଚ କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯାଇଥିବା ମେଡିକାଲ ରେଜିଷ୍ଟର ନଂ. ୨୮୨୫/୧୫-୫-୨୩ ଅନୁଯାୟୀ, ଅଭିଯୁକ୍ତ ଅଜୟଙ୍କ ବାମଆଖି ପତାରେ କ୍ଷତଥିବା ଦର୍ଶାଯାଇଛି। ପୋଲିସ ହେପାଜତରେ ଥିଲାବେଳେ ଅଭିଯୁକ୍ତ ଆହତ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ପଚାରିବାରେ,ଦୁଇ ଭାଇଙ୍କ ମାଡ଼ପିଟରେ ଅଭିଯୁକ୍ତ ଅଜୟଙ୍କ ଆଖିପତା ଫାଟିଥିବା କହିଛନ୍ତି।

# ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**ପାରାଦୀପ,୧୫।୫(ସ୍ୱ.ପ୍ର.)**

ପାରାଦୀପ ଲକଥାନା ପୋଲିସ ସୋମବାର ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲକପଡ଼ାର ସାଗର ଦାସ ଓ ରାଜେନ ଦେବନାଥ। ସେମାନଙ୍କ ନିକଟରୁ ୫.୦୪ଗ୍ରାମ ବ୍ରାଉନସୁଗାର ଓ ନଗଦ ୧୬ ହଜାର ୨୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୧୯୧/୨୩) ରୁଜୁ ହୋଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

**ତିର୍ତ୍ତୋଲ,୧୫।୫ (ଡି.ଏନ.ଏ.)**

### ବ୍ଲକ ଅଧ୍ୟକ୍ଷଙ୍କ ହସ୍ତକ୍ଷେପରେ ବିଦ୍ୟୁତ ସଂଯୋଗ



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ।

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତର କୋଟକଣା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଦୀର୍ଘ ୨ ମାସ ହେବ ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଅଧିକାରୀମାନଙ୍କୁ ବାରମ୍ବାର ଏସମ୍ପର୍କରେ ଅବଗତ କରାଇଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ବାଧହୋଇ ସୋମବାର ଗ୍ରାମବାସୀ ଏହି ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ବ୍ଲକ ପ୍ରଶାସନ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତାଙ୍କ ପରାମର୍ଶରେ ସିଡିପିଓଙ୍କ କାର୍ଯ୍ୟାଳୟ ସୁପରଭାଇଜର ସ୍ମୃତିରାଣୀ ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗ୍ରାମବାସୀ ବିଦ୍ୟୁତ ସଂଯୋଗ ଲାଗି ଅଡ଼ି ବସିଥିଲେ। ଏନେଇ ବିଦ୍ୟୁତ ବିଭାଗ ସହ ଆଲୋଚନା କରାଯାଇଥିଲା। ପରେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଆସି ବିଦ୍ୟୁତ୍ ସଂଯୋଗ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଙ୍ଗନୱାଡି କର୍ମୀ ସରଳାବାଳା ଖୁଣ୍ଟିଆ ଉପସ୍ଥିତ ରହି ସମାଧାନରେ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ସୁବର୍ଣ୍ଣ କୁମାର ପଣ୍ଡା, ବିକାଶ ମଲ୍ଲିକ, ଅତୁଲ୍ୟ ମଲିକ, ବିପ୍ଳବ ବେହେରା, ପ୍ରଭାକର ଗୋଚ୍ଛାୟତ, ଅଭୟ କୁମାର ଦାସ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ବାଣ ବିସ୍ଫୋରଣରେ ଆହତଙ୍କୁ କ୍ଷତିପୂରଣ ଦାବି

**ତିର୍ତ୍ତୋଲ ୧୫।୫ (ଡି.ଏନ.ଏ.)**

ମା' ଶାରଳାଙ୍କ ମନ୍ଦିର ନିକଟରେ ଶୁକ୍ରବାର ଚନ୍ଦନଯାତ୍ରା ବେଳେ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ୧୨ ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ସରକାରୀ ଭାବେ କ୍ଷତିପୂରଣ ଦେବାକୁ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ସେ ତିର୍ତ୍ତୋଲ ତହସିଲଦାର ଅମୂଲ୍ୟ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଟୁଇଟ କରି ଦାବି ଉପସ୍ଥାପନ କରିଛନ୍ତି। ଶାରଳା ମନ୍ଦିରରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ଘୋଷଣା କରାଯାଇନାହିଁ।

# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ବର୍ଜନ

**ରାଜନଗର,୧୫।୫ (ଡି.ଏନ.ଏ.)**

### ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

ସୋମବାର ରାଜନଗର ବ୍ଲକର ବ୍ରାହ୍ମଣସାହି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତି ସୋମବାର ଗୋଟିଏ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଲୋକମାନଙ୍କ ପାଖରେ ପ୍ରଶାସନର ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି। ପ୍ରଥମ ପର୍ଯ୍ୟାୟ ପରେ ଏବେ ୨ୟ ପର୍ଯ୍ୟାୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ବିଡିଓ ସମୀର କୁମାର ବେହେରାଙ୍କ ସହିତ ତହସିଲଦାର, ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପଞ୍ଚାୟତର ଲୋକେ ରାଶନକାର୍ଡ ସମ୍ପର୍କରେ ଅଭିଯୋଗ କରିଥିଲେ।

ଆମେ ଅଭିଯୋଗ କଲେ, ଯଦି ସମାଧାନ ନ ହେଉଛି ତେବେ ଏହି କାର୍ଯ୍ୟକ୍ରମ କାହିଁକି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଆମର ଯେଉଁ ସମସ୍ୟା ସମ୍ପର୍କରେ ଅଭିଯୋଗ ଅଛି, ସେ ବିଭାଗର ଅର୍ଥାତ୍ ଯୋଗାଣ ବିଭାଗ ଅଧିକାରୀ କାହିଁକି ଆସିନାହାଁନ୍ତି ବୋଲି କହି ଲୋକେ ହୋ-ହାଲ୍ଲା କରିଥିଲେ। ଦୀର୍ଘ ମାସ ହେଲା ସାଇଟ୍ ଖୋଲା ନାହିଁ କହି ଯୋଗାଣ ଅଧିକାରୀ ଆମକୁ ଭୂଆଁ ବୁଲାଇ ଚାଲିଛନ୍ତି। ମାତ୍ର ଗତ ସପ୍ତାହରେ ୩ଟି ନୂଆ କାର୍ଡ କିପରି କରାଗଲା ବୋଲି ପ୍ରଶ୍ନ କରିଥିଲେ। ଯଦି ସେମାନଙ୍କ ହେଲା, ରାଶନକାର୍ଡ ପାଇବାକୁ ଯୋଗ୍ୟ ଅତ୍ୟନ୍ତ ଗରିବ ବଡନାଉକୋଣା ଗ୍ରାମର କାଳିନ୍ଦୀ ସାହୁ, ପ୍ରତିମା ସାହୁ, ପ୍ରହରାଜପୁରର ତ୍ରିଲୋଚନ ରାଉତ, ଗୋବର୍ଦ୍ଧନପୁରର ଝିଲ୍ଲୀ ସାହୁ, ରଞ୍ଜିତା ସାହୁ, ନମିତା ସାହୁ, ପ୍ରମୋଦ ରାଉତ ପ୍ରମୁଖ ୩୮ଜଣ ରାଶନକାର୍ଡ ପାଇବାରୁ ବଞ୍ଚିତ। ସେମାନେ ଜନଶୁଣାଣିଠାରୁ ଆରମ୍ଭ କରି ଗତଥର ଏହି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ବ୍ଲକ ଯୋଗାଣ ଅଧିକାରୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଏହା ସତ୍ତ୍ୱେ କାହିଁକି ଆମର ହୋଇନି, ୩ ଜଣଙ୍କର କିପରି ନୂଆ କାର୍ଡ ହେଲା ବୋଲି ପ୍ରଶ୍ନ କରିବା ସହ ପାଟିତୁଣ୍ଡ କରିଥିଲେ। ସେଠାରୁ ସିଧାସଳଖ ଆସି ଶତାଧିକ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଦିନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ଧାରଣା ଉକ୍ତ ରିପୋର୍ଟଲେଖା ହେବା ପର୍ଯ୍ୟନ୍ତ ଚାଲିଛି।



ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ମହିଳା, ପୁରୁଷ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି: ୫୩ ଅଭିଯୋଗରୁ ୪ ତତ୍କାଳ ଫଇସଲା



**ଜଗତସିଂହପୁର ଅଫିସ, ୧୫।୫**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୩ଟି ଅଭିଯୋଗ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ସର୍ବାଧିକ ୪୫ ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମ୍ପର୍କିତ ୮ ଅଭଯୋଗ ହୋଇଥିଲା। ୪ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୨, ଆବାସ ଯୋଜନା ୧୦, ଜମିଜମା ସମସ୍ୟା ୮, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧, ଭତ୍ତା ୨, ପୋଲିସ ସମସ୍ୟା ୪ ଏବଂ ଅନ୍ୟାନ୍ୟ ୧୪ ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ରାହୁଲ ପି.ଆର୍, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ସିଂହ, ଜଗତ୍‌ସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୀବନ ସଉଦା ଲୋକାର୍ପଣ ଉତ୍ସବରେ ଚିରଞ୍ଜୀବ, ପ୍ରଶାନ୍ତ

**ଜଗତସିଂହପୁର ଅଫିସ, ୧୫।୫**

### ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନୀରେ ନିଆରା ପରିବେଶ

ଏକଦା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ନିକଟତର ଥିଲେ କର୍ମଯୋଗୀ ମୁରଲୀଧର ରଥ। ସେ ପଟିଲୋ ପଞ୍ଚାୟତରୁ ୩ ଥର ସରପଞ୍ଚ ହେବାର ଗୌରବ ହାସଲ କରିଥିଲେ। ରଥଙ୍କ ଜୀବନ ସାଧନାକୁ ନେଇ ଜ୍ଞାନରଞ୍ଜନ ମହାନ୍ତି ଜୀବନ ସଉଦା ପୁସ୍ତକ ଲେଖିଛନ୍ତି। ରବିବାର ଏହି ପୁସ୍ତକ ଲୋକାର୍ପଣ ନେଇ ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ଏକପଟେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଅନ୍ୟପଟେ ପୃଥକ୍ ରାଜନୈତିକ ଦଳର ନେତାଙ୍କ ଉପସ୍ଥିତି ନିଆରା ପରିବେଶ ସୃଷ୍ଟି କରିଥିଲା। ବିଶେଷକରି ବିଜେଡି ନେତା, ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସହ ଗତ ନିର୍ବାଚନରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିବା କଂଗ୍ରେସର ଆଗଧାଡିଆ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଉଭୟ ରଥଙ୍କ କର୍ମମୟ ଇତିହାସ ଉପରେ ବଖାଣିଥିଲେ। ରଥଙ୍କ ପୁତ୍ର ହେମନ୍ତ ରଥଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଡ. ଗୋବିନ୍ଦ ଚରଣ ଭୂୟାଁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲା କଂଗ୍ରେସ ସଭାପତି ନଟବର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ସଭା ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ ଓ ସୁରେନ୍ଦ୍ରନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଖବରଦାତା ପ୍ରଦୀପ୍ତ କିଶୋର ଚୌଧୁରୀ ସ୍ୱାଗତ ଭାଷଣ ଓ ଆଇନଜୀବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।




ପୁସ୍ତକ ଉନ୍ମୋଚନ ଅବସରରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟ ଅତିଥିମାନେ।

# ବନ୍ଧୁମିଳନ ଉତ୍ସବରେ ଚିରଞ୍ଜୀବଙ୍କ ଉପସ୍ଥିତି ନେଇ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ, ୧୫।୫**

### ପୌରାଧ୍ୟକ୍ଷାଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିଲା

କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ୨୦୧୯ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁରରୁ ହାରିବା ପରଠୁ କାଁ ଭାଁ ନିର୍ବାଚନ ମଣ୍ଡଳୀ ଆସୁଛନ୍ତି। ସାଙ୍ଗଠନିକ କାର୍ଯ୍ୟ ପ୍ରାୟତଃ ହେଉନାହିଁ । ଦୀର୍ଘ ୪ ବର୍ଷ କାଳ ଏଭଳି ଲାଗି ରହିଥିବାରୁ ବିଭିନ୍ନ ସମୟରେ ଚିରଞ୍ଜୀବ ଦଳ ଛାଡିବା କଥା ଆଲୋଚନା ପରିସରକୁ ଆସିଛି। କିଛିଦିନ ତଳେ ଦଳ ପାଇଁ ଦେଇଥିବା ବୟାନକୁ ନେଇ ଚିରଞ୍ଜୀବ ଚର୍ଚ୍ଚିତ ଥିବାବେଳେ ରବିବାର ସିପିସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଆୟୋଜନ ହୋଇଥିବା ବନ୍ଧୁମିଳନ ଉତ୍ସବ ଆଲୋଚନାର ବିଷୟବସ୍ତୁ ପାଲଟିଛି।

ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ କାର୍ଯ୍ୟକାଳର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କୁହାଯାଉଛି। ଏହି ଅବସରରେ ଖାସି ମାଂସ, ମାଛ ଆଦି ସୁସ୍ୱାଦୁ ଭୋଜନର ବ୍ୟବସ୍ଥା ହୋଇଥିଲା। ପ୍ରତ୍ୟେକେ ଯେପରି ସନ୍ତୁଷ୍ଟ ରହିବେ ସେନେଇ ସମସ୍ତ ଉଦ୍ୟମ କରାଯାଇଥିଲା। ପୌରାଧ୍ୟକ୍ଷା ସିଂହଙ୍କୁ ସହଯୋଗ କରିବା ପାଇଁ ଚିରଞ୍ଜୀବ ପ୍ରତ୍ୟେକଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ବ୍ୟକ୍ତିଗତ ଭାବେ କେତେଜଣଙ୍କ ସହ ଗୁପ୍ତ ଆଲୋଚନା କରିଥିଲେ। କିନ୍ତୁ ଚିରଞ୍ଜୀବ ଦଳ ଛାଡିବେ କି ନାହିଁ ତା'ଉପରେ କୌଣସି ଆଲୋଚନା ହୋଇ ନ ଥିଲେ ସୁଦ୍ଧା ସେ ଯୁଆଡେ ଯିବେ ସେମାନେ ତାଙ୍କ ସହ ରହିବେ ବୋଲି ଅନେକେ ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି। ଏ ସମ୍ପର୍କରେ କେତେଜଣ କଂଗ୍ରେସ ନେତା ନାମ ଗୋପନ ରଖି କହିଛନ୍ତି। ଚିରଞ୍ଜୀବ ବାବୁ ପୂର୍ବାହ୍ନ ପ୍ରାୟ ୧୧ଟାରୁ ଉତ୍ସବ ଶେଷ ପର୍ଯ୍ୟନ୍ତ ରହିଥିଲେ। ଏଥିରେ ବହୁ କାଉନସିଲର, ପୂର୍ବତନ କାଉନସିଲର, ପୁରୁଣା କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ସେଥିରେ ଯାହା ଆଲୋଚନା ହୋଇଛି ତାହା ଗୋପନ ରଖାଯାଇଛି। ହେଲେ ସେଠାରେ ଚିରଞ୍ଜୀବ ଯୁଆଡେ ଆମେ ସିଆଡେ ବୋଲି ସ୍ୱର ଉଠିଥିଲା ବୋଲି ପ୍ରକାଶ କରିଛନ୍ତି।

ଦୀର୍ଘଦିନ ପରେ ଚିରଞ୍ଜୀବଙ୍କ ଉତ୍ସବରେ ଯୋଗଦାନକୁ ରାଜନୈତିକ ସମୀକ୍ଷକମାନେ ନିଆରା ଢଙ୍ଗରେ ସମୀକ୍ଷା କରୁଛନ୍ତି। ଜଗତ୍‌ସିଂହପୁର ପୌରାଞ୍ଚଳରେ ଦଳୀୟ ନେତା ଓ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚିରଞ୍ଜୀବ ଏହି ଉତ୍ସବ ଆୟୋଜନ କରିଥିବା କୁହାଯାଉଛି। କାରଣ ୨୦୨୨ ମାର୍ଚ୍ଚରେ ପୌର ନିର୍ବାଚନ ସରିଥିବାବେଳେ ମେ ମାସରେ ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକାଳର ୧ ବର୍ଷ ପୂର୍ତ୍ତି ତରବରିଆଭାବେ ପାଳନ କରିବା ଏହାର ଇଙ୍ଗିତ ଦେଉଛି । ଏଥିରେ ଅନେକ ଦଳୀୟ ନେତା ଓ ଆଗଧାଡ଼ିର କର୍ମୀଙ୍କୁ ଡକାଯାଇନାହିଁ । ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରତିକ୍ରିୟାରେ କହିଛନ୍ତି ତାଙ୍କ ସହ ଅନେକଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ । ଦଳ ପାଇଁ ସେମାନେ ସମର୍ପିତ। ଦଳ ସ୍ୱାର୍ଥ ବଡ଼, ବ୍ୟକ୍ତି ନୁହେଁ। ଜାନକୀ-ବସନ୍ତ ସ୍ୱର୍ଣ୍ଣିମ ଦିନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଚିରଞ୍ଜୀବ ଯାହା କହିଥିଲେ ତାହା ସେ ସମୟରେ ଆଦୌ ଗ୍ରହଣୀୟ ନ ଥିଲା। ଯଦି ଚିରଞ୍ଜୀବ ଦଳରେ ଅଛନ୍ତି ଏବଂ ରହିବେ ତାହା ସ୍ପଷ୍ଟ କରନ୍ତୁ। ଆଗାମୀ ନିର୍ବାଚନରେ ସେ କଂଗ୍ରେସରୁ ପ୍ରାର୍ଥୀ ହେବେ ବୋଲି ସ୍ପଷ୍ଟ କଲେ କାହା ମନରେ ସନ୍ଦେହ ରହିବ ନାହିଁ। ପ୍ରତ୍ୟେକ ସ୍ୱାଗତ କରିବେ । ସେକଥା ଏବେ ନ କହି ଦଳୀୟ ନେତା ଓ କର୍ମୀଙ୍କୁ କାହିଁକି ଭ୍ରମରେ ରଖିଛନ୍ତି ବୋଲି ଚୌଧୁରୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ଜାନକୀ-ବସନ୍ତ ସ୍ୱର୍ଣ୍ଣିମ ଦିନ ସମ୍ପର୍କିତ ଆଲୋଚନା ଚକ୍ରରେ ଚିରଞ୍ଜୀବ କହିଥିଲେ, ୧୯୭୭ରେ ଦଳ ଯେଉଁ ସ୍ଥିତିରେ ଥିଲା ଏବେ ତାଠୁ ଖରାପ ଅଛି। ବିଧାୟକ ସଂଖ୍ୟା କମି ଗଲାଣି। ଆଗାମୀ ଦିନରେ କ'ଣ ହେବ କହିହେବ ନାହିଁ। ୯ ଜଣ ବିଧାୟକରେ ୨୦ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। ଯେଉଁ ଯୁବକମାନେ କଂଗ୍ରେସରେ ସକ୍ରିୟ ରହିଛନ୍ତି ସେମାନଙ୍କୁ ଠିକ୍ ସୁଯୋଗ ଦିଆଯାଉନାହିଁ। ଜଣେ ଲୋକ ନିର୍ବାଚନ ମଣ୍ଡଳୀରେ କାମ କରିବ କିନ୍ତୁ ଆଉ ଜଣେ ଟିକେଟ ନେଇଯିବ। ସନ୍ଦେହ ଲାଗୁଛି ୧୪୭ ସିଟ୍‌ରେ କଂଗ୍ରେସ ଠିକେ ପ୍ରାର୍ଥୀ ମିଳିବେ କି ନାହିଁ । ଝାରସୁଗୁଡ଼ା ନିର୍ବାଚନ ପୂର୍ବରୁ ସେ ଏଭଳି ବୟାନ ଦେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ କଂଗ୍ରେସ ମହଲରେ ଚର୍ଚ୍ଚା ଲାଗି ରହିଛି।

## ସଂକ୍ଷେପରେ

### ଷ୍ଟେଶନ ପ୍ଲାଟଫର୍ମରୁ ଝୁଲନ୍ତା ମୃତଦେହ ଜବତ

ଛତ୍ରପୁର,୧୫।୫(ଡି.ଏନ.ଏ.)–ଗଞ୍ଜାମ ଜଲା ଛତ୍ରପୁର ଷ୍ଟେଶନ ପ୍ଲାଟଫର୍ମରେ ସୋମବାର ଜଣଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଗାମୁଛା ବେକରେ ଦେଇ ଖୁଣ୍ଟରେ ଝୁଲୁଥିବା ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଥିଲା। ମୃତକଙ୍କ ପରିଚୟ ମିଳିପାରିନି। ଦୁଇଟି ଗୋଡ଼ ଚଟାଣରେ ଲାଗି ଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି। ଏହା ହତ୍ୟା କିମ୍ବା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନି ।

### ମହେନ୍ଦ୍ରଗିରି ପରିକ୍ରମା କାର୍ଯ୍ୟକ୍ରମ

ପାତ୍ରପୁର,୧୫।୫(ଡି.ଏନ୍.ଏ.): ପର୍ଯ୍ୟଟନ ସ୍ଥଳୀ ତଥା ପର୍ଶୁରାମଙ୍କ ତପସ୍ଥଳୀ ଗଜପତି ଜିଲା ମହେନ୍ଦ୍ରଗିରିରେ ବିଭିନ୍ନ ଶୈବପୀଠ ସହ ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, କୁନ୍ତୀ ମନ୍ଦିର ଓ ଦାରୁବ୍ରହ୍ମ ଅବସ୍ଥିତ। ଏହି ଧର୍ମକ୍ଷେତ୍ରରେ ପରିକ୍ରମା କଲେ ବହୁ ପୁଣ୍ୟ ମିଳିବା ଶୁଣିବାକୁ ମିଳିଥିବା ବେଳେ ଭାସ୍କର ତୀର୍ଥ ଲକ୍ଷ୍ମୀ ବାବାଙ୍କ ପରାମର୍ଶକ୍ରମେ ଗତ ୧୨ ତାରିଖଠାରୁ ମହେନ୍ଦ୍ର ଆଶ୍ରମର ଋଷିପୁତ୍ର ଓ ଋଷି କନ୍ୟାମାନେ ମହେନ୍ଦ୍ରଗିରି ଚତୁଃପାର୍ଶ୍ୱରେ ପରିକ୍ରମା କରିଛନ୍ତି। ଏହି ପରିକ୍ରମା ଦଳ କୁନ୍ତୀ ମନ୍ଦିରଠାରୁ ବାହାରି ଗଞ୍ଜାମ ଜିଲା ପୁରିଆସହି ପର୍ଶୁରାମ କୁଣ୍ଡ ଆସି ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ୫ଦିନ ବ୍ୟାପୀ ପାଳନ ହେଉଥିବା ବେଳେ ଅଖଣ୍ଡ ନନ୍ଦ ବାବା, ପ୍ରଫୁଲ୍ଲ ବାବା, କୃଷ୍ଣ ଚନ୍ଦ୍ର ଗୌଡ଼, ବିଜୟ କୁମାର ବେହେରାଙ୍କ ସମେତ ଏକାଧିକ ଶ୍ରଦ୍ଧାଳୁ ଏହି ପରିକ୍ରମାରେ ଭାଗନେଇଥିଲେ।

### ରାଜନୀତି ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୁଗୁଡା,୧୫।୫(ଡି.ଏନ.ଏ.): ବୁଗୁଡା ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଆୟୋଜିତ ଉକ୍ତ ସଭାକାର୍ଯ୍ୟରେ ଅଧ୍ୟାପକ ବିନୋଦ କୁମାର କର ଓ ଲୋକନାଥ ବେହେରା ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଦ୍ୱିତୀୟ ବର୍ଷ ଛାତ୍ରୀ ମୌସୁମୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୪ ଫୁଟର ବିଶ୍ୱକର୍ମା ମୂର୍ତ୍ତି ସ୍ଥାପନ

ପୋଲସରା,୧୫।୫:ପୋଲସରା ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ ପକ୍ଷରୁ ପୋଲସରା ରଣିପଡ଼ା ସ୍ଥିତ ଲଙ୍ଗଳେଶ୍ୱର ମନ୍ଦିର ନିକଟରେ ସୋମବାର ବିଶ୍ୱକର୍ମା ମୂର୍ତ୍ତି ସ୍ଥାପନ ନିମନ୍ତେ ରୀତିନୀତି ଅନୁସାରେ ସମସ୍ତ ପୂଜାପାଠ କରି ୪ ଫୁଟର ବିଶ୍ୱକର୍ମା ମୂର୍ତ୍ତି ସ୍ଥାପନ କରାଯାଇଛି। ଉକ୍ତ ସଂଘର ସଭାପତି ମଦନ ମହାରଣା, ଉପସଭାପତି ଜୟଚନ୍ଦ୍ର ଜେନା, ସହ ସମ୍ପାଦକ ପଦ୍ମନାଭ ସାହୁ, କୋଷାଧ୍ୟକ୍ଷ ଭଗବାନ ପ୍ରଧାନ, କୃଷ୍ଣ ପ୍ରଧାନ ପ୍ରମୁଖ ପୋଲସରା ବ୍ଲକ ଓ ଏନ୍ଏସିର ୪୦୦ ରୁ ଉର୍ଦ୍ଧ୍ୱ ରାଜମିସ୍ତ୍ରି ଉପସ୍ଥିତ ଥିଲେ।

# ରାସ୍ତା କାମ ଅଧାରୁ ବନ୍ଦ, ୩୦ ଗାଁ ଲୋକେ ହନ୍ତସନ୍ତ

ଧରାକୋଟ,୧୫।୫(ଡି.ଏନ୍.ଏ.)


ନିମ୍ନମାନର କାମ ହୋଇଥିବା ରାସ୍ତା ।

ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କଲେ ଠିକାଦାର। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ହେଲେ ଗୁଣବତା ଭୁଲି ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରିଥିବା ଯୋଗୁ ଗାଁ ଲୋକେ ଅଭିଯୋଗ କଲେ। ଏହା ଦେଖି ଅଧାରୁ କାମ ବନ୍ଦ କରି ଚାଲିଗଲେ। ଯାହାର ପରିଣାମ ଭୋଗୁଛନ୍ତି ୩୦ ଖଣ୍ଡ ଗାଁର ଲୋକେ। ଭଞ୍ଜନଗର ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ରହିଥିବା ଝଗଡ଼େଇ ମଙ୍ଗଳପୁର ଜାହାଡା ନୂଆଗାଁ ୨୪ କିମି ରାସ୍ତା ନିର୍ମାଣ ପାଇଁ ୨୪କୋଟି ୫୦ ଲକ୍ଷ୍ୟ ଟଙ୍କାର ଟେଣ୍ଡର ନେଇଛି ଏକ ଠିକା ସଂସ୍ଥା। ୨୦୨୨ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ଏହି ରାସ୍ତାର ଜାହାଡା, ପୁଟୁ, ନନ୍ଦୀଗୋର, ଜଗମୋହନ, ଚମ୍ପା ପଲି, ନୂଆଗାଁ ଛକ, ଗଙ୍ଗାପୁର, ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ କଲଭର୍ଟ, ବକ୍ସ ବ୍ରିଜ ନିର୍ମାଣ ହୋଇଛି। ହେଲେ ଏହା ଅତ୍ୟନ୍ତ ନିମ୍ନ ମାନର ବୋଲି ମଙ୍ଗଳପୁର, ଜଗମୋହନ ଓ ଜାହାଡା ପଞ୍ଚାୟତ ଲୋକେ ପ୍ରତିବାଦ କରିବା ସହ ଅଭିଯୋଗ ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲା ଠିକା କମ୍ପାନୀ। ଫଳରେ ରାସ୍ତା ଧୋଇ ହେବାସହ ମେଟାଲ ଉଠିଗଲାଣି। ଏପରିକି ଡାଇଭର୍ସନ ରାସ୍ତା ନଷ୍ଟ ହୋଇ ଖାଲ ଖମା ହୋଇଯିବାରୁ ରାସ୍ତାରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ଆସିକାଠାରୁ ସୋରଡ଼ା ଚଳାଚଳ କରୁଥିବା ପ୍ରାୟ ୩୦ ଖଣ୍ଡ ଗାଁର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ହନ୍ତସନ୍ତ ହେଉଛନ୍ତି। ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଚାଲି ଚାଲି ଯିବା ସମ୍ଭବ ହେଉନାହିଁ। ଆଶ୍ଚର୍ଯ୍ୟର କଥା ଏହି ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ ଗାଙ୍ଗପୁର ଓ ସୋରଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଦୁଇଜଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସମେତ ମେଟ ମାନେ ନିର୍ମାଣ କାର୍ଯ୍ୟ ସମୟରେ ଉପସ୍ଥିତ ରହିବା ପରେ ମଧ୍ୟ ଠିକା ସଂସ୍ଥା ଏପରି ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରିବା ପାଇଁ ସାହାସ ଯୁଟାଇ ପାରୁଛି କେମିତି । ନିମ୍ନ ମାନର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳର ଲୋକେ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ଯାଉନାହିଁ ତାହା ବୁଝି ହେଉନାହିଁ। ଘଟଣା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ଖୁବ ଶୀଘ୍ର ବନ୍ଦ ରହିଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ସମ୍ପ୍ରତି ନିମ୍ନମାନର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା
## ସଂକ୍ରାନ୍ତି ଲାଗି ଅସ୍ଥାୟୀ ମନ୍ଦିରରେ ଭିଡ଼

ପୁରୁଷୋତ୍ତମପୁର,୧୫।୫(ଡି.ଏନ.ଏ.)

ପୁରୁଷୋତ୍ତମପୁରରେ ଚାଲିଥିବା ପଞ୍ଚଠାକୁରାଣୀଙ୍କ ଯାତ୍ରା ତ୍ରୟୋଦଶ ଦିବସରେ ପହଞ୍ଚିଛି। ମାତ୍ର ସୋମବାର ସଂକ୍ରାନ୍ତି ହେତୁ ବଡବଜାର ସ୍ଥିତ ଅସ୍ଥାୟୀ ମନ୍ଦିରରେ ମା ଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା। ଭକ୍ତମାନେ ନିଜ ନିଜର ମନସ୍କାମନା ପୂରଣ ଲାଗି ମା'ଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ରବିବାର ମାସନ୍ତ ସହ ସୋମବାର ସଂକ୍ରାନ୍ତି ହେତୁ ମା' ପଞ୍ଚ ଠାକୁରାଣୀ କନକା, କାଲୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀଙ୍କ ଘଟ ପରିକ୍ରମା ବନ୍ଦ ରହି ସହରକୁ ବୁଲିବାକୁ ଆସିନଥିବା ବେଳେ ଅସ୍ଥାୟୀ ମନ୍ଦିରରେ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମଙ୍ଗଳବାର ପୁଣି ଘଟ ପରିକ୍ରମା ହେବ। ଏଥିଲାଗି ସମଗ୍ର ସହର ଉତ୍ସବ ମୁଖରିତ ହୋଇପଡ଼ିଛି।

## ଛତ୍ରପୁର ପ୍ରେସ୍ କ୍ଲବରେ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ଛତ୍ରପୁର,୧୫।୫(ଡି.ଏନ୍.ଏ.)

ରକ୍ତଭଣ୍ଡାରରେ ଦିନକୁ ଦିନ ରକ୍ତର ଅଭାବ ଦେଖାଦେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖରେ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବା ନେଇ ଛତ୍ରପୁର ପ୍ରେସ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ କ୍ଲବ ସଭାପତି ପ୍ରଶାନ୍ତ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ହେବାକୁ ଥିବା ରକ୍ତଦାନ ଶିବିରକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ପ୍ରେସ୍ କ୍ଲବ ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡା ଓ ଶ୍ରୀକାନ୍ତ ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ଉପସଭାପତି ସୁଧୀର ନାହାକ ଓ ଦିଲୀପ କୁମାର ସାମଲ, କୋଷାଧ୍ୟକ୍ଷ ସରୋଜ କୁମାର ସାମଲଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ତୁଳସୀପଲ୍ଲୀବାସୀଙ୍କ ପାଣି ସମସ୍ୟା ନେଇ ଦାବିପତ୍ର

ଭଞ୍ଜନଗର,୧୫।୫(ଡି.ଏନ୍.ଏ.)



ଅଭିଯୋଗ ଶୁଣାଣି ଚାଲିଛି।

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣଜନତାଙ୍କ ଜନସମାଧାନଶିବିର ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା,ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣିରେ ସମୁଦାୟ ୧୮୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୭୫ଟି ଥିବାବେଳେ ଗ୍ରାମୀଣ ଅଭିଯୋଗ ୭ ଥିଲା । ଉପଜଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ମୀନା ତ୍ୱରିତ ୧୦ଟି ଅଭିଯୋଗର ଫଇସଲା କରିଥିଲେ। ଅଭିଯୋଗ ସମୟରେ ୯ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପ୍ରଦାନ କରିଥିଲେ। ଜଣକୁ ରେଡ୍କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଥିଲା। ଭଞ୍ଜନଗର ବ୍ଲକ ତୁଳସୀପଲ୍ଲୀ ଗ୍ରାମବାସୀ ପାଣି ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ବହୁଦିନ ହେବ ଗ୍ରାମରେ ପାଣି ସମସ୍ୟା ମଧ୍ୟ ଲାଗି ରହିଛି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ମଲ୍ଲିକ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସିତାଂଶୁ କୁମାର ଶତପଥୀ, ଭଞ୍ଜନଗର ତହସିଲଦାର ଅଚ୍ୟୁତନନ୍ଦ ଜାନି, ବି. ଶଶିଭୂଷଣ ମହାପାତ୍ର, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଆର୍‌ଡି ସହକାରୀ ନିର୍ବାହୀ ଯନ୍ତ୍ରୀ, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓବାଦୀଙ୍କ ଦାବି ନେଇ ୨୪ ଘଣ୍ଟିଆ ବନ୍ଦ

### ଗାଡ଼ି ଚଳାଚଳ ସ୍ୱାଭାବିକ, ସିମନବାଡ଼ିରେ ସମସ୍ତ ଦୋକାନ ବଜାର ବନ୍ଦ


ସିମନବାଡ଼ିରେ ସମସ୍ତ ଦୋକାନ ବନ୍ଦ ରହିଛି।

ଦାରିଙ୍ଗବାଡ଼ି, ୧୫।୫(ଡି.ଏନ୍.ଏ.)

କନ୍ଧମାଳ ଜିଲା ସମେତ ୭ଟି ଜିଲାକୁ ମାଓବାଦୀଙ୍କ ପକ୍ଷରୁ ୧୨ଦଫା ଦାବି ନେଇ ୨୪ ଘଣ୍ଟିଆ ବନ୍ଦ ଡାକରା ପାଳନ କରାଯାଉଛି। ଏହାର ପ୍ରଭାବ କେବଳ ସିମନବାଡି ବଜାରରେ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିବା ବେଳେ ଦାରିଙ୍ଗବାଡ଼ିଠାରୁ ବାଲିଗୁଡ଼ା, ବ୍ରହ୍ମପୁର, ଭଞ୍ଜନଗର, ଫୁଲବାଣୀ, ରାଇକିଆ, ଜି. ଉଦୟଗିରି ଆଦି ଅଞ୍ଚଳକୁ ସରକାରୀ ଓ ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ରହିଛି।

ପ୍ରକାଶ ଯେ, ରବିବାର ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ଅଞ୍ଚଳରେ ସିପିଆଇ ମାଓବାଦୀ ପୂର୍ବ ଡିଭିଜନାଲ ବ୍ୟୁରୋ ପକ୍ଷରୁ ବିଭିନ୍ନ ସ୍ଥାନରେ ଲାଲ ବ୍ୟାନର ଓ ପୋଷ୍ଟର ଲଗାଯାଇଥିଲା। ଏହାକୁ ନେଇ ସୋମବାର ବନ୍ଦର ପ୍ରଭାବ ଉକ୍ତ ଥାନା ସିମନବାଡ଼ିରେ ପଡିଛି। ଦାରିଙ୍ଗବାଡିରେ ଦୋକାନ ବଜାର ପ୍ରତିମାସ ସଂକ୍ରାନ୍ତି ପାଇଁ ବନ୍ଦ କରାଯାଉଥିବାରୁ ସେହି କ୍ରମରେ ସେମାନଙ୍କ ପୋଷ୍ଟର ଓ ବ୍ୟାନରରେ ଉଲ୍ଲେଖ କରିଛି ଯେ ୧୨ଦଫା ଦାବି ନେଇ ଚଳିତ ୮ ଠାରୁ ୧୪ ପର୍ଯ୍ୟନ୍ତ ଜନ ଅଧିକାର ଅଭିଯାନ କରିବା ସହ ଆସନ୍ତା ୧୫ରେ କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି ଓ ବୌଦ୍ଧ ଜିଲାରେ ୨୪ଘଣ୍ଟିଆ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ବ୍ୟାନରରେ ବାଘୁଆ ଡିଭିଜନାଲ କମିଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ ) ବୋଲି ଉଲ୍ଲେଖ ରହିଛି।

## ବିହନ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଆସିକା,୧୫।୫(ଡି.ଏନ୍.ଏ.)

ଆସିକା ଏମ.ପି.ସି.ଏସ. ପରିସରରେ ସୋମବାର ବିହନ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା । ରାଜ୍ୟ ବିହନ ନିଗମ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନୂତନ କିସମର ବିହନ ପ୍ରଦର୍ଶନ କରାଯାଇ ଏହାର ବିକ୍ରିବଟା ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ଗୋଷ୍ଠୀ ସହକାରୀ କୃଷି ଅଧିକାରୀ ସୁବ୍ରତା ମିଶ୍ର, ପରିଚାଳନା ପରିଷଦର ସଦସ୍ୟ ସଚ୍ଚିଦାନନ୍ଦ ରାଉତ, ରବୀନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୧୫।୫(ଡି.ଏନ୍.ଏ.)

ଗୋଷଣୀ ବ୍ଲକ ସରଧାପୁର ଗ୍ରାମ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଉପଖଣ୍ଡ ପୋଲିସ ଅଧିକାରୀ ରାମକୃଷ୍ଣ ପତି ପ୍ରମୁଖ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ସରଧାପୁର ଗ୍ରାମପଞ୍ଚାୟତ ସମେତ ବଡ଼ ଗୋଷାଣୀ, ବାଘସାଳ ଓ ଅଗରଖଣ୍ଡି ଗ୍ରାମ ପଞ୍ଚାୟତର ସମୁଦାୟ ୪୪ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା– ୩୫, ଗ୍ରାମଭିତ୍ତିକ ସମସ୍ୟା ୯ ଓ ୫ ଗୋଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇ ସମାଧାନ କରାଯାଇଛି । ସେଥିମଧ୍ୟରୁ ମଧୁବାବୁ ପେନ୍‌ସନ ଯୋଜନାରେ ୧୭ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା,ଜଳସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ବଦଳରେ କାମ କରୁଛି ମେଶିନ

ବୁଗୁଡ଼ା,୧୫।୫(ଡି.ଏନ୍.ଏ.)


ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମେଶିନରେ କରାଯାଉଛି ।

ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗଞ୍ଜାମ ଜିଲା ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ହେଲେ କେବଳ କାଗଜକଲମରେ ଶ୍ରମିକ ନିଯୁକ୍ତି ହେଉଥିବା ବେଳେ ବାସ୍ତବରେ କାମ କରୁଛି ମେଶିନ। ଏହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକର କରଚୁଲି ପଞ୍ଚାୟତରେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହାତୀଗଣ୍ଡ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏଠାରେ ମଣିଷ ବଦଳରେ ମେଶିନ କାମ କରୁଥିବା ଦେଖିବାକୁ ମିଳିଛି। କୌଣସି ସୂଚନା ଫଳକ ମଧ୍ୟ ଏଠି ଲଗାଯାଇନାହିଁ। ସେହିପରି ଏହି ପଞ୍ଚାୟତର ରାମପାଦ ବନ୍ଧ କାମରେ ମଧ୍ୟ ମେଶିନ ଲାଗିଥିବା ଦେଖିବାକୁ ମିଳିଛି। ଏଠି ବି ସୂଚନା ଫଳକ ନାହିଁ। ପ୍ରକଳ୍ପ ମଞ୍ଜୁରୀ ପରେ ଶ୍ରମିକ ନିୟୋଜନ ପାଇଁ ଡିମାଣ୍ଡ ନ ବାହାରୁଣୁ ମେଶିନ ଲଗାଇ କାମ ସାରିବା ପରେ ଡିମାଣ୍ଡ ବାହାର କରାଯାଉଛି ଏବଂ ଅଣ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ସେମାନଙ୍କୁ ଶହେ ଦୁଇ ଶହ ଦେଇ ବାକି ଟଙ୍କା ଦଲାଲମାନେ ଉଠାଇ ନେଉଥିବା ଅଭିଯୋଗ ହେଉଛି। ଫଳରେ ପ୍ରକୃତ ଶ୍ରମିକମାନେ କାମ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଉଥିବା ଅଭିଯୋଗ ହେଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଶ୍ରମିକମାନେ କେତେ କାର୍ଯ୍ୟ କରୁଛନ୍ତି ତାହା କରଚୁଲି ପଞ୍ଚାୟତରେ ଚାଲିଥିବା ଦୁଇଟି ପୋଖରୀ ଉନ୍ନତୀକରଣ କାର୍ଯ୍ୟକୁ ଦେଖିଲେ ସ୍ପଷ୍ଟ ଭାବେ ବାରି ହୋଇଛି। ଏଠି ଦିନ ଦ୍ୱିପ୍ରହରରେ ଜେସିବ ଦ୍ୱାରା ପୋଖରୀ ଖୋଳାଯାଇ ଲକ୍ଷାଧିକ ଟଙ୍କା ଚଳୁକରାଯାଇଛି। ଏହି ପୋଖରୀରେ କୌଣସି ଯୋଜନାର ଫଳକ ଲାଗି ନ ଥିବା ବେଳେ ଏହାର କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହେଉଥିବା ଜଣାଯାଇଛି। ପୋଖରୀ ଖୋଳା କାର୍ଯ୍ୟ ସରିବା ପରେ ସେଠାରେ ଫଳକ ଲଗାଯାଇ କାମ କରି ନ ଥିବା ଲୋକଙ୍କୁ ଶ୍ରମିକ ଦର୍ଶାଇ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ପୁଣି ସେମାନଙ୍କୁ ଶହେ ଦୁଇ ଶହ ଦେଇ ବାକି ଟଙ୍କା ଦଲାଲମାନେ ଉଠାଇ ନେଉଥିବା ଅଭିଯୋଗ ହେଉଛି। ଏହି ଘୋଟାଲା ପଛରେ ବ୍ଲକ ମୁଖିଆଠୁ ନେଇ ଜିଆର୍ଏସ୍ ଯାଏ ସମସ୍ତଙ୍କ ଭାଗୀଦାରି ଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏଠି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ହେଉଥିବା ଘୋଟାଲା ଉପରେ ଜିଲା ପ୍ରଶାସନ ଓ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ସରକାରୀ ଅର୍ଥ ଚଞ୍ଚକତା କରି ବାଟମାରଣା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏପରି କୌଣସି କାର୍ଯ୍ୟ ହୋଇ ନ ଥିବା ଜିଆର୍ଏସ୍ ଓ ଯନ୍ତ୍ରୀଙ୍କଠାରୁ ବୁଝି କହିଥିଲେ। ତେବେ ଜିଲାପାଳ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ଉନ୍ମୋଚିତ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି।

## ବିଶ୍ୱ ମାତୃ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୧୫।୫(ଡି.ଏନ.ଏ.)

ଆସିକା ବ୍ଲକର ମୁନିଗାଡି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବିଶ୍ୱ ମାତୃଦିବସ ପାଳିତ ହୋଇଥିଲା । ସରପଞ୍ଚ ସବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ବ୍ଲକ ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁକାନ୍ତ କୁମାର ନାୟକ, ନାଏବ ସରପଞ୍ଚ ଲକ୍ଷ୍ମୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଜୟଦେବ ସାହୁ, ସାମାଜିକ କର୍ମୀ ସନ୍ତୋଷକୁମାର ସ୍ୱାଇଁ, ମାନସ ରଞ୍ଜନ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ଭାରତୀ ସଂସ୍କୃତି ପରମ୍ପରାରେ ମା'ଙ୍କ ସ୍ଥାନ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୮ମା'ଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ରାଜକନିକା,୧୫।୫(ଡି.ଏନ୍.ଏ.):** କେନ୍ଦ୍ରପଡ଼ା ଜିଲା ରାଜକନିକା ଥାନା ଆଖୁଳିପଡ଼ା ପଞ୍ଚାୟତର ମଲ୍ଲିସାହାଡ଼ା ମୁସଲିମ୍ ବସ୍ତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏହି ଘଟଣା ଘଟିଛି। ଅଫ୍‌ସାନ ବିବିଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ସେକ୍ ଲୁକମାନଙ୍କୁ ମଲ୍ଲିସାହାଡ଼ା ଗ୍ରାମର ୩ ବସ୍ତିର ମୁଖିଆଙ୍କ ସମେତ କେତେଜଣ ଲୋକେ ଏକ ବୈଠକକୁ ଡାକି ଗୋରୁ ହତ୍ୟା କରିବାକୁ କହିଥିଲେ। ହେଲେ ସେ ମନା କରିବାକୁ ତାଙ୍କୁ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅଫ୍‌ସାନ୍ ଦୌଡ଼ିଯାଇ ଦେଖନ୍ତି ତ କେତେଜଣ ଲୋକ ସ୍ୱାମୀଙ୍କୁ ଠେଙ୍ଗା ଓ ଲୁହାରଡ଼ରେ ଆକ୍ରମଣ କରୁଛନ୍ତି। ସ୍ୱାମୀ ଗୁରୁତର ହେବାରୁ ସେମାନେ ଛାଡ଼ି ପଳାଇ ଯାଇଥିଲେ। ଏହାପରେ ସେ ଲୁକମାନଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅଫ୍‌ସାନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୩୦୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି। ତେବେ ଅପରପକ୍ଷଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେମାନେ କହିଛନ୍ତି, ସେକ୍ ଲୁକମାନର ଘର ପଟ୍ଟାମୁଣ୍ଡାଇ ଗୋଗୁଆ ଅଞ୍ଚଳରେ। ସେ ଆମ ଗାଁରେ ରହି ଗୁଣିଗାରେଡ଼ି କରନ୍ତି। ବିଭିନ୍ନ ଉପାୟରେ ଲୋକମାନଙ୍କୁ ଠକୁଛନ୍ତି। ଏପରି ନ କରିବାକୁ ଆମେ ତାଙ୍କୁ ମନା କରିଥିଲୁ। ହେଲେ ସେ ମାନୁ ନାହାନ୍ତି। ତାଙ୍କୁ କୌଣସି ଆକ୍ରମଣ କରା ଯାଇନାହିଁ ବୋଲି ସେମାନେ କେହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା,୧୫।୫(ସ୍ୱ.ପ୍ର.):** କଟକ ଏଡିଜେଏମ କୋର୍ଟଙ୍କ ନିର୍ଦ୍ଦେଶ ବଳରେ ବାଲିକୁଦା ପୋଲିସ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସୋମବାର ହାଜିର କରିଛି । ଜାମିନି ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ (ଜେଲ)କୁ ପଠାଇ ଦିଆଯାଇଛି । ସେ ହେଉଛନ୍ତି ବାଲିକୁଦା ଥାନା ଅଳାଭର ପଞ୍ଚାୟତ ଈଶ୍ୱରପୁର ଗାଁର ଶ୍ୟାମସୁନ୍ଦର ପଣ୍ଡା (୫୬)। ସେ ନିଜ ସାନ ଭାଇଙ୍କ ସ୍ତ୍ରୀଙ୍କୁ ଯୌତୁକ ପାଇଁ ମାନସିକ ତଥା ଶାରୀରିକ ନିର୍ଯାତନା ଦେଉଥିବା ନେଇ ୨୦୦୩ରେ ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତା କଟକ ଏଡିଜେଏମଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଶ୍ୟାମସୁନ୍ଦର ଏହି ମାମଲାରେ କୋର୍ଟଙ୍କ ଆଦେଶ ଅବମାନନା କରିଥିବାରୁ ତାଙ୍କ ନାମରେ ଜାମିନି ବିହିନ ଗିରଫ ପରୱାନା ଜାରି କରାଯାଇଥିଲା।

### ଆର୍ଟ ଅଫ୍ ଲିଭିଂରେ ସୁଦର୍ଶନ କ୍ରିୟା

**ପାରାଦୀପ,୧୫।୫(ସ୍ୱ.ପ୍ର.):** ପାରାଦୀପ ନୂଆବଜାରସ୍ଥିତ ଆର୍ଟ ଅଫ୍ ଲିଭିଂ କେନ୍ଦ୍ରରେ ରବିବାର ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୭ତମ ଜୟନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଦିନ ତମାମ ସେବା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳେ ଓ ସନ୍ଧ୍ୟାରେ ସୁଦର୍ଶନ କ୍ରିୟା କରାଯାଇଥିଲା। ଯୋଗ ଗୁରୁ ତାପସ ପତି ଓ ମୂର୍ଚ୍ଛନା ମିଶ୍ର ଯୋଗ କରାଇବା ସହ ଆଧାତ୍ମିକ ଆଲୋଚନା କରିଥିଲେ। ସଂସ୍ଥାର ପ୍ରମୁଖ କାଳୀପ୍ରସାଦ ମିଶ୍ର, ଶୁଶାନ୍ତ ସେଠି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦ୍ଧାର ହୋଇପାରୁ ନାହିଁ ଶ୍ରୀଜୀଉଙ୍କ ଭୂସମ୍ପତ୍ତି

**କେନ୍ଦ୍ରାପଡ଼ା ଅଫିସ, ୧୫।୫**

ଆସନ୍ତା ଜୁନ ୨୦ରେ ରଥଯାତ୍ରା। ଏହାର ପରଦିନ ଅର୍ଥାତ୍ ୨୧ ତାରିଖରେ ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ରଥଟଣା ହେବ । ଏହାସହିତ ବାର୍ଷିକ ନୀତିକାନ୍ତି ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି । ତେବେ ଦାନବାକ୍ସ ଓ ଅନ୍ୟ ଆୟ ଉତ୍ସରୁ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଆସୁ ନ ଥିବାରୁ ଆଗାମୀ ଦିନରେ ଏହାର ପ୍ରଭାବ ଶ୍ରୀଜୀଉଙ୍କ ନୀତିକାନ୍ତି ଉପରେ ପଡିବ ବୋଲି ବହୁ ଶ୍ରଦ୍ଧାଳୁ ଓ ସେବାୟତମାନେ ମତ ଦେଇଛନ୍ତି। ଅପରପକ୍ଷେ ଶ୍ରୀଜୀଉଙ୍କ ଜମି ଜବରଦଖଲରୁ ମୁକ୍ତ ହୋଇ ପାରିଲେ ଏହି ସ୍ଥିତିରେ କିଛି ସୁଧାର ଆସିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।

ଶ୍ରଦ୍ଧାଳୁ ତଥା ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୧୯୭୪ରେ ରାଜ୍ୟ ଦେବୋତ୍ତର ବିଭାଗ ଆଇନର ଧାରା ୬ ଓ ୭ରେ ୮୬୬.୯୯ ଏକର ଭୂସମ୍ପତ୍ତି ଶ୍ରୀଜୀଉଙ୍କ ନାମରେ ଫଇସଲା ହୋଇଛି । ଏହି ଫଇସଲା ପରେ ତତ୍କାଳୀନ ସମୟରୁ ଅଦ୍ୟାବଧି



ଶ୍ରୀବଳଦେବଜୀଉଙ୍କ ମନ୍ଦିର ।

### ଦାନବାକ୍ସ ଉପରେ ନିର୍ଭର ଶ୍ରୀବଳଦେବଜୀଉ ନୀତିକାନ୍ତି

ଜମିର ଖଜଣା ଓ ଜଳକର ପୈଠ ହେଉଛି। ତେବେ ଏଥିମଧ୍ୟରୁ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ଅଛି । ମାର୍ଫତଦାରଙ୍କ ନିକଟରେ ଥିବା ୨୩୨ ଏକର ଓ ସିକିମ ପ୍ରଜାଙ୍କ ନିକଟରେ ଥିବା ୧୧୭.୩୫ ଏକର ଜମିରୁ କୌଣସି ଆୟ ଦେବୋତ୍ତର ଟ୍ରଷ୍ଟ ଫଣ୍ଡକୁ ଆସୁନାହିଁ । ଟ୍ରଷ୍ଟ ବୋର୍ଡ ଅଧୀନ ୧୪୬ ଏକର ଚାଷ ଜମିର ଆୟ ଏହି ମନ୍ଦିର ରୀତିନୀତି ସହ ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳସ୍ଥ ଲଛମନଜୀଉଙ୍କ ମନ୍ଦିର ପାଇଁ ପୃଥକ୍ ଭାବେ ବିନିଯୋଗ ହେଉଛି। ୨.୨ ଏକରରେ ଶ୍ରୀଜୀଉଙ୍କ ଦେବସ୍ଥଳ, ୧୦ ଏକରରେ ରଥଦାଣ୍ଡ, ୨ ଏକର ଜମିରେ ଗୋରୁହାଟ (ଅବ୍ୟବହୃତ), ୮ ଏକରର ପୁଷ୍କରଣୀକୁ ବାଦ ଦେଲେ ୧୬୦ ଏକର ପତିତ ଜମିରୁ ଟଙ୍କାଟିଏ ଆୟ ହେଉନାହିଁ । ଶ୍ରୀଜୀଉଙ୍କ ନିଜ ଦଖଲରେ ଥିବା ୧୯୨.୮୬ ଏକର ଚାଷ ଜମିରୁ ମାତ୍ର ୩୫୦ ବସ୍ତା ଧାନ ଆଦାୟ ହେଉଛି । ଏବାବଦରେ ମିଳୁଥିବା ଆୟ ତୁଳନାରେ ସମସ୍ତ ସମ୍ପତ୍ତିର ଖଜଣା ଓ ଜଳକର ଢ଼େର ଅଧିକ ବୋଲି ସେ ମତ ଦେଇଛନ୍ତି । ବୁଦ୍ଧିଜୀବୀ ରାଜେଶ କୁମାର ବେହେରା କହିଛନ୍ତି, ଶ୍ରୀଜୀଉଙ୍କ ପତିତ ଜମି ଉଦ୍ଧାର ପାଇଁ ୨୦୦୭ରେ ତତ୍କାଳିନ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଜମିକୁ ଜବରଦଖଲରୁ ମୁକ୍ତ କରିବା ପାଇଁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ବୈଠକ ପରେ ମିଳିଥିଲା । ତେବେ ଦୀର୍ଘ ୧୩ ବର୍ଷ ହେଲା ଜମିକୁ ଜବରଦଖଲରୁ ମୁକ୍ତ କରାଯାଇ ପାରୁନାହିଁ । ଏଥିପାଇଁ ପ୍ରଶାସନର ଅସହଯୋଗ ଓ ଟ୍ରଷ୍ଟ ବୋର୍ଡର ଉଦାସୀନତା ଦାୟୀ ବୋଲି ବୁଦ୍ଧିଜୀବୀ ବେହେରା କ୍ଷୋଭ ପ୍ରକାଶ କରିଛନ୍ତି । ସେବାୟତ ଗଗନ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ଶଶିକାନ୍ତ ସୁଆର ପ୍ରମୁଖ କହିଛନ୍ତି, ଦୈନନ୍ଦିନ ନୀତିକାନ୍ତି, ରଥ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ବାର୍ଷିକ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଶ୍ରୀଜୀଉଙ୍କ ରଥଦାଣ୍ଡ, ଭୋଗ ଓ ଦୀପ ଦୋକାନର ନିଲାମ ସହିତ ଶ୍ରଦ୍ଧାଳୁଙ୍କ ଦାନବାକ ଏସବୁ ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ନୁହେଁ । ପୁରୀ ଶ୍ରୀକ୍ଷେତ୍ର ପରି ତୁଳସୀକ୍ଷେତ୍ରର ଗୁରୁତ୍ୱ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଯାହାଫଳରେ ଶ୍ରୀଜୀଉଙ୍କ ପରିଚାଳନା ସୁରୁଖୁରୁରେ ହୋଇପାରିବ। ଏସମ୍ପର୍କରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଜବରଦଖଲ ଜମିର ଉଦ୍ଧାର ପାଇଁ ପ୍ରକୀୟା ଜାରି ରହିଛି।

### ମଇଁଦିପୁରରେ ପହଁରା ପ୍ରଶିକ୍ଷଣ ଶିବିର

**ବିରିଡି, ୧୫।୫ (ଡି.ଏନ୍.ଏ.)**

ବିରିଡି ବ୍ଲକ ମଇଁଦିପୁର ଜନାର୍ଦ୍ଦନ ଶିଶୁ ଉଦ୍ୟାନ ଓ ପାଠାଗାର କମିଟି ପକ୍ଷରୁ ରବିବାର ମଇଁଦିପୁର ଶ୍ରୀରାମ ସାଗରଠାରେ ପିଲାମାନଙ୍କୁ ରବିବାର ପହଁରା ପ୍ରଶିକ୍ଷଣ ଦିଆଯାଇଛି। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରକୁ ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା ଉଦ୍‌ଘାଟନ କରିଥିଲେ। ଏହାର ଉଦ୍ଦେଶ୍ୟ ହେଉଛି ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା। ୧୯୮୦ ଦଶକରେ ସବୁ ନଦୀ ପୋଖରୀରେ ପାଣିର ମାତ୍ରା ଅଧିକ ଥିଲା। କିନ୍ତୁ ପହଁରା କୌଶଳ ଜାଣିଥିବାରୁ ସେତେବେଳେ ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟା କମ୍ ଥିଲା । ଏବେ ପୋଖରୀରେ ପାଣିର ମାତ୍ରା କମ୍ ଥାଇ ମଧ ବୁଡ଼ିବା ଜନିତ ମୃତ୍ୟୁ ସଂଖ୍ୟା ବଢୁଛି। ଏଣୁ ପହଁରା ପ୍ରଶିକ୍ଷଣ ଦିଆଯାଉଛି ବୋଲି ଜନାର୍ଦ୍ଦନ ଶିଶୁ ଉଦ୍ୟାନ ଓ ମଇଁଦିପୁର ପାଠାଗାର କମିଟି ସଭାପତି ଡା. ଶୁଭ କୁମାର ଦାଶ କହିଛନ୍ତି । ଏହି ଶିବିରରେ ମୋଟ ୪୫ ଜଣ ପିଲାମାନେ ଭାଗନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ ଭୋଇ, ସ୍ମୃତି ରଞ୍ଜନ ସ୍ୱାଇଁ, ସନ୍ଦିପ ଭୋଇ, ପିଙ୍କୁଲ ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜକିଶୋର ବେହେରା ଓ ଅନନ୍ତ ଦାସ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର ନିଯୁକ୍ତିକୁ ନେଇ ତାତି



ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟମାନେ ।

**ଡେରାବିଶ,୧୫।୫(ସ୍ୱ.ପ୍ର.)**

### ଡେରାବିଶରେ ମିଳିତ ଜନଶୁଣାଣି ଶିବିର

- ୫୨ ଅଭିଯୋଗ ମଧ୍ୟରୁ ୪୯ ବ୍ୟକ୍ତିଗତ, ୩ ସାମୂହିକ
- ପ୍ରାଣୀଧନ ଚିକିତ୍ସକଙ୍କ ଉପରେ ବର୍ଷିଲେ ଜିଲାପାଳ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ମଦକର ସନ୍ଦିପ ସମ୍ପଦ ଓ ଅତିରିକ୍ତ ଜିଲାପାଳ ପିତାମ୍ବର ସାମଲ ଓ ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ମିଳିତ ଜନଶୁଣାଣି କରିଥିଲେ। ଶିବିରରେ ମୋଟ ୫୨ ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଏଥିମଧ୍ୟରୁ ୩ ସାମୁହିକ ଓ ୪୯ ବ୍ୟକ୍ତିଗତ ଅଭିଯୋଗ ଥିଲା।

ବିଶେଷ କରି ଡେରାବିଶ ବ୍ଲକ ଅଧୀନ ୧୩ ପଞ୍ଚାୟତରେ ବ୍ଲକ ମିଶନ ଶକ୍ତି ପକ୍ଷରୁ ଚାଲିଥିବା ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ଚୟନ ତଥା ନିଯୁକ୍ତି ପ୍ରକ୍ରିୟାରେ କରାଯାଉଥିବା ଅନିୟମିତତାକୁ ନେଇ ଆବେଦନକାରୀମାନେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଏହି ଅଭିଯୋଗର ତାତି ଶିବିରକୁ ଉଷ୍ମ କରିଥିଲା। ସମସ୍ତ ନିୟମକାନୁନକୁ ଉଲ୍ଲଂଘନ କରାଯାଇ ଏହି ଚୟନ ପ୍ରକ୍ରିୟାରେ ଖୋଦ୍ ବ୍ଲକ ମହାସଂଘର କେତେଜଣ କର୍ମକର୍ତ୍ତା ଆବେଦନକାରୀ ହୋଇ ମଧ ଚୟନକମିଟି ଅଛନ୍ତି । ସେମାନେ ସମସ୍ତ ପଦବୀର ପ୍ରାର୍ଥୀଙ୍କୁ ଚୟନ କରୁଥିବାରୁ ଏହି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଶନ ଶକ୍ତି ବିଭାଗ ଅଧିକାରୀମାନଙ୍କ ନିରବତା ଓ ବ୍ଲକ ଏବଂ ଜିଲା ପ୍ରଶାସନର ଉଦାସୀନତା ନାନା ଅନିୟମିତତାକୁ ପଦାରେ ପକାଇଛି ବୋଲି ବହୁ ଆବେଦନକାରୀ ଅଭିଯୋଗ କରିଛନ୍ତି। ଏପରିକି ଚୟନ ପ୍ରକ୍ରିୟାରେ ଡେରାବିଶ ତହସିଲ ପ୍ରଶାସନ ମଧ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନରେ ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ବିଗତ ବର୍ଷରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ ରାସ୍ତାର କାର୍ଯ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ କରାଯାଇଥିଲେ ସୁଦ୍ଧା ଏବାବଦ ଅର୍ଥ କାର୍ଯ୍ୟ ନିର୍ବାହୀମାନେ ପାଇ ନାହାନ୍ତି । ସେମାନେ ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ଟଙ୍କା ପାଇଁ ଚାପ ପକାଉଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ନୂଆକରି ବ୍ଲକ ପ୍ରାଣୀଧନ ଚିକିତ୍ସକ ଭାବେ ଯୋଗଦାନ କରିଥିବା ଡାକ୍ତର ଦିଲୀପ କୁମାର ସେଠୀଙ୍କୁ ଜିଲାପାଳ ପ୍ରାଣୀଧନ ବିଭାଗ ଅଧୀରେ ଥିବା ବାରିମୂଳସ୍ଥିତ ଘାସ ଫାର୍ମର ସ୍ଥିତି ସମ୍ପର୍କରେ ପଚାରିଥିଲେ । ହେଲେ ସେ ଭୁଲ ତଥ୍ୟ ପ୍ରଦାନ କରିବାରୁ ଜିଲାପାଳ ନିଜ ଅଞ୍ଚଳ ବାବଦରେ କୌଣସି ଖବର ରଖି ନ ଥିବା କହି ବିରକ୍ତ ହୋଇଥିଲେ । ଠିକ ଢଙ୍ଗରେ କାମ କରି ନ ପାରିଲେ ଅନ୍ୟ ଜିଲା ପଳାଇ ଯିବାର ବ୍ୟବସ୍ଥା କରିଦିଅନ୍ତୁ ବୋଲି ଜିଲାପାଳ ତାଙ୍କୁ ତାଗିଦା କରିଥିଲେ। ସେହିପରି ରାଶନ କାର୍ଡ, ଆବାସ ଯୋଜନା, ପାନୀୟ ଜଳ ସମେତ ଅନ୍ୟାନ୍ୟ ସମସ୍ୟା ବାବଦରେ ଜନସାଧାରଣ ଏହି ଶିବିରରେ ଅଭିଯୋଗ କରିଥିଲେ । ଉକ୍ତ ଶିବିରରେ ଜିଲା ସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକ, ଏବିଡିଓ ଭଞ୍ଜ କିଶୋର ନାୟକ, ଜିଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିକ୍ରି ହେଉଛି ବିଷାକ୍ତ କେମିକାଲ ଯୁକ୍ତ ମାଛ

**ଯାଜପୁରରୋଡ୍,୧୫।୫(ଡି.ଏନ.ଏ.):**

ବ୍ୟାସନଗର ସହରରେ ଦିନକୁଦିନ ମାଛ ବ୍ୟବସାୟୀଙ୍କ ଠକାମି ବଢ଼ିବାରେ ଲାଗିଛି। ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାବେଳେ ବାହାର ରାଜ୍ୟରୁ ଆମଦାନୀ ହେଉଥିବା ମାଛଗୁଡ଼ିକର ଅବସ୍ଥା ଖରାପ ହୋଇଯାଉଥିବା ଦେଖିବାକୁ ମିଳୁଛି। ତେଣୁ ବ୍ୟବସାୟୀମାନେ ଅଧିକ ଦିନ ପର୍ଯ୍ୟନ୍ତ ମାଛଗୁଡ଼ିକୁ ସତେଜ ରଖିବା ପାଇଁ ବିଷାକ୍ତ କେମିକାଲ (ଫର୍ମାଲିନ)ର ବ୍ୟବହାର କରୁଥିବା ଜଣାପଡିଛି। ମାଛରେ ବ୍ୟବହୃତ ଏହି ବିଷାକ୍ତ କେମିକାଲ ମୃତ ବ୍ୟକ୍ତିଙ୍କ ଶବ ସଂରକ୍ଷିତ ପାଇଁ ବ୍ୟବହାର କରାଯାଇଥାଏ। କେତେଜଣ ଅସାଧୁ ବ୍ୟବସାୟୀ ସହରର ଧବଳଗିରି, ନାହକା ବାଇପାସ, ଚୋରଦା ଗ୍ରୀନ ମାର୍କେଟ ଓ ନ୍ୟୁ ମାର୍କେଟରେ କେମିକାଲ ମିଶା ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଆଉ କେତେଜଣ ବ୍ୟବସାୟୀ ବରଫ ଦିଆମାଛକୁ ପାଣି ହାଣ୍ଡିରେ ରଖି ଦେଶୀ ମାଛ କହି ଲୋକଙ୍କୁ ଠକୁଛନ୍ତି। ପଚା ମାଛକୁ ମଧ ସତେଜ ମାଛ କହି ବିକୁଛନ୍ତି। ଫଳରେ ଠକାମିର ଶିକାର ହେଉଛନ୍ତି ସାଧାରଣ ଜନତା। ଏଭଳି ବ୍ୟବସାୟୀଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଧବଳଗିରି ଛକରେ ବସୁଥିବା ୬ ରୁ ୭ ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣ ଏଭଳି କାରନାମା କରୁଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱରେ

### ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ମା’କାଳୀଙ୍କ ମନ୍ଦିର ଆଉ ଗୋଟିଏ ପାଖରେ ମା’ତାରିଣୀଙ୍କ ପୀଠ। ଏହି ମନ୍ଦିର ପାଖାପାଖି ମାଛ ବଜାରକୁ ଆଖ ପାଖ ଲୋକଙ୍କ ସହ ଅନେକ ଭକ୍ତ ବିରୋଧ କରୁଛନ୍ତି। ପାଖ ଦୋକାନୀ ମଧ ମାଛ ବଜାରକୁ ଅନ୍ୟତ୍ର ଉଠାଇବାକୁ ଦାବି କରୁଛନ୍ତି। ହେଲେ ପୌର କର୍ତ୍ତୃପକ୍ଷ ନାମକୁ ମାତ୍ର ମାହାସୁଲ ଆଦାୟ କରି ଚୁପ ରହୁଛନ୍ତି। ପୌରପରିଷଦ ପକ୍ଷରୁ ମାଛ ବ୍ୟବସାୟୀଙ୍କ ଉପରେ କୌଣସି ଲଗାମ ନାହିଁ। ଆମିଷ



ଦ୍ରବ୍ୟଗୁଡ଼ିକ ପାଇଁ ପୌର ପରିଷଦ ପକ୍ଷରୁ କୌଣସି ଦର ନିର୍ଦ୍ଧାରଣ ବା ତାଲିକା ନ ଥିବାରୁ ବ୍ୟବସାୟୀ ଆବଶ୍ୟକତାଠାରୁ ଅଧିକ ଦରରେ ମାଛ ବିକ୍ରି କରୁଛନ୍ତି। ତେଣୁ ଏସବୁ ପ୍ରତି ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପୌର କର୍ତ୍ତୃପକ୍ଷ ଅନୁଧାନ କରି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଉଦୀୟମାନ ପକ୍ଷରୁ ମାତୃ ଦିବସ

**ଚଣ୍ଡିଖୋଲ,୧୫।୫ (ଡି.ଏନ.ଏ.)**

ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହିଳା ସଙ୍ଗଠନ ଆନୁକୂଲ୍ୟରେ ରବିବାର ବିଶ୍ୱ ମାତୃଦିବସ ଧାନମଣ୍ଡଳସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦିକା ଆରୁଣୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବୟିତ୍ରୀ ସବିତା ମିଶ୍ର ମୁଖ୍ୟଅତିଥି, କାଦମ୍ବିନୀ ମିଶ୍ର ମୁଖ୍ୟବକ୍ତା, ସରୋଜିନୀ ପଣ୍ଡା, ଗାୟତ୍ରୀ ରାଉତ, ବିନୋଦିନୀ ଦାସ ଓ ସନ୍ଧ୍ୟାରାଣୀ ବ୍ରହ୍ମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ମା’ର ଭୂମିକା ଓ ଆଜିର ଆଧୁନିକ ସମାଜରେ ମା’ଙ୍କ ପ୍ରତି ପିଲାଙ୍କ ବ୍ୟବହାର କିପରି ହେଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ମା’ମାନଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଉଥିବାରୁ ସେମାନେ ବୃଦ୍ଧା ଶ୍ରମକୁ ଆଶ୍ରୟ ସ୍ଥଳ ଭାବେ ବାଛି ନେଉଛନ୍ତି। ସେଥିପାଇଁ ସଚେତନତା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଉଦୀୟମାନ କଳା ପରିଷଦର ଛାତ୍ରୀଛାତ୍ର ମା’ମାନଙ୍କ ବନ୍ଦନା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ମା’ମାନେ ମିଷ୍ଟାନ୍ନ ବଣ୍ଟନ କରିଥିଲେ।




ଛାତ୍ରୀମାନେ ମାତୃ ଦିବସ ପାଳନ କରୁଛନ୍ତି।

# ପୂର୍ତ୍ତ ବିଭାଗ ଉଚ୍ଚସ୍ତରୀୟ ଟିମ୍ ରାସ୍ତା ସ୍ଥିତି ଅନୁଧାନ କଲେ

**ରାଜନଗର,୧୫।୫ (ଡି.ଏନ.ଏ.)**

୭ ପଞ୍ଚାୟତବାସୀଙ୍କ ମୁଖ୍ୟ ନଳିତାପାଟିଆ-ତାଳଚୁଆ, ଡାଙ୍ଗମାଳ-ଡାଲଖାଇ ରାସ୍ତା ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ। ଏ ସଂକ୍ରାନ୍ତରେ ଅନୁଧ୍ୟାନ ପାଇଁ ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ ଟିମ୍ ରବିବାର ରାଜନଗରରେ ପହଞ୍ଚି ଥିଲେ । ଉକ୍ତ ଟିମ୍ ୨ ରାସ୍ତା ବୁଲି ଦେଖିବା ସହ ରାସ୍ତା କିପରି ସବୁଦିନିଆ ସ୍ଥାୟୀ ରାସ୍ତା ହେବ ସେ ନେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରବିବାର ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ମୁଖ୍ୟଯନ୍ତ୍ରୀ ରାସ୍ତା (ଡିପିଆଇ) ତାରା ପ୍ରସାଦ ମିଶ୍ର, ଚିଫ୍ କନଷ୍ଟ୍ରକଶନ ଇଂ. ପ୍ରଦୀପ କୁମାର ରଥ, ଅଧୀକ୍ଷଣ ଯନ୍ତ୍ରୀ ସରୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ସ୍ୱାଇଁ ଖୋଳାରୁ ରଙ୍ଗିଣୀ ମଧ୍ୟରେ ୮ଟି କାମର ଅନୁଧ୍ୟାନ କରିଛନ୍ତି। ନଳିତାପାଟିଆ-ତାଳଚୁଆ ୧୨ କିମି ୫୦୦ ମିଟର ରାସ୍ତା ପାଇଁ ସାଢେ ୩ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ଏହି ରାସ୍ତାର ଯାହା ଅବସ୍ଥା ଏତିକି ଟଙ୍କାରେ ରାସ୍ତା ହେଲେ କିଛିଦିନରେ ନଷ୍ଟ ହୋଇଯିବ।



ପୂର୍ତ୍ତ ବିଭାଗ ଉଚ୍ଚସ୍ତରୀୟ ଟିମ୍ ରାସ୍ତା ନିର୍ମାଣ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ସେହି ରାସ୍ତାକୁ ଉକ୍ତ ଟିମ୍ ଅନୁଧ୍ୟାନ କରିବା ପରେ ଟେଣ୍ଡର ଟଙ୍କାରେ ମାତ୍ର ୩ କି.ମି. ୮୦୦ ମିଟର ରାସ୍ତା ହେବ। ଅବଶିଷ୍ଟ ୮ କି.ମି. ୭୦୦ ମିଟର ରାସ୍ତା ପାଇଁ ୧୧ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ୧ ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସରି କାମ ଆରମ୍ଭ ହେବ ଓ ଦୁର୍ଗା ପୂଜା ପୂର୍ବରୁ କାମ ସରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ତାଳଚୁଆ ଘାଟରୁ ରଙ୍ଗଣୀ ସର୍କିଟ ରାସ୍ତାର କାମ ୨୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି ୧୯ କିମି ୪ଶହ ମିଟର ରାସ୍ତାକୁ ୫.୫ ମିଟର ଚଉଡ଼ା କରାଯିବା ସହ ଶୀଘ୍ର କାମ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାଲଖାଇରୁ ତାଳଚୁଆ ୧୯୦୦ ମିଟର ରାସ୍ତାକାମ ୨ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଡାଲଖାଇରୁ ଡାଙ୍ଗମାଳ ରାସ୍ତା ୧୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି କାମ ଆରମ୍ଭ ହୋଇଛି। ମାଟିରେ ଟୋୱାଲ କରି ବାଲି ଫିଲିଂ ସହିତ ରୋଲିଂ କରି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ମାସ ସୁଦ୍ଧା ଏହି କାମ ଶେଷ ହେବ। ତାଳଚୁଆରୁ ଶୈଳେନ୍ଦ୍ରନଗର ୭କି.ମି. ୫ଶହ ମିଟର ରାସ୍ତା ଓ ଶୈଳେନ୍ଦ୍ରନଗରରୁ ଭିତରକନିକା ୩ କି.ମି.୬ଶହ ମିଟର ରାସ୍ତା ଭିତରକନିକା କରିଡର ରୋଡରେ ସାମିଲ ହୋଇଛି। ଡିପିଆର କରି ୧ ମାସ ମଧ୍ୟରେ ଏହା ଟେଣ୍ଡରକୁ ଯିବ ବୋଲି କହିଥିଲେ। ଖୋଳାରୁ ଡାଙ୍ଗମାଳ ରାସ୍ତା କାମ ଠିକ୍‌ସେ ହେଉ ନ ଥିବା ବେଳେ ଅତ୍ୟନ୍ତ ମନ୍ଥର ଗତିରେ କାମ ହେଉଛି, ଏ ନେଇ ଠିକାଦାରଙ୍କୁ ତାଗିଦ କରିବା ସହ କାମ ସ୍ପିଡଅପ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖୋଳାରୁ ଡାଙ୍ଗମାଳ ଜଙ୍ଗଲ ପାଖ ରାସ୍ତାକାମ ଯୁଦ୍ଧକାଳିନ ଭିତ୍ତିରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ବାଦପୁର ଆଦର୍ଶ ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ୨ ଛାତ୍ରୀ

ପାତ୍ରପୁର,୧୫।୫(ଡି.ଏନ.ଏ.):କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ପାତ୍ରପୁର ବ୍ଲକ ବାଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱାଦଶ ଶ୍ରେଣୀର ଜି ପ୍ରେମାଞ୍ଜଳୀ ୪୬୩ (୯୨.୬) ପ୍ରତିଶତ ଓ ଦଶମ ଶ୍ରେଣୀର ଡି ବିଜୟାଶାନ୍ତି ୪୬୮( ୯୩.୬ ) ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟରୁ ଦଶମ ଶ୍ରେଣୀର ୭୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ଥିବାବେଳେ ବିଜୟାଶାନ୍ତିଙ୍କ ସମେତ ଆଶୁତୋଷ ବେହେରା ( ୯୨.୬) ଖୁସି ଚୌଧୁରୀ (୯୦%) ଶିବାନନ୍ଦ ପାତ୍ର( ୮୯.୮)ମାଧବୀ ପ୍ରଧାନ (୮୯.୬) ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ଓ ଦ୍ୱାଦଶ ଶ୍ରେଣୀର ୬୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରେମାଞ୍ଜଳୀଙ୍କ ସମେତ ପୂଜା ନାହାକ( ୯୨.୨), ପ୍ରତିଭା ବାଡତ୍ୟା (୮୯.୨), ଶୁଭାଙ୍ଗୀ ସାହୁ ( ୮୭. ୬), ମହେଶ କନ୍ୟାରୀ (୮୬.୨) ପ୍ରତିଶତ ନମ୍ବର ରଖି ପ୍ରଥମ ପାଞ୍ଚ ଜଣରେ ସ୍ଥାନ ପାଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷା ସର୍ମିଳା ରାଉତ ସୁଚନା ଦେବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ନଦୀତଟ ସଂରକ୍ଷଣ ଅଭିଯାନ ପାଇଁ ଗ୍ରାମସଭା

ଜି.ଉଦୟଗିରି,୧୫।୫(ଡି.ଏନ.ଏ.): କଳିଙ୍ଗା ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚ ବକ୍ସି ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାର ମୁଖ୍ୟ ପ୍ରସଙ୍ଗ ନଦୀତଟ ସଂରକ୍ଷଣ ଅଭିଯାନ ବୃକ୍ଷମାଳା ୨୦୨୩ – ୨୪ରେ କିଭଳି ପଞ୍ଚାୟତକୁ ସବୁଜ ସୁନ୍ଦର କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କଳିଙ୍ଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଫିସର ସୁଧୀର କୁମାର ମିଶ୍ର, ନାୟବ ସରପଞ୍ଚ କୁମଶ୍ରୀ ପ୍ରଧାନ, ସମିତିସଭ୍ୟ ମାଲ୍ୟବନ୍ତ କହର, ଜିଆର୍‌ଏସ୍ ନକୁଳ କହର ଏବଂ କଳିଙ୍ଗା ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ୱାର୍ଡ ମେମ୍ବର, ପ୍ରତ୍ୟେକ ଗାଁ ସାଥି ଏବଂ କଳିଙ୍ଗା ପଞ୍ଚାୟତର ଅନ୍ୟାନ୍ୟ ଜନସାଧାରଣଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଯେପରି ସଫଳ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ନାୟବ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ମାଣ୍ଡିଆ ଦିବସ

ଆସିକା,୧୫।୫(ଡି.ଏନ.ଏ.)– ଆସିକା ବିଜ୍ଞାନ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ସୋମବାର ମହାବିଦ୍ୟାଳୟରେ ବିଶ୍ୱ ମାଣ୍ଡିଆ ଦିବସ ପାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପ୍ରଧାନ, ଏନ୍‌ସିସି. ଅଫିସର ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଗୋବିନ୍ଦ ବେହେରା, ସ୍ନେହଲତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏତଦ ଅବସରରେ ମାଣ୍ଡିଆର ଉପାଦେୟତା, ସ୍ୱାସ୍ଥ୍ୟ ରକ୍ଷା ପାଇଁ ତାର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼ ଅଫିସ,୧୫।୫

ସିବିଏସି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଭଲ ନମ୍ବର ତଥା ରାଜ୍ୟରେ ଟପ୍ପର ହୋଇଥିବା ନୟାଗଡ଼ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ନୟାଗଡ଼ ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ଶତ ପ୍ରତିଶତ ରେଜଲ୍ଟ କରିଥିବାବେଳେ ନୟାଗଡ଼ର ପ୍ରତ୍ୟାଶା ଶତପଥୀ ୯୮ ପ୍ରତିଶତ ନମ୍ବର ରଖି ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟରେ ଟପ୍ପର ହୋଇଥିଲେ। ସେହିପରି ଶୁଭ୍ରକାନ୍ତ ମାଝି ୯୭.୨ ପ୍ରତିଶତ ରଖି ରାଜ୍ୟରେ ୪ର୍ଥ ଓ ଦିବ୍ୟେଶ ଦାସ ୯୫.୨ ପ୍ରତିଶତ ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ପାଇଛନ୍ତି । ସେହିପରି ଦ୍ୱାଦଶ ପରୀକ୍ଷାରେ ୯୪.୪୪




କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଜିଲାପାଳ ଓ ଅନ୍ୟମାନେ ।

ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ନୟାଗଡ଼ ପୁରୁଣା ସହରର ଉଦିତାଂଶୁ ମିଶ୍ର ୮୯.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି । ଏହି ୪ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ ରାୟ, ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନାରାଣୀ ନାୟକ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନାରାଣୀ ନାୟକ କହିଥିଲେ ଆଦର୍ଶ ବିଦ୍ୟାଳୟ ଭଲ ରେଜଲ୍ଟ କରୁଥିଲେ ମଧ ୨ବର୍ଷ ହେଲା ରାଜ୍ୟରେ ଟପ୍ପର ହୋଇ ଆହୁରି ଭଲ ରେକର୍ଡ କରିଛି। ବିଦ୍ୟାଳୟ ତାର ରେକର୍ଡ ଚଳିତ ବର୍ଷ ପୁଣି ବଜାୟ ରଖିବ ବୋଲି କହିଛନ୍ତି। ଭବିଷ୍ୟତରେ କ'ଣ ହେବାକୁ ଲକ୍ଷ୍ୟ ରଖଛନ୍ତି ପ୍ରଶ୍ନର ଉତ୍ତରରେ ପ୍ରତ୍ୟାଶା ଡାକ୍ତର ହେବାକୁ କହିଥିବାବେଳେ ଉଦିତଂଶୁ ଫିଜିକ୍ସ ପ୍ରଫେସର ହେବେ ବୋଲି କହିଛନ୍ତି ।

# ପାଇଖାନା ଘରେ ମହିଳାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୫।୫ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ନୟାଗଡ ଜିଲାର ରଶ୍ମି ନାଏକ (୩୮)। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହ ପାଇଁ ମହିଳା ଜଣକ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣାର ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ, ରଶ୍ମି ପୂର୍ବରୁ ବିବାହିତା ହୋଇଥିବାବେଳେ ଗତ କିଛି ମାସ ହେବ ସେ ଗୌରାଙ୍ଗ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରି ଜାଗମରା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ରବିବାର ରାତିରେ ଉଭୟେ ଖାଇ ପିଇ ଶୋଇଥିଲେ। ସ୍ୱାମୀ ଶୋଇଥିବା ସମୟରେ ରଶ୍ମି ରାତିରେ ଉଠି ପାଇଖାନା ଘରର ଆଜ୍‌ବେଷ୍ଟସ ଛପର କଡିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳୁ ସ୍ୱାମୀ ଗୌରାଙ୍ଗ ଉଠି ରଶ୍ମିଙ୍କୁ ନ ପାଇ ଖାଜାଖୋଜି କରିଥିଲେ। ପାଇଖାନା ଘର କବାଟ ଭିତରପଟୁ ବନ୍ଦ ଥିବାରୁ ଡାକ ପକାଇଥିଲେ। ହେଲେ ତାହା ନ ଖୋଲିବାରୁ ସନ୍ଦେହରେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ସ୍କାଇ ଲାଇଟ୍ ବାଟେ ରଶ୍ମି ବେକରେ ଗାମୁଛା ବାନ୍ଧି ଝୁଲି ପଡିଥିବା ଦେଖିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

# ଉତ୍କଳୀୟ ଦେଶୁଆ ପାଇକ ସମାଜ ମହାସଂଘର ବୈଠକ



ଦେଶୁଆ ପାଇକ ସମାଜ ମହାସଂଘ ବୈଠକରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମହାସଂଘର କର୍ମକର୍ତ୍ତା ।

ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ରାଜ୍ୟ ଉତ୍କଳୀୟ ୭ ରାଜ୍ୟ ଦେଶୁଆ ପାଇକ ସମାଜର ବାର୍ଷିକ ସମ୍ମିଳନୀ ପଥରଚକଡାସ୍ଥିତ ମା'ନାରାୟଣୀ ପୀଠରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଦେଶୁଆ ସମାଜ ଖଣ୍ଡପଡ଼ା ରାଜ୍ୟ ସଭାପତି ରାଜ କିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଦେଶୁଆ ପାଇକ ସମାଜର ବିକାଶ ଦିଗରେ ସମସ୍ତ ଜାତି ଭାଇ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସମ୍ମିଳନୀରେ ଆଠଗଡ, ବଡମ୍ବା, ନରସିଂହପୁର, ବାଙ୍କୀ, ପୁରୀ, କଟକ, ବୋଲଗଡ, ବେଗୁନିଆ ଓ ନୟାଗଡ଼ ଆଦି ୭ ରାଜ୍ୟର ଶତାଧିକ ଗୁଆ ଭାଇ ଯୋଗ ଦେଇଥିଲେ । ଆସନ୍ତା ବର୍ଷ ପାଇକ ସମାଜ ମହାସଂଘ ସମ୍ମିଳନୀ କଟକ ଜିଲା ବଡ଼ମ୍ବାଠାରେ ଅନୁଷ୍ଠିତ ହେବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ସମ୍ମାନୀତ ଅତିଥି ଭାବେ କଣ୍ଟିଲୋ ସମବାୟ ସମିତିର ସଭାପତି ମାଧବ ଚନ୍ଦ୍ର ସାହୁ, ରାଜ୍ୟ ଦେଶୁଆ ପାଇକ ମହାସଂଘ ଉପ ସଭାପତି ରଘୁନାଥ ନାଏକ ଓ କୋଷାଧ୍ୟକ୍ଷ ସୁବାସ ନାଏକ ଯୋଗ ଦେଇଥିଲେ। ଖଣ୍ଡପଡ଼ା ରାଜ୍ୟ ସମ୍ପାଦକ ନିର୍ମଳ କୁମାର ନାଏକ, ରମେଶ କୁମାର ନାଏକ ପ୍ରମୁଖ ଉତ୍କଳୀୟ ଦେଶୁଆ ପାଇକ ସମାଜର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସନ୍ତୋଷ କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବଜ୍ରପାତରେ ବୃଦ୍ଧାଙ୍କ ମୃତ୍ୟୁ

ନୟାଗଡ଼ ଅଫିସ,୧୫।୫

ନୟାଗଡ଼ ଜିଲା ଇଟାମାଟି ଥାନା ଗମ୍ଭାରିଡିହି ଗାଁରେ ବଜ୍ରପାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝରି ରାଉତ (୫୫)। ଘର ଇଟାମାଟି ଥାନା ଗମ୍ଭାରିଡିହି ଜଗନ୍ନାଥପ୍ରସାଦଗାଁରେ। ଗମ୍ଭାରିଡିହିର ଲଡୁ ରାଉତଙ୍କ ସ୍ତ୍ରୀ ଝରି ସୋମବାର ଅପରାହ୍ନରେ ନିକଟସ୍ଥ ଆମ୍ବ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ସହ ବର୍ଷା ହୋଇଥିଲା । ବଜ୍ରପାତ ପ୍ରଭାବରେ ଝରି ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଝରିଙ୍କୁ ମୃତ ଘୋଷଣା କରିଥିଲେ ।

## ଅମଲା ସଂଘ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର

ନୟାଗଡ଼ ଅଫିସ,୧୫।୫

ଗ୍ରେଡ୍ ପେ ୧୯୦୦ ଟଙ୍କାରୁ ୪୨୦୦ ଟଙ୍କାକୁ ବୃଦ୍ଧି ଦାବି କରି ନୟାଗଡ଼ ଜିଲା ଅମଲା ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ବିଡ଼ିଓଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ସରକାର ଅମଲାମାନଙ୍କ ଦାବିକୁ ଅଣଦେଖା କଲେ ଚଳିତ ମାସ ୨୨ରୁ ଅମଲାମାନେ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିବେ । ଏହାପରେ ଦାବି ପୂରଣ ନ ହେଲେ ପୁଣି ଜୁନ ୨ରୁ ରାଜ୍ୟସ୍ତରରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅମଲା ସଂଘର ଉପଦେଷ୍ଟା କୈଳାସ ଚନ୍ଦ୍ର ଓଝା କହିଛନ୍ତି ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରି ପାଖରେ ସୁରକ୍ଷା ବ୍ୟବସ୍ଥା ନାହିଁ

ଭାପୁର, ୧୫।୫(ଡି.ଏନ୍.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଭାବେ ରହିଛି । ତାହା ଚାରିପାଖରେ ତାରବାଡ଼ ବୁଲାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ମାଧପୁର ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯାଜପୁର ୫–ଟି ହାଇସ୍କୁଲ ସାମ୍ନାରେ ଥିବା ପୁରୁଣା ତଥା ଖରାପ ଟ୍ରାନ୍ସଫର୍ମର ଯୋଗୁ ଦୈନିକ ୩ରୁ ୪ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଗ୍ରୀଷ୍ମପ୍ରବାହ ସହିତ ବିଦ୍ୟୁତ୍ କାଟ୍ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରମାନେ ପାଠପଢ଼ା ପାଇଁ ହଇରାଣ ହେଉଛନ୍ତି। ପୁଣି ମାଧପୁର ଗ୍ରାମରେ ଥିବା ଟ୍ରାନ୍ସଫର୍ମରଗୁଡିକ ଖୋଲାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଗାଁ ମୁଣ୍ଡରେ ଥିବା ହନୁମାନ ମନ୍ଦିର ପାଖରେ ଥିବା ସବ୍‌ଷ୍ଟେଶନ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ୫–ଟି ସ୍କୁଲ ନିକଟରେ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି।



ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଓ ଏସ୍‌ଡିଓ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ଏନେଇ ଗ୍ରାମବାସୀ ନୂତନ ଟ୍ରାନ୍ସଫର୍ମର ଲଗାଇବା ଓ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ବାଡ଼ା ନିର୍ମାଣ ପାଇଁ ଟିପିସିଓଡିଲର ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ନିକଟରେ ଦାବି କରିଛନ୍ତି। ଯଦି ଏ ସବୁ ସମାସ୍ୟାର ତୁରନ୍ତ ସମାଧାନ କରା ନ ଯାଏ ତେବେ ଜନ ଆନ୍ଦୋଳନର ପନ୍ଥା ଆପଣେଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କଲେଜ ପାଇଁ ଶ୍ରମଦାନ କର : ପାଣ୍ଡିଆନ




ଭିସିରେ ଯୋଗଦେଇ ଥିବା ଛାତ୍ରୀଛାତ୍ର।

ଶେରଗଡ,୧୫।୫(ଡି.ଏନ.ଏ.)

୫–ଟି ସଚିବ ଭିକେ ପାଣ୍ଡିଆନ ସୋମବାର ଭିଡିଓ କନଫେରେନ୍ସରେ ଶେରଗଡର ଉଦୟ ପ୍ରତାପ ଡିଗ୍ରୀ କଲେଜ, ଉଦୟ ପ୍ରତାପ ଯୁକ୍ତ ୨ କଲେଜ, ପିଉଳ ଯୁକ୍ତ ଦୁଇ କଲେଜ ଓ ଆଦର୍ଶ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଛନ୍ତି। ଶେରଗଡର ସମସ୍ତ କଲେଜ ୫–ଟି ଅଧୀନରେ ରୁପାନ୍ତରି କରଣ ଓ ନବ କଳେବର କାର୍ଯ୍ୟ ହେବ। ଏଣୁ ସମସ୍ତ ଛାତ୍ରୀଛାତ୍ର ନିଜ କଲେଜ ପାଇଁ ଶ୍ରମଦାନ କରିବେ ବୋଲି ପାଣ୍ଡିଆନ କହିଥିଲେ। ଏଥି ସହିତ କାମର ଅଗ୍ରଗତି ନେଇ ପ୍ରତ୍ୟେକ ଫଟୋ ପଠେଇବେ ବୋଲି ଏକ ମୋବାଇଲ ନମ୍ବର ଦେଇଥିଲେ। ଏବଂ ସଚିବଙ୍କ ଇନଷ୍ଟାଗ୍ରାମରେ ମଧ ଫଟୋ ପଠାଇବାକୁ କହିଥିଲେ। କଲେଜରେ ସ୍ମାର୍ଟ ଶ୍ରେଣୀ ଗୃହ, ଲାବୋରେଟୋରୀ, ଇ ଲାଇବ୍ରେରୀ, ପଢିବା ଘର, ପିଇବା ପାଣି, ପାଇଖାନାର ରୁପାନ୍ତରି କରଣ ହେବ। ଏଥି ନିମନ୍ତେ କଲେଜ ପରିଚାଳନା କମିଟି, ଅବିଭାବକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହଯୋଗ ଲୋଡିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଭଲ ପଠା ପଢ଼ିବାକୁ ପାଣ୍ଡିଆନ କହିଥିଲେ। ଏହି ସମୟରେ ଗଞ୍ଜାମ ଅତିରିକ୍ତ ଜଲାପାଳ ପ୍ରିୟ ରଞ୍ଜନ ପୁଷ୍ଟି, ବିଡିଓ ଶିବାଶିଶ ବରାଳ, ଯୁକ୍ତ ତିନି କଲେଜର ଓଡିଆ ଅଧାପକ ରମେଶ ଚନ୍ଦ୍ର ଗୌଡ, ଯୁକ୍ତ ଦୁଇ ଅଧକ୍ଷ ଉପେନ୍ଦ୍ର ବାଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଭାଡ଼ିକିଳା ବାସିନ୍ଦା

ନୟାଗଡ଼ ଅଫିସ/ଓଡ଼ଗାଁ, ୧୫।୫(ସ୍ୱ.ପ୍ର.)

■ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା

■ ଅଭିଭାବକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଓଡ଼ଗାଁ ବ୍ଲକ ଭାଡିକିଳା ପଞ୍ଚାୟତ ଭାଡିକିଳା ୧ନଂ. ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ସହିତ ଅଭିଭାବକଙ୍କୁ ଦୁର୍ବ୍ୟବହାର ନେଇ ସୋମବାର ନୟାଗଡ଼ ଜିଲାପାଳଙ୍କୁ ଭାଡ଼ିକିଳା ବାସିନ୍ଦା ଫେରାଦ ହୋଇଛନ୍ତି। ସେମାନଙ୍କ ସହ ନୟାଗଡ଼ ଭାଜପା ନେତ୍ରୀ ଇରାନୀ ରାୟ ସାମିଲ ହୋଇ ଅଭିଯୋଗ ରଖିଥିଲେ। ଅଭିଯୋଗ ଅନୁଯାୟୀ, ଅଙ୍ଗନବାଡ଼ି କର୍ମୀ ନିୟମିତ କେନ୍ଦ୍ରକୁ ଆସୁ ନ ଥିବା ବେଳେ ସପ୍ତାହରେ ଦିନେ କିମ୍ବା ଦୁଇଦିନ ଅଣ୍ଡା ବଦଳରେ ଶୋୟାବିନ ବଡ଼ି ତରକାରୀ ପିଲାଙ୍କୁ ଦେଉଛନ୍ତି । କେନ୍ଦ୍ରରେ ଶୌଚାଳୟ ସୁବିଧା ଥିଲେ ମଧ ଆବଶ୍ୟକ ପଡ଼ିବା ବେଳେ ପିଲାମାନଙ୍କୁ ଘରକୁ ବାରମ୍ବାର ପଠାଇ ଦିଆଯାଉଛି । ସେଠାରେ ମାଙ୍କଡ଼ ଉପଦ୍ରବ ବଢିଥିବାରୁ ଅଭିଭାବକମାନେ ପିଲାମାନଙ୍କ ଘରକୁ ବାରମ୍ବାର ଯିବାଆସିବାକୁ ସୁରକ୍ଷିତ ମନେ କରୁନାହାଁନ୍ତି । ପିଲାଙ୍କୁ ଛାଡିବାକୁ ଅଭିଭାବକ ଆସିଲେ ସେମାନେ କର୍ମୀ ଓ ତାଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ଗତ ୩ ତାରିଖରେ ଏନେଇ ଓଡ଼ଗାଁ ବିଡ଼ିଓଙ୍କୁ ଅଭିଯୋଗ ପରେ ଓଡ଼ଗାଁ ବ୍ଲକ ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ଲହଡିମାଳା ପ୍ରଧାନ ଏବଂ ମଗରବନ୍ଧ ସେକ୍ଟର ସୁପରଭାଇଜର ଅନୁପମା ଦାସ ଅଙ୍ଗନବାଡ଼ି କେନ୍ଦ୍ରକୁ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ର, ଅଭିଭାବକ, ଯାଞ୍ଚ କମିଟି ଏବଂ କର୍ମି ଓ ସହାୟିକାଙ୍କ ଉପସ୍ଥିତିରେ ଅଭିଯୋଗର ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିବା ପରେ ତାଗିଦା କରି ଚାଲି ଆସିଥିଲେ। କିଛିଦିନର ବ୍ୟବଧାନ ପରେ ପୁଣି ଅନିୟମିତତା ହେବା ସହ ଅଭିଭାବକଙ୍କୁ ଦୁର୍ବ୍ୟବହାର ପରେ ଗାଁ ଲୋକ ଜିଲାପାଳଙ୍କୁ ଭେଟିଛନ୍ତି।

# ଗ୍ରେଡ୍ ପେ'କୁ ନେଇ ଅମଲା ମଞ୍ଚର ସ୍ମାରକପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅମଲା ମଞ୍ଚର ସଦସ୍ୟ ।

ପାରଳାଖେମୁଣ୍ଡି,୧୫।୫(ଡି.ଏନ୍.ଏ.)

ଗ୍ରେଡପେ ବୃଦ୍ଧି ଦାବିରେ ସୋମବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଗଜପତି ଜିଲା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜିଙ୍କ ଜରିଆରେ ଏକ ସ୍ମାରକ ପତ୍ର ଦିଆଯାଇଛି। ମିଳିତ ଅମଲା ସଂଘ ପକ୍ଷରୁ ଗ୍ରେଡପେ–୪୨୦୦ ଲକ୍ଷ୍ୟ କରାଯାଇ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଅମଲା ମିଳିତ ମଞ୍ଚର ଆହ୍ୱାନ କ୍ରମେ ଜିଲା ଅମଲା ମିଳିତ ମଞ୍ଚର ସଭ୍ୟସଭ୍ୟା ତଥା ସମସ୍ତ ବିଭାଗର ଅମଲାମାନେ ଏକତ୍ରିତ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକଠାରୁ ପଦଯାତ୍ରା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ମିଞ୍ଜିଙ୍କ ସହ ଆଲୋଚନା କରି ସ୍ମାରକପତ୍ର ଦେଇଥିଲେ। ଉକ୍ତ ସ୍ମାରକ ପତ୍ର ପ୍ରଦା ବେଳେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବହୁ ସଦସ୍ୟ ଯୋଗଦାନ କରିଥିଲେ । ସ୍ମାରକ ପତ୍ରରେ ମୁଖ୍ୟତଃ ଜିଲାସ୍ତରୀୟ କନିଷ୍ଠ ସହାୟକ ମାନଙ୍କ ଗ୍ରେଡପେ ଟଙ୍କା ୪୨୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି ହୋଇଛି । ଯଦି ଗ୍ରେଡପେକୁ ନେଇ ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ଜିଲା ସ୍ତରୀୟ ଅମଲା ମାନଙ୍କର ଦାବି ପୂରଣ ନ କରନ୍ତି ତେବେ ମଇ ୨୨ତାରିଖରୁ ୩୧ମଇ ପର୍ଯ୍ୟନ୍ତ କଳା ବେଜ ପରିଧାନ କରିବେ। ଯଦି ଏହି ସମୟରେ ସମାଧାନ ନ ହୁଏ ତେବେ ଜୁନ ୧ତାରିଖରୁ ସମୂହ ଛୁଟିରେ ରହିବେ । ଏହି ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନବେଳେ ଜନସାଧାରଣଙ୍କ ଅସୁବିଧା ନିମନ୍ତେ କେବଳ ସରକାର ହିଁ ଦାୟୀ ରହିବେ ବୋଲି ସୂଚାଇଛନ୍ତି।

# ଋଷିକୁଲ୍ୟା ସେତୁ ପ୍ରତି ବଢୁଛି ବିପଦ

ଧରାକୋଟ,୧୫।୫(ଡି.ଏନ୍.ଏ.)

ଧରାକୋଟ ବ୍ଲକର ଜୀବନରେଖା ଋଷିକୁଲ୍ୟା ସେତୁ ପ୍ରତି ବିପଦ ବଢୁଛି। ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ଋଷିକୁଲ୍ୟା ସେତୁ। ଜାତୀୟ ରାଜପଥ ୫୯କୁ ମୁକ୍ତେଶ୍ୱର ମନ୍ଦିର ନିକଟରେ ଯୋଡୁଥିବା ଏହି ସେତୁ ପ୍ରାୟ ୧୦ ବର୍ଷ ପୂର୍ବେ ଦଶ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଏହି ସେତୁ ନିର୍ମାଣ ହେବା ଦ୍ୱାରା ବ୍ଲକର ଜାହାଡ଼ା, ସିଙ୍ଗିପୁର, ଜଗମୋହନ, ଝରପାରି ଓ ଝାଡ଼ବନ୍ଧ ପଞ୍ଚାୟତ ସହ ବ୍ଲକ ପ୍ରଶାସନର ସ୍ଥାୟୀ ସଂଯୋଗ ସୃଷ୍ଟି ହୋଇପାରିଛି। ଏପରିକି ଭଞ୍ଜନଗର ଉପଖଣ୍ଡ ସହ ଯୋଗାଯୋଗ ସରଳୀକୃତ ହୋଇପାରିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, କୃଷି,ଯୋଗାଣ କ୍ଷେତ୍ରରେ ଏହି ପାଞ୍ଚଟି ପଞ୍ଚାୟତବାସୀ ସିଧାସଳଖ ଯୋଡ଼ି ହୋଇଛନ୍ତି । ଉପରୋକ୍ତ



ଋଷିକୁଲ୍ୟା ସେତୁ ।

ପଞ୍ଚାୟତଗୁଡ଼ିକର ପ୍ରାୟ ୪୦ ହଜାର ଲୋକଙ୍କର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ସେତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ହେଲେ ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ଏହି ସେତୁ ପ୍ରତି ଦିନକୁ ଦିନ ବିପଦ ବଢୁଛି। ସେତୁର ଉପରମୁଣ୍ଡର ଢଳେଇର ଆସ୍ତରଣ ଉଠିଯାଇଥିବା ବେଳେ ସ୍ୱାନଗୁଡ଼ିକୁ ଯୋଡୁଥିବା ଲୁହା ଉଠିଯାଇ ଗର୍ତ୍ତ ସୃଷ୍ଟି ହେଲାଣି। ଫଳରେ ଏହି ରାସ୍ତା ଦେଇ ପାଣି ଝରୁଛି । ସେତୁ ଉପରେ ଭାରିଯାନ ଚଳାଚଳ ବେଳେ କମ୍ପନ ସୃଷ୍ଟି ହେଉଛି। ଏଣୁ ସେତୁ ପ୍ରତି ଦିନକୁ ଦିନ ବିପଦ ବଢୁଥିବା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଆସିକା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ସେତୁକୁ ଅନୁଧ୍ୟାନ ପରେ ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଜଳିଗଲା ୮ ଲକ୍ଷ ଟଙ୍କାର ସଫେଇ ସାମଗ୍ରୀ

## ପୌରପାଳିକା ଅସ୍ଥାୟୀ ଗୋଦାମରେ ଅଗ୍ନିକାଣ୍ଡ

ଯାଜପୁର ଟାଉନ,୧୫।୫(ଡି.ଏନ.ଏ.):

ଯାଜପୁର ପୌରପାଳିକାର ଗାନ୍ଧିଛକଠାରେ ଥିବା ଅସ୍ଥାୟୀ ଗୋଦାମ ଘରେ ସୋମବାର ସକାଳ ପ୍ରାୟ ୬ଟା୩୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିରେ ପୌରପାଳିକାର ୮ ଲକ୍ଷ ଟଙ୍କାର ସଫେଇ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପଟ୍ଟଯୋଶୀ କହିଛନ୍ତି । ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲାଭ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଆବଶ୍ୟକୀୟ ପାଣି ଅଭାବ ସମସ୍ୟା ସୃଷ୍ଟି କରିଥିଲା । ଏପରି କି ପାଣି ସରିଯିବାରୁ କିଛି ସମୟ ନିଆଁ ଲିଭା କାର୍ଯ୍ୟ ବନ୍ଦରହିଥିଲା । ପରବର୍ତ୍ତୀ ସମୟରେ ବରୁହାଁରୁ ଅନ୍ୟ ଗାଡି ଆସିବା ପରେ ନିଆଁ ଲିଭାଯାଇଥିଲା । ଗୋଦାମ ଘରେ ଥିବା ମଶା ମରା ତେଲ ନିଆଁ ସଂଯୋଗରେ ଆସି ଟକ୍‌ଟକ୍ ହୋଇ ଫୁଟିଥିବା ଦେଖିବାକୁ ମିଳିଥିଲା । ଭୟରେ ଅଗ୍ନିସମ କର୍ମଚାରୀ ଘରକୁ ପ୍ରବେଶ ନକରି ପାଣି ବ୍ୟତୀତ ଫୋମ୍‌ର ସହାୟତା ନେଇଥିଲେ । ପାଖାପାଖି ୪ ଘଣ୍ଟାର ଉଦ୍ୟମ ପରେ ନିଆଁ ଆୟତ ହୋଇଥିଲା । ଅଗ୍ନିକାଣ୍ଡସ୍ଥଳକୁ ଲାଗି ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟଥିବାରୁ ନିଆଁ ଓ ଧୂଆଁକୁ ଦେଖି କର୍ମଚାରୀ ବାହାରକୁ ପଳାଇ ଆସିଥିଲେ । ସୌଭାଗ୍ୟବଶତଃ ଏହି କାର୍ଯ୍ୟାଳୟକୁ ନିଆଁ ଡେଇନାହିଁ କି କିଛି କ୍ଷୟକ୍ଷତି ହୋଇନାହିଁ । ଖବର ପାଇ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲିକ, ସଫେଇ ସୁପରଭାଇଜର ପ୍ରମୁଖ ପହଞ୍ଚି ଥିଲେ । ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।


ଯାଜପୁର ପୌରପାଳିକାର ଗାନ୍ଧିଛକଠାରେ ଥିବା ଅସ୍ଥାୟୀ ଗୋଦାମ ଜଳୁଛି ।

ଅନ୍ୟପକ୍ଷରେ ଅଗ୍ନିକାଣ୍ଡକୁ ନେଇ ଭିନ୍ନ ମତପ୍ରକାଶ ପାଇଛି । ପୌରପ୍ରଶାସନ ସଟ୍ ଶର୍କିଟ ଯୋଗୁ ଏପରି ଅଗ୍ନିକାଣ୍ଡ ହୋଇଛି ବୋଲି ଅନୁମାନ କରିଛି । ଉକ୍ତ ଗୋଦାମଟି ପୂର୍ବରୁ ଉର୍ଦ୍ଦୁ ସ୍କୁଲ ଘରଥିଲା । ତେବେ ଏହା ବନ୍ଦ ହୋଇଯିବାରୁ ପୌରପାଳିକାକୁ ହସ୍ତାନ୍ତର କରାଯାଇଥିଲା । ପରେ ଏହି ଘରେ ପୌରପାଳିକା ନିଜର ସଫେଇ ଓ ପରିମଳ ସାମଗ୍ରୀ ମହଜୁଦ ରଖିଥିଲା । ଏହା ଭିତରେ ବ୍ଲିଚିଂ ପାଉଡର, ମଶା ଧୂଆଁ ତେଲ, ସଫେଇ ଗାଡି, ଗ୍ଲୋବ୍ସ, ଜୋତା, ସଫେଇ ଯନ୍ତ୍ରାଂଶ, ଫିନାଇଲ ଓ ଅସ୍ଥାୟୀ ସୌଚାଳୟ ଡଷ୍ଟବିନ୍ ସହ ବିଭିନ୍ନ ସଫେଇ ସାମଗ୍ରୀ ରହିଥିଲା । ଗୋଦାମଟି ପୌରପାଳିକାର ଏକମାତ୍ର ଷ୍ଟୋର୍ ରୁମ୍ ଥିଲା । ସକାଳୁ ସଫେଇ କର୍ମଚାରୀ ଗୋଦାମରୁ ବ୍ଲିଚିଂ ପାଉଡର ନେଇଥିବାବେଳେ କିଛି ସମୟ ପରେ ହିଁ ହଠାତ୍ ନିଆଁ ଲାଗିଥିଲା । ତେବେ କେହି ନିଆଁ ଲଗାଇ ଦେଇପାରିଥାଏ କିମ୍ବା ବ୍ଲିଚିଂ ପାଇଁ ଆସିଥିବା କର୍ମଚାରୀ ବ୍ୟବହାର କରୁଥିବା ସିଗାରେଟ୍‌ରୁ ଏପରି ଅଗ୍ନିକାଣ୍ଡ ଘଟିଥାଏ ବୋଲି ଆଲୋଚନା ହେଉଛି । କର୍ମଚାରୀ ଯିବାର କିଛି ସମୟ ପରେ ହିଁ ଅଗ୍ନିକାଣ୍ଡ ଅନେକ ପ୍ରଶ୍ନବାସୀ ସୃଷ୍ଟି କରିଛି ।

## ଗଣ୍ଡାନାଳ ନିକଟରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଯାଜପୁର ଅଫିସ,୧୫।୫(ଡି.ଏନ.ଏ.):

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ୬ନଂ. ୱାର୍ଡ କୁସୁନପୁରସ୍ଥିତ ଗଣ୍ଡାନାଳ ନିକଟରୁ ସୋମବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଜବତ କରିଛି ପୋଲିସ । ସକାଳେ ସ୍ଥାନୀୟ ଲୋକେ ଗଣ୍ଡାନାଳକୁ ଶୌଚ ପାଇଁ ଯିବା ସମୟରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଯୁବକ ଜଣଙ୍କ ଜଣେ ଅଣଓଡ଼ିଆ ଓ ସେ ରବିବାର ପ୍ରଥମ ଥର ଖୋସାଲପୁର ଛକରେ ବୁଲୁଥିବା ଲୋକଙ୍କଠାରୁ ଶୁଣିବାକୁ ମିଳିଛି । ତେବେ ତାଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣା ପଡ଼ିନାହିଁ । ଏନେଇ ଥାନାରେ ନଂ.୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି ।



୩ ବର୍ଷର ବାକିଆ ଦରମା, ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ ଓ ଅନ୍ୟାନ୍ୟ ୪ ଦଫା ଦାବିରେ ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ମେସ୍କୋ ଷ୍ଟିଲ୍ କାରଖାନାର କର୍ମଚାରୀମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ହୀରକ ଜୟନ୍ତୀ ପାଳିବ ମହାଦେବ ସରକାରୀ ଉଚ୍ଚ ବିଦ୍ୟାଳୟ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ମହାଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ କରିବ । ଏଥିପାଇଁ କଟକ ଓ ଭୁବନେଶ୍ୱରରେ ରହୁଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଆଇଗିଣିଆସ୍ଥିତ ଏଏ କନଭେନ୍‌ଶନ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଗାମୀ ହୀରକ ଜୟନ୍ତୀକୁ ସଫଳ ତଥା ଚିତ୍ତାକର୍ଷକ କରିବା ପାଇଁ ମତ ରଖିଥିଲେ । ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଅଦ୍ୱୈତ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୧୯୫୯ ପ୍ରଥମ ବ୍ୟାଚ୍‌ର ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆର୍ତ୍ତବନ୍ଧୁ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବୈଠକରେ କୁଳମଣି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଜୟନ୍ତୀ ପାଳନ ନେଇ ପୂର୍ବରୁ ଅନୁଷ୍ଠିତ ୮ଟି ବୈଠକର ରୂପରେଖ ସମ୍ପର୍କରେ ପ୍ରହ୍ଲାଦ ରାଉତ ଆଲୋକପାତ କରିଥିଲେ । ବୈଠକରେ ବାଇଧର ବିଶ୍ୱାଳ, ବଳରାମ ସାହୁ, ଦୁର୍ଯ୍ୟୋଧନ ରାଉତ, କିଶୋର ଚନ୍ଦ୍ର ଦାସ, ଅକ୍ଷୟ କୁମାର ଭୂୟାଁ, ରେଖାଲତା ସାହୁ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସରପଞ୍ଚଙ୍କ ଅଜାଣତରେ ଟଙ୍କା ଉଠାଯାଇଥିବା ଅଭିଯୋଗ

ନାଉଗାଁ,୧୫।୫(ସ୍ୱ.ପ୍ର)

### ବିଡିଓ, ଜିପିଓ, ପୂର୍ବତନ ପିଇଓଙ୍କ ନାମରେ ଥାନାରେ ଅଭିଯୋଗ

ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ସରପଞ୍ଚ ନୀହାର ବସ୍ତିଆ ସୋମବାର ବିଡିଓ, ଜିପିଓ ଏବଂ ତତ୍କାଳୀନ ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ)ଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗର ନକଲ ମୁଖ୍ୟ ଶାସନ ସଚିବ ଓଡ଼ିଶା, ପଞ୍ଚାୟତିରାଜ ବିଭାଗ ମୁଖ୍ୟ ଶାସନ ସଚିବ, ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ପଠାଇଛନ୍ତି । ଅଭିଯୋଗ ମୁତାବକ, ନୀହାର ୧୧ ମାର୍ଚ୍ଚ ୨୦୨୨ରୁ ଏହି ପଞ୍ଚାୟତରେ ସରପଞ୍ଚ ଭାବେ କାର୍ଯ୍ୟ କରିଆସୁଛନ୍ତି । ୨୪ ଜୁନ ୨୦୨୨ରେ ସେ ଜରୁରି କାର୍ଯ୍ୟରେ ବାହାରକୁ ଯିବା ସମୟରେ ତତ୍କାଳୀନ ପିଇଓ ଅରୁଣ ପ୍ରଧାନ ବିଦ୍ୟୁତ୍ ବିଲ ପୈଠ କରିବା ପାଇଁ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ(ଡିଏସ୍‌ସି) ମାଗିଥିଲେ । ନୀହାର ବିଶ୍ୱାସରେ ତାଙ୍କୁ ଡିଏସସି ହସ୍ତାନ୍ତର କରିଥିଲେ । ଏହାପରେ ଉକ୍ତ ଡିଏସ୍‌ସିର ଅପବ୍ୟବହାର କରାଯାଇ ନିହାରଙ୍କ ଅଜ୍ଞାତରେ ୨୭ ଜୁନ ୨୦୨୨ରେ ସିଏଫ୍‌ସି ଆକାଉଣ୍ଟରୁ ୧୯,୮୦୦, ୩୦ ଜୁନ ୨୦୨୨ରେ ୬୭,୩୧୫ ଟଙ୍କା, ପୁନର୍ବାର ସେହି ୩୦ ଜୁନ୍‌ରେ ଏସ୍‌ଏଫସି ଆକାଉଣ୍ଟରୁ ୧,୯୯,୫୦୮ ଟଙ୍କା ଉଠାଯାଇଛି । ଏପରି ସମୁଦାୟ ୨,୮୬,୨୨୦ ଟଙ୍କା ଉଠାଯାଇଛି । ଅରୁଣଙ୍କ ପରେ ନୂତନ ପିଇଓ ଯୋଗଦେବା ପରେ ଏସଂକ୍ରାନ୍ତରେ ନୀହାର ଜାଣିବାକୁ ପାଇଥିଲେ । ଏଥିରେ ତତ୍କାଳୀନ ପିଇଓ ଅରୁଣଙ୍କ ସମେତ ଜିପିଓ ଦିନେଶ ରାୟଙ୍କ ସମ୍ପୃକ୍ତି ରହିଥିବା ନେଇ ୨୬ ସେପ୍ଟମ୍ବର ୨୦୨୨ରେ ଏବିଷୟରେ ସେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ବିଡିଓ ଘଟଣାର ତଦନ୍ତ କରିବାକୁ ଆଜିକାଲି କହି ଗଡ଼ାଇ ଚାଲିଛନ୍ତି । ୧୫ ମାର୍ଚ୍ଚ ୨୦୨୩ରେ ନୀହାରଙ୍କୁ ବିଡିଓ ରଶ୍ମିରେଖା ଧମକ ଦେବା ସହ ମିଥ୍ୟା କେସ୍‌ରେ ଫସାଇ ଦିଆଯିବ ବୋଲି କହିଥିଲେ । ଏହାର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗରେ ଦର୍ଶାଯାଇଛି । ସୂଚନାଯୋଗ୍ୟ, ଏବିଷୟରେ ସରପଞ୍ଚ ବସ୍ତିଆ ୮ ମେ ୨୦୨୩ ରେ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିଥିଲେ । ଏସମ୍ପର୍କରେ ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କୁ ପଚାରିବାରେ–ଅଭିଯୋଗ ପାଇବାପରେ ତଦନ୍ତ ଜାରିରହିଛି । ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏବିଷୟରେ ବିଡିଓ ରଶ୍ମିରେଖାଙ୍କୁ ପଚାରିବାରେ, ନିହାର ଟଙ୍କା ଉଠାଯିବା ସମ୍ପର୍କରେ ବର୍ଷେ ହେବ କାହିଁକି ଥାନାରେ ଅଭିଯୋଗ କରି ନ ଥିଲେ । ସେ କାର୍ଯ୍ୟାଳୟକୁ ଆସି କର୍ମଚାରୀମାନଙ୍କୁ ବାରମ୍ବାର ଅସମ୍ମାନିତ କରୁଥିଲେ । ଏଥିଯୋଗୁ ତାଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଆସିବା ପାଇଁ ମନା କରାଯାଇଥିଲା । ସେଥିପାଇଁ ନୀହାର ଥାନାରେ ମିଥ୍ୟା ମାମଲା ରୁଜୁ କରିଛନ୍ତି ବୋଲି ରଶ୍ମିରେଖା କହିଛନ୍ତି । ଅପରପକ୍ଷେ ଅରୁଣ ଓ ଦିନେଶ ଥାନାରେ ନୀହାରଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି ।

## ମିନି ଅଙ୍ଗନୱାଡି କେନ୍ଦ୍ରରୁ ଚୋରି

ରଘୁନାଥପୁର,୧୫।୫(ଡି.ଏନ୍.ଏ.)

ରବିବାର ମଧ୍ୟରାତ୍ରିରେ ରଘୁନାଥପୁର ଥାନା ରେଢୁଆ ପଞ୍ଚାୟତ ଜଗନ୍ନାଥପୁର(ଖରିପଡ଼ିଆ)ସ୍ଥିତ ମିନି ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ଏହି କେନ୍ଦ୍ରର ତାଲା ଭାଙ୍ଗି ଭିତରୁ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି । ଏ ସମ୍ପର୍କରେ ସୋମବାର ଅଙ୍ଗନୱାଡି କର୍ମୀ ରୋଜାଲିନ ସ୍ୱାଇଁ ସ୍ଥାନୀୟ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ଜଣାଇବା ସହ ରଘୁନାଥପୁର ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ସୋମବାର ସକାଳେ ରୋଜାଲିନ ଅଙ୍ଗନୱାଡି ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଭିତରକୁ ଯାଇ ଦେଖବାବେଳକୁ ସେଠାରେ ଗ୍ୟାସ ସିଲିଣ୍ଡର, ଫ୍ୟାନ, ଚୁଲା, ଚାଉଳ, ଡାଲି, ଅଣ୍ଡା ଓ ଅନ୍ୟାନ୍ୟ କେତୋଟି ସାମଗ୍ରୀ ନ ଥିଲା । ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି ।

# ନିଲାମ ହେଉନାହିଁ ବାଲି ଘାଟ

- ଅହରହ ବୁହା ଚାଲିଛି ବାଲି
- ସବୁ ଜାଣି ଜିଲା ପ୍ରଶାସନ ଚୁପ୍

ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.)୧୫।୫

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ବାଲିଘାଟରୁ ବାଲି ଉଠାଣକୁ ନେଇ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି । ଏହା ବନ୍ୟା ସମୟରେ ବିପଦ ସୃଷ୍ଟି କରୁଛି । ବାଲି ବ୍ୟବସାୟୀମାନେ ଆଇନକୁ ହାତକୁ ନେଇ ବ୍ୟବସାୟ ଚଳାଇଛନ୍ତି । କେତେଜଣ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ଏଥିରେ ସହଯୋଗ କରିଛି ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ତରଡ଼ିପାଳ, ଅଳପୁଆ, ଅମୃତମଣୋହି ଓ ପେଣ୍ଠପାଳ ବାଲିଘାଟ ସରକାରୀ ଭାବେ ନିଲାମ କରାଯାଇଛି । ନିଲାମଧାରୀ ସରକାରୀ ନିୟମ ଅନୁଯାୟୀ ଘାଟ ନିଲାମ ନେଇ ବ୍ରାହ୍ମଣୀ ନଦୀରୁ ବାଲି ଉଠାଇ ବ୍ୟବସାୟ କରୁଛନ୍ତି । କିନ୍ତୁ ସରକାରୀ ଭାବେ ଘାଟ ନିଲାମ ହୋଇ ନ ଥିବା ନୀଳକଣ୍ଠପୁର, ବାଲିପାଟଣା, କଷଣଅଣ୍ଟା , ଅଳଭା ଆଦି ବାଲିଘାଟରୁ ବେଆଇନ ଭାବେ ବାଲି ଉଠାଣ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ନିଲାମ ହୋଇ ନ ଥିବା ବାଲିଘାଟରୁ ପ୍ରତ୍ୟେହ ଶତାଧିକ ଟ୍ରକ, ଟ୍ରାକ୍ଟର ବାଲି ଉଠାଣ କରାଯାଉଥିବା ନେଇ କେନ୍ଦ୍ରାପଡ଼ା ଉପଜିଲାପାଳ ଓ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି । ନଦୀରୁ ବାଲି ଉଠାଣରେ ବହୁ କଟକଣା ଅଛି । ନଦୀରୁ ଏକ ପଞ୍ଚାମାଂଶରୁ ଊର୍ଦ୍ଧ୍ୱ ବାଲି ଉଠାଣକୁ ପରିବେଶ ବିଭାଗ ପକ୍ଷରୁ ରୋକ୍ ଲଗାଯାଇଛି । ପାନୀୟ ଜଳ ପ୍ରକଳ୍ପ, ବନ୍ଧ, ନଦୀ, ପୋଲ ନିକଟରୁ ୩୦୦ ମିଟର ମଧ୍ୟରେ ବାଲିଉଠା ହୋଇ ପାରିବ ନାହିଁ ବୋଲି ନିୟମ ରହିଛି । ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ନିୟମକୁ ଉପେକ୍ଷା କରାଯାଇ ନାହିଆଡିହା ଦାଣ୍ଡିସାହି ପୋଲ ଓ ପତ୍ରପୁର ପୋଲର ତଳୁ ବାଲି ଉଠାଣ କରାଯାଉଛି । ଏହାକୁ ବିରୋଧ କରି ଗତ ୮ ତାରିଖରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଣ୍ଟରା ସରପଞ୍ଚ କଳ୍ପନା ଜେନା, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ପ୍ରମୁଖ ନାହିଆଡିହା, ଅଣ୍ଟରା, ବଲୁରିଆ, ଅମୃତମଣୋହି ନଦୀ ପଠା ଓ ନିହିଆଡିଆ ପୋଲ ତଳରୁ ବାଲି ଉଠାଣକୁ ବିରୋଧ କରି ଧୋୟାଞ୍ଚଳ ଗ୍ରାମର ସୁରକ୍ଷା ନେଇ ବାଲି ଖାଦାନ ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସଂଲଗ୍ନ ଅଳଭା ନୀଳକଣ୍ଠପୁର ଘାଟ ନିଲାମ ହୋଇ ନ ଥିଲେ ମଧ୍ୟ ବିଭିନ୍ନ ରାସ୍ତାଘାଟ, କୋଠାବାଡ଼ି, ସରକାରୀ ବେସରକାରୀ ପ୍ରକଳ୍ପ ନିର୍ମାଣ ପାଇଁ ଦିନରାତି ଶତାଧିକ ଟ୍ରିପ ବାଲି ଉଠାଣ କରାଯାଉଛି । ଏଥିପାଇଁ ସରକାରୀ ଭାବେ ନିଲାମ ହୋଇଥିବା ଘାଟକୁ କେହି ଯିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ଫଳରେ ନିଲାମଧାରୀ ଗୁରୁତର କ୍ଷତି ସହିବା ସହିତ ଲକ୍ଷାଧିକ ଟଙ୍କା ରାଜସ୍ୱହାନୀ ଘଟୁଛି ।


ଅଳଭା ଘାଟରୁ ବେଆଇନ ଭାବେ ବାଲି ଉଠାଯାଉଛି ।

ବେଆଇନ ବାଲି ଉଠାଣ ସମ୍ପର୍କରେ ଅଭିଯୋଗ ପାଇ ସରକାର ଏହାର ତଦନ୍ତ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ତାହା ନାଲି ଫିତା ତଳେ ରହିଛି । କେନ୍ଦ୍ରାପଡ଼ା ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ଏ ସମ୍ପର୍କରେ ଅଭିଯୋଗ କରାଯିବାରେ ଜିଲାପାଳ ଅମ୍ରିତ ଋତୁରାଜ ତତ୍କାଳ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ । ତେବେ ପ୍ରଶାସନିକ ନିଷ୍କ୍ରିୟତା ବେଆଇନ ବାଲି ବ୍ୟବସାୟକୁ ସହାୟକ ହୋଇଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀଙ୍କୁ ପଚାରିବାରେ ସରକାରୀ ଭାବେ ନିଲାମ ହୋଇ ନ ଥିବା ବାଲିଘାଟରୁ ବେଆଇନ ବାଲି ଉଠାଣ ସମ୍ପର୍କରେ ଅଭିଯୋଗ ମିଳିଥିବା ସ୍ୱୀକାର କରିଥିଲେ । ଏ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଅବିଳମ୍ବେ ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଞ୍ଚଳବାସୀ ନିଜର ସୁରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମ୍ଳାନ


@ ଅନୁସୂୟା


@ ବିଷ୍ଣୁଚରଣ


@ ଦେବଦତ୍ତ


@ ହିତେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚକା ଫାଟିବାରୁ ଜଣେ ମୃତ

### ଭାରୀଯାନ ମରାମତି ବେଳେ ଦୁର୍ଘଟଣା

ପାରାଦୀପ ୧୫।୫(ସ୍ୱ:ପ୍ର:)

ପାରାଦୀପ ବନ୍ଦର ୫ ନଂ.ଗେଟ ପାଖରେ ଥିବା ଏକ ଘରୋଇ କମ୍ପାନୀରେ ସୋମବାର ଦୁର୍ଘଟଣା ଘଟିଛି । ଏକ ଭାରିଯାନ ମରାମତିବେଳେ ଚକା ଫାଟିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ସହିକ୍ ରାଜା (୨୨) । ଆହତ ଜଣକ ହେଲେ ମହମ୍ମଦ ନୟିମ । ଉଭୟଙ୍କ ଘର ଉତ୍ତରପ୍ରଦେଶରେ ହୋଇଥିବାବେଳେ ଏଠାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ।

ସହିକ୍ ଓ ନୟିମ ଏକ ଭାରିଯାନ (ଲୋଡର) ଚକାରେ ହୋଇଥିବା ପଂକଚର ମରାମତି କରୁଥିଲେ । ଏହି ସମୟରେ ତାହା ଫାଟିଯିବାରୁ ଉଭୟ ଗୁରୁତର ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସହିକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ଆହତ ନୟିମଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏନେଇ ଥାନାରେ ମାମଲା (ନଂ.୨୦୪/୨୩) ରୁଜୁ ହୋଇଛି ।

# ସ୍ୱାସ୍ଥ୍ୟସେବା ନାଁରେ ଶୋଷଣ

- ଘରୋଇ କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ମନମାନି ଉପରେ ଲଗାମ ନାହିଁ
- ଡାକ୍ତରଙ୍କ କାମ ଚଳାଉଛନ୍ତି ପ୍ରୋପ୍ରାଇଟର
- ଟ୍ରୋଥୋ ପକାଇ ଦେଖୁଛନ୍ତି ରୋଗୀ
- ସ୍ୱାସ୍ଥ୍ୟବିଭାଗର ଚଢ଼ାଉ ଶୂନ୍

**ନୟାଗଡ଼ ଅଫିସ,୧୫।୫**

ନୟାଗଡ଼ ଜିଲା ସଦର ମହକୁମାରେ ଘରୋଇ କ୍ଲିନିକ୍ କର୍ମକର୍ତ୍ତାଙ୍କ ମନମାନି ଉପରେ ଲଗାମ ଦେବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି । ଭଲ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଘରୋଇ କ୍ଲିନିକ୍ ମୁହାଁ ରୋଗୀ ଉପଯୁକ୍ତ ସେବା ନ ପାଇ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷେ କେତେକ କ୍ଲିନିକ୍‌ର ପ୍ରୋପାଇଟର ଡାକ୍ତରଙ୍କ ଭୂମିକା ତୁଲାଇ ବେକରେ ଟ୍ରୋଥୋ ପକାଇ ରୋଗୀ ଦେଖୁଛନ୍ତି । ନକଲି ଡାକ୍ତର ଉପରେ କାର୍ଯ୍ୟାନୁଷ୍ଠାନ ଓ ଭ୍ରୁଣ ହତ୍ୟା ଘଟଣାର ଇତିମଧ୍ୟରେ ୧୬ ମାସ ବିତିଥିଲେ ମଧ୍ୟ କୌଣସି ପରିବର୍ତ୍ତନ ଘଟି ନାହିଁ ।

ଜିଲା ସଦର ମହକୁମାରେ ୧୬ ଘରୋଇ କ୍ଲିନିକ ସରକାରୀ ଖାତାରେ ପଞ୍ଜିକରଣ ହୋଇଛି । ହେଲେ ଅଧିକାଂଶ ଘରୋଇ କ୍ଲିନିକର ପ୍ରୋପାଇଟର ରୋଗୀ ଦେଖୁଛନ୍ତି ଓ ଔଷଧ ଖାଇବାକୁ ରୋଗୀଙ୍କୁ ଲେଖି ପରାମର୍ଶ ଦେଉଛନ୍ତି। ବେଳେବେଳେ ଅପରେଶନ ବି କରୁଛନ୍ତି। ନକଲି ଡାକ୍ତର ଗିରଫ ଓ ଭ୍ରୁଣହତ୍ୟା ଘଟଣାର ୧୬ ମାସ ପରେ ଚଢ଼ାଉ ନ ଥିବାରୁ କ୍ଲିନିକ୍‌ଗୁଡ଼ିକରେ ପୁଣି ଭ୍ରୁଣହତ୍ୟା ଚାଲିଛି । ଏବାବଦରେ ଭଲ ରୋଜଗାର କରୁଥିବା ଅଭିଯୋଗ ହେଉଛି । ନୟାଗଡ଼ ସହରର ୫ ନାମୀଦାମୀ କ୍ଲିନିକ୍ ଏପରି କାରନାମା ବେଶି ହେଉଛି ବୋଲି ଅଭିଯୋଗ ଉଠିଛି । ତେବେ ୬ କ୍ଲିନିକ୍‌ରୁ ଗୋଟିଏ କ୍ଲିନିକ୍ ଫସି ଯାଇଛି । ଗତ ୨୦୧୪ଜୁଲାଇ, ୨୦୨୦ ଅଗଷ୍ଟ ଓ ୨୦୨୧ ଡିସେମ୍ବର ଶେଷ ସପ୍ତାହରେ ଭ୍ରୁଣ ହତ୍ୟା ଅଭିଯୋଗ ପ୍ରମାଣିତ ହୋଇସାରିଛି । ୨୦୨୧ ଡିସେମ୍ବର ଶେଷ ସପ୍ତାହରେ ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ର ମାଲିକ ବକଳବନ୍ଧ ଗାଁର ସତ୍ୟପ୍ରିୟ ସ୍ୱାଇଁ ଗିରଫ ହୋଇ ଜେଲ ଯାଇଥିଲେ । ଉକ୍ତ କ୍ଲିନିକ୍‌କୁ ଯାଉଥିବା ନକଲି ଡାକ୍ତର ବିଶ୍ୱନାଥ ଘଡେଇଙ୍କୁ ମଧ୍ୟ ଜେଲ ହୋଇଥିଲା । ଏହାପରେ ଯେଉଁ ପରିବର୍ତ୍ତନ ଆଶା ଥିଲା ତାହା ଆଶାରେ ହିଁ ରହି ଯାଇଛି । କାରଣ ଭ୍ରୁଣହତ୍ୟା ଧରା ପଡିବା ସମୟରେ ଚଢ଼ାଉ ତ୍ୱରାନ୍ୱିତ ହେଉଛି । ପରେ ଚଢ଼ାଉ ଶୀତଳଭଣ୍ଡାରକୁ ଚାଲି ଯାଇଛି । ଅନ୍ୟପକ୍ଷେ ହାତଗଣତି କ୍ଲିନିକ ମାଲିକ ରାଜନୈତିକ ନେତା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ପ୍ରଶାସକଙ୍କୁ ଧରାଧରି କରି ବେଆଇନ ଭାବେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏନେଇ ଆଇନଜିବୀ ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ ସହରର ଅନେକ ଘରୋଇ କ୍ଲିନିକ୍ ବେଆଇନ ଭାବେ ରୋଗୀଙ୍କୁ ଶୋଷଣ କରି ଚାଲିଛନ୍ତି । ସେମାନଙ୍କ ବେଆଇନ କାରନାମା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ନାହିଁ । ଘରୋଇ କ୍ଲିନିକ୍ ପ୍ରୋପାଇଟର ରୋଗୀ ଦେଖୁଥିଲେହେଁ କାର୍ଯ୍ୟାନୁଷ୍ଠାନ ନାହିଁ । ତଦନ୍ତ ପାଇଁ ଦାବି ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଚେଇଁ ଶୋଇଛି । ଏପରି ଅଭିଯୋଗ ମୁଁ ବହୁ ଦିନ ହେଲା କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି । ଭାପୁରର ଦିନମଣି ସ୍ୱାଇଁ, ଖଣ୍ଡପଡ଼ାର ରାମଚନ୍ଦ୍ର ସାହୁ, ଦଶପଲ୍ଲାର ବିଷ୍ଣୁ ନାୟକ କୁହନ୍ତି, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ମିଳୁନି । ଘରୋଇ କ୍ଲିନିକ୍‌କୁ ଗଲେ ସେଠାରେ ଲୁଟ୍ ଚାଲିଛି । ଘରୋଇ କ୍ଲିନିକରେ ଡାକ୍ତର ଅପରେଶନ କରୁଥିଲେ ହେଁ ପ୍ରୋପାଇଟର ଓ ଅନ୍ୟ କିଛି କର୍ମଚାରୀ ଡାକ୍ତର କାମ ଚଳାଇ ନେଉଛନ୍ତି । ନିଜେ ସବୁ କିଛି କରି ଅଧିକ ଟଙ୍କା ଦାବି କରୁଛନ୍ତି । ଡାକ୍ତରୀ ପାଠ ନ ପଢ଼ି କିପରି କେତେଜଣ ବ୍ୟକ୍ତି ସ୍ୱାସ୍ଥ୍ୟ ସେବା କରୁଥିଲେ ମଧ୍ୟ ସେନେଇ ତଦନ୍ତ କି କାର୍ଯ୍ୟାନୁଷ୍ଠାନ ନାହିଁ । କେତେବେଳେ କିଛି ଅଘଟଣ ଘଟିଲେ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି । ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଘରୋଇ କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ମନମାନି ନଜରକୁ ଆସୁଛି । ହେଲେ ପ୍ରମାଣ ମିଳୁନି । ତଥାପି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି ଓ କରାଯିବ। ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ବଳାତ୍କାର ଅଭିଯୋଗରେ ଯୁବକ ଜେଲ ଗଲେ

**ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ସିଧାମୂଳା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ସିଧାମୂଳା ପଞ୍ଚାୟତ ଅକୁରାବନ୍ଧ ଗ୍ରାମର ହେମାନନ୍ଦ ଦାଶଙ୍କୁ ରବିବାର ଗିରଫ କରି ଅଟକ ରଖିଥିଲା । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ଗତ ୬ ବର୍ଷ ହେବ ସମ୍ପୃକ୍ତ ଯୁବକଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା । ପରବର୍ତ୍ତୀ ସମୟରେ ଯୁବକ ଜଣକ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ଯୁବତୀଙ୍କ ପରିବାର ବର୍ଗ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୦୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ରମେଶ କୁମାର ଦେବତା କହିଛନ୍ତି ।

## କୋର୍ଟ ବର୍ଜନ କଲେ ଆଇନଜୀବୀ

- ତହସିଲଦାରଙ୍କ ବଦଳି ଦାବି ତେଜିଲା
- ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଘଟଣା



ବୈଠକରେ ଯୋଗଦେଇଥିବା ଆଇନଜୀବୀ ।

**ନୟାଗଡ଼ ଅଫିସ/ ରଣପୁର,୧୫।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଖମାରସାହିର ଲିତାଞ୍ଜଳି ସାହୁ(୫୨) ନାମ୍ନୀ ଜଣେ ଆଇନଜୀବୀଙ୍କୁ ରଣପୁର ତହସିଲଦାର ଦୁର୍ବ୍ୟବହାର ଘଟଣା ବିବାଦୀୟ ହେବାରେ ଲାଗିଛି । ଏନେଇ ରଣପୁର ଆଇନଜିବୀମାନେ ରଣପୁର ତହସିଲଦାର ଈପ୍ସିତା ସାହୁଙ୍କ ବଦଳି ଦାବି କରି ସୋମବାର ଠାରୁ କୋର୍ଟ ବର୍ଜନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଆଇନଜୀବୀ କହିଛନ୍ତି । ସୋମବାର ରଣପୁର ବାର ଆସୋସିଏଶନର ବୈଠକ ବସି ଏପରି ନିଷ୍ପତ୍ତି ନିଆଯାଇଛି। ବାର ଆସୋସିଏଶନ ସଭାପତି ଗିରିଜାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସତ୍ୟ ରଞ୍ଜନ ସଡା, ଉପସଭାପତି ସୁକାନ୍ତ ପଟ୍ଟନାୟକ, ସନ୍ତୋଷ ଚନ୍ଦ୍ର ଜେନା, ଦିଲୀପ ନନ୍ଦ, ବ୍ରଜ ସେନାପତି ପ୍ରମୁଖ ଆଇନଜିବୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଭିଯୋଗ ଅନୁସାରେ ରଣପୁର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ମହକିଲଙ୍କ ଜମି ପଟ୍ଟା ସଂଶୋଧନ ପାଇଁ ଗତ ୧୨ ତାରିଖ ଶୁକ୍ରବାର ରଣପୁର ତହସିଲ କୋର୍ଟକୁ ମହିଳା ଆଇନଜିବୀ ଲିତାଞ୍ଜଳି ସାହୁ ଯାଇଥିଲେ । ଗତ ୧୨ ତାରିଖ ସେହି ମ୍ୟୁଟେଶନ କେଶର ଶୁଣାଣୀ ଥିଲା । ତହସିଲଦାର ଆଇନଜୀବୀ ବୋଲି ଜାଣି ମଧ୍ୟ ଦୁର୍ବ୍ୟବହାର ଓ ଔଦ୍ଧତ୍ୟ ଆଚରଣ ଦେଖାଇ ମ୍ୟୁଟେଶନ କେଶର ଶୁଣାଣୀ ହୋଇ ପାରିବ ନାହିଁ, କୋର୍ଟରୁ ଚାଲି ଯାଅ କହିଥିଲେ । ଆଇନଜୀବୀ ସୁବାସ ଜେନା ଓ ତାପସ ଚକ୍ରବର୍ତ୍ତୀଙ୍କ ସହ କେତେଜଣ ଲୋକ, ଅଫିସ କର୍ମଚାରୀଙ୍କ ସମ୍ମୁଖରେ ସେ ଏଭଳି ବ୍ୟବହାର କରିଥିବା ଦର୍ଶାଯାଇଛି। ଘଟଣା ସମ୍ପର୍କରେ ମହିଳା ଆଇନଜୀବୀ ଥାନାରେ ଅଭିଯୋଗ କରିବା ସହ ରଣପୁର ବାର ଆସୋସିଏଶନକୁ ଜଣାଇବା ପରେ ରଣପୁର ଥାନାରେ ମାମଲା ହୋଇଛି। ପୋଲିସ ଘଟଣାର ତଦନ୍ତ କରିଥିଲେ ହେଁ ଏଯାବତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଅନ୍ୟପକ୍ଷେ ତହସିଲଦାରଙ୍କ ଅଭିଯୋଗ କ୍ରମେ ଥାନାରେ ପାଲଟା ମାମଲା ରୁଜୁ କରାଯାଇଛି ।

## ଗଣିଆ ଥାନା ଆଇଆଇସି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

**ହାଇକୋର୍ଟରେ ଅନୁସୂଚିତ ଜାତି ମହିଳାଙ୍କ ଘର ଭାଙ୍ଗିଦେବା ମାମଲା**

**କଟକ ଅଫିସ,୧୫।୫**

ସରକାରୀ ଜାଗା ଜବରଦଖଲ କରି ଘର କରିଥିବା ଜଣେ ଅନୁସୂଚିତ ଜାତି ମହିଳାଙ୍କ ଘର ସ୍ଥାନୀୟ ତହସିଲଦାର ଭାଙ୍ଗିବା ମାମଲାର ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ନୟାଗଡ଼ ଜିଲା ଗଣିଆ ଥାନା ଆଇଆଇସିଙ୍କୁ ଆଇନ ଅନୁଯାୟୀ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବେଦନକାରିଣୀ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ବିଳାସିନୀ ନାଏକଙ୍କୁ ୭ ଦିନ ମଧ୍ୟରେ ଗଣିଆ ଥାନା ଆଇଆଇସିଙ୍କୁ ଏକ ସଦ୍ୟ ଆବେଦନପତ୍ର ସହ ହାଇକୋର୍ଟଙ୍କ ଅର୍ଡର କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରିଣୀ ଜଣେ ଅନୁସୂଚୀତ ବର୍ଗ ମହିଳା ହୋଇଥିବା ବେଳେ ତାଙ୍କର କୌଣସି ବାସଡିହ ନାହିଁ। ସେ ସରକାରୀ ଜାଗା ଜବରଦଖଲ କରି ୨୫ ବର୍ଷ ହେବ ଚାଳଘରଟିଏ ତିଆରି କରି ପରିବାର ସହ ରହିଆସୁଥିଲେ। ସରକାରୀ ଜାଗା ଜବରଦଖଲ କରିଥିବା ହେତୁ ତାଙ୍କ ନାମରେ ଏନ୍‌କ୍ରୋଚମେଣ୍ଟ କେସ୍ କରାଯାଇ ଜରିମାନା ଆଦାୟ ହୋଇଛି। ହେଲେ ସ୍ଥାନୀୟ ତହସିଲଦାର ତାଙ୍କୁ କୌଣସି ନୋଟିସ ନ ଦେଇ ଗତ ଏପ୍ରିଲ ୧୭ ରେ ସରକାରୀ ଜାଗାରେ ଥିବା ବିଳାସିନୀଙ୍କ ଘରଟିକୁ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଯଦ୍ୱାରା ତାଙ୍କ ପରିବାର ଏକ ଆମ୍ବଗଛ ମୂଳେ ପାଲଟାଣି ଆଶ୍ରୟ ନେଇଛନ୍ତି। ତହସିଲଦାର ପୁଣି ସେଠାରେ ପହଞ୍ଚି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ସେ ଏ ସମ୍ପର୍କରେ ଆଇଆଇସି ଓ ଏସ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୭୨ ଅଭିଯୋଗର ତତ୍କାଳ ସମାଧାନ ହେଲା

**ଖଣ୍ଡପଡ଼ା,୧୫।୫(ସ୍ୱ.ପ୍ର.)**




ଜନ ଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅନ୍ୟମାନେ ।

### ଜିଲାପାଳଙ୍କ ଜନ ଶୁଣାଣି ଶିବିର

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୮ ଟାରେ ଆୟୋଜିତ ଶିବିରରେ ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଓ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି,ଅଭିଯୋଗ ଶୁଣିବା ସହ ତର୍ଜମା କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତର ଜନସାଧାରଣଙ୍କ ଠାରୁ ସମୁଦାୟ ୧୫୧ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୧୧୬, ୬ ଗ୍ରାମ ବିବାଦ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ସମ୍ପର୍କୀତ ୨୫ଟି ଓ ରେଡକ୍ରସ ସମ୍ପର୍କୀତ ୪ଟି ଅଭିଯୋଗ ଉପରେ ପ୍ରଶାସନିକ ଅଧିକାରୀମାନେ ଶୁଣାଣି କରିଥିଲେ । ଜିଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭୨ଟି ଅଭିଯୋଗ ଫଇସଲା ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ଅନ୍ୟ ଅଭିଯୋଗଗୁଡିକ ପ୍ରତି ଦୃଷ୍ଟି ଦିଆଯାଇ ସମସ୍ୟାର ଆଶୁ ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ୨ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟ, ବିଡିଓ ଅରୁଣୀମା ସାହୁ ଓ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ଖଣ୍ଡପଡା ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ନୂଆଗାଁ ବ୍ଲକରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ନୂଆଗାଁ,୧୫।୫ (ଡି.ଏନ.ଏ.)**




ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ ସୌଜନ୍ୟରେ ଓ ନୂଆଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ସତ୍ୟରଞ୍ଜନ ଦାସ ଶିଶୁ ସୁରକ୍ଷା ବିଷୟରେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ବୁଝାଇଥିଲେ । ବାଲ୍ୟ ବିବାହ ରୋକିବାରେ ପ୍ରଶାସନିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ସଫଳତା ହାସଲ କରି ନ ଥିବାରୁ ତାହା ବର୍ତ୍ତମାନ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଦାସ ବାଲ୍ୟ ବିବାହରେ ନୟାଗଡ଼ ଜିଲା ଜାତୀୟ ହାରଠାରୁ ଅଧିକ ରହିଥିବା ବିଷୟରେ ଅବଗତ କରାଇଥିଲେ । ରାଜ୍ୟରେ ବାଲ୍ୟ ବିବାହରେ ନବରଙ୍ଗପୁର ଆଗରେ ଥିବା ବେଳେ ନୟାଗଡ଼ ଜିଲା ଦ୍ୱିତୀୟ ସ୍ଥାନରେ ରହିଥିଲା । କିନ୍ତୁ ବର୍ତ୍ତମାନ ଯାହା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ବାଲ୍ୟ ବିବାହରେ ପ୍ରଥମ ସ୍ଥାନରେ ରହିବାକୁ ଯାଉଛି । ତେଣୁ ବାଲ୍ୟ ବିବାହ ରୋକିବା ପାଇଁ ଜନ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ । କେଉଁ କାରଣ ପାଇଁ ବାଲ୍ୟ ବିବାହ ବୃଦ୍ଧି ପାଉଛି ସେ ବାବଦରେ ଜନ ପ୍ରତିନିଧିମାନଙ୍କ ମତାମତ ନେଇଥିଲେ । ତେବେ ଡିଜିଟାଲ ଯୁଗରେ ମୋବାଇଲର ବ୍ୟବହାର, ପ୍ରକୃତ ଶିକ୍ଷାର ଅଭାବ, ସଚେତନତାର ଅଭାବ ଓ ଝିଅ ପରିବାରର ବୋଝ ବୋଲି ଭାବିବା ହେଉଛି ବାଲ୍ୟ ବିବାହ କରିବାର ମୁଖ୍ୟ କାରଣ ବୋଲି ଜନ ପ୍ରତିନିଧି ମତ ଦେଇଥିଲେ । ଏସବୁ କାରଣମାନ ବିଷୟରେ ଆଲୋଚନା କରି ବାଲ୍ୟ ବିବାହ ରୋକିବାର ବାଟ ଦେଖାଇଥିଲେ ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଦାସ । ଜନ ପ୍ରତିନିଧିମାନେ ସଜାଗ ରହିଲେ ବାଲ୍ୟ ବିବାହ ରୋକାଯାଇ ପାରିବ । ସରକାରଙ୍କ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ନୟାଗଡ଼ ଜିଲାରୁ ଆରମ୍ଭ କରାଯାଇଥିଲା। ପ୍ରତି ହଜାରେ ପୁଅରେ ଝିଅଙ୍କ ସଂଖ୍ୟା ୭୯୪ ରହିଛି । ବାରମ୍ବାର ସଚେତନତା କାର୍ଯ୍ୟକ୍ରମମାନ କରାଯାଉଥିଲେ ମଧ୍ୟ ଝିଅ ସଂଖ୍ୟାରେ ବୃଦ୍ଧି ନ ହେବା ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବ ବୋଲି ଅତିଥିମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ବାବଦରେ ଆଲୋଚନା କରାଯାଇଥିଲା। ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଚେୟାରମ୍ୟାନ୍ ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରତିମା ଦଳବେହେରା, ସିଡିପିଓ ଶୁଭ୍ରକେଶୀ ମଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ଅଳ୍ପ କେତେଜଣ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମ୍ଳାନ



@ ଅନସୂୟା



@ ବିଷ୍ଣୁଚରଣ



@ ଦେବଦତ୍ତ



@ ହିତେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୫ ମହିଳା କର୍ମଚାରୀ ପାଇଲେ ଓଇଏସ୍






**ନୟାଗଡ଼ ଅଫିସ,୧୫।୫**

ନୟାଗଡ଼ ଜିଲାରେ ୫ ମହିଳା କର୍ମଚାରୀ ଓଇଏସ୍ ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ନୟାଗଡ଼ ବ୍ଲକ ବଡପଣ୍ଡୁସର ହାଇସ୍କୁଲର ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ, ଓଡ଼ଗାଁ ବ୍ଲକର ଅଙ୍ଗନୱାଡି ସୁପରଭାଇଜର ଲିପ୍‌ସା ନନ୍ଦ ଓଇଏସ୍ ପାଇଛନ୍ତି । ସେହିଭଳି ନୟାଗଡ଼ ବ୍ଲକ ବିରୁଡା କାଳନ୍ଦୀ ସୁରୁଜ ବିଦ୍ୟାପୀଠର ଶିକ୍ଷୟିତ୍ରୀ ମୁନରାଣୀ ମହାନ୍ତି ଓ ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଶିକ୍ଷୟିତ୍ରୀ ଅମ୍ରିତା ସାହୁ, ଫୁଲବାଣୀ କଲେଜର ଅଧ୍ୟାପିକା ଥିବା ନୟାଗଡ଼ର ମୋନାଲିସା ରଥ ଅନୁରୂପ ଭାବେ ଓଇଏସ୍ ପାଇଛନ୍ତି ।

## ସଂକ୍ଷେପରେ

### ପ୍ରମାଣ ଅଭାବରୁ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷ

**ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟା ମାମଲା**

**କଟକ ଅଫିସ, ୧୫।୫:** କଟକର ବହୁଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ସେକ୍ ଫାରୁକ ଖାନ୍ ହତ୍ୟା ମାମଲାରେ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ସେମାନଙ୍କ ସହଯୋଗୀ ଆରିଫ ଖାଁଙ୍କୁ ସୋମବାର କଟକ ଜିଲା ଓ ଦୌରା ଜଜ୍ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ନଭେମ୍ବର ୧୧ରେ ସଂଘଟିତ ମାଲଗୋଦାମ ହୋଲସେଲ୍ ଡାଲି ବ୍ୟବସାୟୀ ଫାରୁକ ଖାନ୍ ହତ୍ୟା ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଧଳସାମନ୍ତ ଭ୍ରାତାଙ୍କ ୪ ଜଣ ସହଯୋଗୀ ପ୍ରମାଣ ଅଭାବରୁ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ସେମାନେ ହେଲେ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ, ସେକ୍ ସୋନା, ସେକ୍ ବାବୁ, ଜଗତ୍‌ସିଂହପୁରର ଅସିତ୍ ଦାସ। ତେବେ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ଆରିଫ ଏହି ମାମଲାରେ ଜେଲରେ ଅଛନ୍ତି। ସ୍ପଷ୍ଟ ଦିବାଲୋକରେ ଡାଲି ବ୍ୟବସାୟୀ ଫାରୁକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ମୋଟର ସାଇକେଲରେ ଆସି ଫାରୁକଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଫାରୁକଙ୍କ ମୃତ୍ୟୁ ଘଟିଥିଲା। ମାଲଗୋଦାମ ଥାନା ପୋଲିସ ୨୦୧୮ରେ ଏହି ହତ୍ୟାକାଣ୍ଡର ପ୍ରାଥମିକ ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲା। ପୁଣି ୨୦୨୧ ଡିସେମ୍ବର ୨୭ରେ ଧଳସାମନ୍ତଙ୍କ ୪ଜଣ ସହଯୋଗୀ ମାଛୁଆ ବଜାରର ଚନ୍ଦନ ବେହେରା, ସିଡିଏ ସେକ୍ଟର ୭ ଅଞ୍ଚଳର ଲଲନ ଗୁପ୍ତା, ରାଣୀହାଟ ଗୋପାଳ ସାହିର ଶଙ୍କର ଓରଫ ଦୀପକ କୁମାର ନାୟକ ଏବଂ ଲାଲବାଗ ଅଲିଶା ବଜାରର ରଞ୍ଜନ ବେହେରା ଓରଫ ରାଜାଙ୍କ ବିରୋଧରେ ପୋଲିସ ଜେଏମ୍ଏଫ୍‌ସି ସିଟି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସେବେଠାରୁ ବିଭିନ୍ନ ସମୟରେ ମାମଲାର ଶୁଣାଣି ହୋଇ ବିଚାର ପ୍ରକ୍ରିୟା ଚାଲିଥିଲା।

### ଦୁବାଇ ଗଲେ ବଣ୍ଡା ଛାତ୍ରୀ

**ମାଲକାନଗିରି, ୧୫।୫(ଡି.ଏନ୍.ଏ.):** ମାଲକାନଗିରି ଜିଲାର ଆଦିମ ବଣ୍ଡା



ଜନଜାତିର ଆଇଟିଆଇ ଛାତ୍ରୀ ବୁଦ୍ରି କିର୍ସାନୀ ସୋମବାର ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଯାଇଛନ୍ତି। ସେଠାରେ ସେ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦେଖିବା ସହ କିଛି ଶିକ୍ଷା ଗ୍ରହଣ କରି ଦୁଇଦିନ ପରେ ଫେରିବେ। ଦୁବାଇ ଯିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବଣ୍ଡା ଘାଟିର ଝିଅ ବୁଦ୍ରିଙ୍କ ସମେତ ୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ବୁଦ୍ରି ରବିବାର ମାଲକାନଗିରିରୁ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଆସିଥିଲେ। ସୋମବାର ସେ ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ଦୁବାଇ ଯାଇଛନ୍ତି। ଏହା ଜିଲା ପାଇଁ ଏକ ଗୌରବର ବିଷୟ ହୋଇଛି।

### ଶିକ୍ଷକଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

**ବାଲେଶ୍ୱର ଅଫିସ, ୧୫।୫:** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଏକ ସରକାରୀ ସ୍କୁଲର ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୯ ନଭେମ୍ବର ୧୨ରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ପରିବାରରେ କେହି ନ ଥିବା ବେଳେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ସ୍ଥାନୀୟ ରାମପୁରର ଶିକ୍ଷକ ବସନ୍ତ ଦାସ (୫୯) ଚକୋଲେଟ୍ ଦେବାର ଲୋଭ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ଘରେ ଜଣାଇବା ପରେ ତାଙ୍କ ମା' ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ କରାଯାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ୧୫ ସାକ୍ଷ୍ୟ ଓ ୧୮ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ବାକି ପଡ଼ିଛି ୬ ହଜାର କୋଟି

**୨୦୦୯-୧୦ ଖଣି ଦୁର୍ନୀତି ପ୍ରସଙ୍ଗ**

- ଜରିମାନା ଅର୍ଥ ପୈଠ କରୁନାହାନ୍ତି ଲିଜ୍‌ଧାରୀ
- ଖଣି ପ୍ରଭାବିତ ଅଞ୍ଚଳ ବିକାଶରେ ବାଧା

**ଯୋଡ଼ା, ୧୫।୫(ଡି.ଏନ୍.ଏ.)**

ଓଡ଼ିଶାର ଖଣି ବହୁଳ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଖଣି ଦୁର୍ନୀତିକୁ ନେଇ ୨୦୦୯- ୧୦ରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦୁର୍ନୀତିର ତଦନ୍ତ କରିବା ପାଇଁ ଜଷ୍ଟିସ ଏମ୍.ବି. ଶାହା କମିଶନ ଏବଂ ପରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି (ସିଇସି)ଯାଞ୍ଚକରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ମଣ୍ଡଳରେ ଖଣିଉପରେ ଖଣି ଖନନରେ ଅନିୟମିତତା ଥିବା ହେତୁ କୋର୍ଟ ଜରିମାନା କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଲିଜ୍‌ଧାରୀମାନେ ୬ ହଜାର କୋଟିରୁ ଊର୍ଦ୍ଧ୍ୱ ଜରିମାନା ଟଙ୍କା ପଇଠ କରିନାହାନ୍ତି। ଫଳରେ ଓଡ଼ିଶା ମାଇନିଂ ବିୟରିଂ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଅର୍ଥରେ ହେଉଥିବା ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ବାଧା ଉପୁଜୁଛି।

ଖଣି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସରେ ଅନିୟମିତତା କରିଥିବା ୬୮ ଖଣିକୁ ପ୍ରାୟ ୧୯,୨୯୦ କୋଟି ୮୧ ଲକ୍ଷ ୭୩ ହଜାର ୪୨୩ ଟଙ୍କା କ୍ଷତି ଭରଣା କରିବାକୁ ନିର୍ଦ୍ଦେଶ ହୋଇଥିଲା।



ଯୋଡ଼ା ଖଣି ମଣ୍ଡଳରେ ଥିବା ଏକ ଖଣି।

ସେଥିମଧ୍ୟରୁ ୧୪, ୭୯୩ କୋଟି ୭୧ ଲକ୍ଷ ୮୯ ହଜାର ୭୧୩ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୪୪୯୭ କୋଟି ୦୯ ଲକ୍ଷ ୮୩ ହଜାର ୭୧୦ଟଙ୍କା ବକେୟା ଅର୍ଥ କେତେଜଣ ଖଣି ଲିଜ୍‌ଧାରୀଙ୍କ ପାଖରେ ଅନାଦେୟ ହୋଇରହିଛି। ସେହିପରି ଫରେଷ୍ଟ କଞ୍ଜର୍ଭେଶନ ଆକ୍ଟରେ ୯ ଲିଜ୍‌ଧାରୀ ଖିଲାପକାରୀଙ୍କ ବିରୋଧରେ ପ୍ରାୟ ୧୭୨୬ କୋଟି ୧୦ ଲକ୍ଷ ୯୧ ହଜାର ୯୩୪ ଟଙ୍କା କ୍ଷତି ଭରଣା ପୈଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୧୭୨୫ କୋଟି ୭୭ ଲକ୍ଷ ୩୯ ହଜାର ୫୧୯ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୩୩ ଲକ୍ଷ ୫୨ହଜାର ୪୧୫ଟଙ୍କା ବକେୟା ରହିଛି। ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ ଟୁ ଅପରେଟ ଖିଲାପକାରୀ ୫୭ ଲିଜ୍‌ଧାରୀଙ୍କ ବିରୋଧରେ ପ୍ରାୟ ୨୧୩୯ କୋଟି ୪୯ ଲକ୍ଷ ୮୧ ହଜାର ୧୭୦ ଟଙ୍କା କ୍ଷତି ଭରଣା ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ୮୬୫ କୋଟି ୬୩ ଲକ୍ଷ ୬୦ ହଜାର ୩୮୭ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୧୨୭୩ କୋଟି ୮୬ ଲକ୍ଷ ୨୦ ହଜାର ୭୮୩ ଟଙ୍କା ବକେୟା ରହିଛି।

ପ୍ରକାଶଯୋଗ୍ୟ, ମାଇନିଂ କଞ୍ଜର୍ଭେଶନ ନିୟମର ୨୧(୫)ଧାରା ଅନୁଯାୟୀ, ନିୟମ ଖିଲାପକାରୀଙ୍କ ବିରୋଧରେ ୨୮ ଅଗଷ୍ଟ ୨୦୧୭ରେ କୋର୍ଟ ଜରିମାନା ଧାର୍ଯ୍ୟ କରିଥିଲେ। ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସ, ଫରେଷ୍ଟ କଞ୍ଜର୍ଭେଶନ ନିୟମ, କନ୍‌ସେଣ୍ଟ ଟୁ ଅପରେଟ, ମାଇନିଂ ପ୍ଲାନ୍ ପ୍ରଭୃତିରେ ଖିଲାପକରି ଅନିୟମିତତା କରିଥିବା ହେତୁ ଅନେକ ହଜାର କୋଟି ଟଙ୍କା କ୍ଷତିଭରଣା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷତି ଭରଣା ଅର୍ଥ ଓଏମ୍‌ବିଏଡିସିରେ ଜମାହୋଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ। କ୍ଷତିଭରଣା ଦେବାରେ ଅସମର୍ଥ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଓଡ଼ିଶା ସରକାର ସାର୍ଟିଫିକେଟ କେସ୍ ମଧ୍ୟ ରୁଜୁକରିଛନ୍ତି। ଏହାକୁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି।

## ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ସ୍ୱାମୀ

**ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ ସ୍ତ୍ରୀ**

**କଣ୍ଟାବାଞ୍ଜି, ୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଦାବିରି ଗାଁରେ ଘଟିଛି ଏକ ଦୁଃଖଦ ଘଟଣା। ରବିବାର ରାତିରେ ବେକରେ ରଶିବାନ୍ଧି ସ୍ତ୍ରୀ ଚନ୍ଦ୍ରକଳା (୪୦) ଆତ୍ମହତ୍ୟା କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସ୍ୱାମୀ ଗୋଧନ ମଲ୍ଲିକ(୪୫) ଘରୁ କୁଆଡ଼େ ଚାଲି ଯାଇଥିଲେ। ସୋମବାର ସକାଳେ ଗାଁ ନିକଟ ଏକ କ୍ଷେତରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଛି। ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛି। ପୋଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଗୋଧନ ପୂର୍ବରୁ ବିବାହ କରିଥିଲେ। ହେଲେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଚନ୍ଦ୍ରକଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଚନ୍ଦ୍ରକଳା ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ। ପ୍ରତିଥର ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ମୂଲମଜୁରି ଲାଗି ପେଟ ପୋଷୁଥିବା ଗୋଧନଙ୍କ ପକ୍ଷେ ଚନ୍ଦ୍ରକଳାଙ୍କ ଚିକିତ୍ସା କରାଇବା ସମ୍ଭବ ହେଉ ନ ଥିଲା। ବିଜୁ ସ୍ୱାସ୍ଥ୍ୟକାର୍ଡ ଥିଲେ ବି ସେ ତା'ର ଉପଯୋଗ କରି ପାରି ନ ଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଚନ୍ଦ୍ରକଳା ଶେଷରେ ଚରମ ନିଷ୍ପତ୍ତି ନେଇ ରବିବାର ରାତିରେ ନିଜ ଘରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। କାମ ସାରି ଘରକୁ ଫେରିବା ପରେ ଗୋଧନ ଏକଥା ଶୁଣି ହତବାକ୍ ହୋଇପଡିଥିଲେ। ଚନ୍ଦ୍ରକଳାଙ୍କ ଆତ୍ମହତ୍ୟାରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ନିଜ ମାନସିକ ଭାରସାମ୍ୟ ହରାଇ ଘରକୁ କୁଆଡ଼େ ଚାଲି ଯାଇଥିଲେ। ଶେଷରେ ସେ ବି ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ତ ଗଲା ଆଉ କାହିଁକି ବଞ୍ଚିବି କହି ପୁଅ ଘରୁ କୁଆଡ଼େ ଚାଲିଯାଇଥିଲା ବୋଲି ଗୋଧନଙ୍କ ମା' ଚାଖାଇ ମଲ୍ଲିକ କହିଛନ୍ତି। ସୋମବାର ସକାଳେ ଗାଁ ନିକଟ ପୁରୁଷମ ମଲ୍ଲିକଙ୍କ ଚାଷଜମିରେ ଥିବା ଏକ ଗଛରେ ଗୋଧନଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁରୁଷମଙ୍କ ଏତଲା ଆଧାରରେ କଣ୍ଟାବାଞ୍ଜି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି।



ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଅବସରରେ ସୋମବାର କଳାଭୂମିଠାରେ 'ସଷ୍ଟେନ୍: ଦ କ୍ରାଫ୍ଟ ଇଡିୟମ୍' ପ୍ରଦର୍ଶନୀକୁ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହାର ଲୋଗୋ ଉନ୍ମୋଚନ କରୁଛନ୍ତି।

## ବନ୍ଧୁକ, ଭୁଜାଲିରେ ଆକ୍ରମଣ କରି ଜନସେବା କେନ୍ଦ୍ରରୁ ଲୁଟ

**ମାଲିକ ଗୁରୁତର, ସ୍ତ୍ରୀ ଆହତ**

**ସୁନ୍ଦରଗଡ଼, ୧୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ଓଡ଼ିଶା–ଛତିଶଗଡ଼ ସୀମାନ୍ତବର୍ତ୍ତୀ ହୁର୍ମେଇ ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରରୁ ସୋମବାର ପୂର୍ବାହ୍ନରେ ଲୁଟ ହୋଇଛି। ୩ଜଣ ଦୁର୍ବୃତ୍ତ ଫଟୋ ଉଠାଇବା ବାହାନାରେ ଆସି ଜନସେବା କେନ୍ଦ୍ର ମାଲିକଙ୍କୁ ବନ୍ଧୁକ ଓ ଭୁଜାଲିରେ ଆକ୍ରମଣ କରି ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜନସେବା କେନ୍ଦ୍ର ମାଲିକ ବସନ୍ତ ବାଡ଼ା (୨୮) ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ କିଞ୍ଜିରିକେଲା ଥାନା ଆଇଆଇସି ଜଗଦୀଶ ବାଡ଼ା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ଏକ ଖୋକା ଜବତ କରିଛି। ଏହି ଘଟଣା ପଛର କାରଣ କ'ଣ ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।

ଜନସେବା କେନ୍ଦ୍ର ମାଲିକ ବସନ୍ତ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ପୂର୍ବାହ୍ନ ସାଢେ ୧୧ଟାରେ ବାଇକ୍‌ରେ ୩ଜଣ ଯୁବକ ଆସି ତାଙ୍କୁ ଫଟୋ ଉଠାଇବାକୁ କହିଥିଲେ। ଜଣଙ୍କ ଫଟୋ ଉଠାଇ ସାରିଲା ପରେ ସେମାନଙ୍କ ମଧ୍ୟରୁ ଅନ୍ୟ ଜଣେ ହଠାତ ଏକ ରିଭଲଭର୍ ଦେଖାଇ ଟଙ୍କା ଦେବାକୁ କହି ତାଙ୍କ ଉପରକୁ ଗୁଳି ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପାଟି ଶୁଣି ବସନ୍ତଙ୍କ ସ୍ତ୍ରୀ ଦୁର୍ବୃତ୍ତଙ୍କ ହାତକୁ ଉପରକୁ କରି ଦେବାରୁ ୨ରାଉଣ୍ଡ ଗୁଳି ବସନ୍ତଙ୍କ ଦେହରେ ବାଜି ନ ଥିଲା। ଏହା ପରେ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ହାତ, ପିଠିକୁ ହାଣିଥିଲେ। ବସନ୍ତ ନିଜକୁ ବଞ୍ଚାଇବା ପାଇଁ ଜଣକୁ ପଥରରେ ଛେଚିବା ପରେ ସେମାନେ ସେଠାରୁ ଟଙ୍କା ଓ ତାଙ୍କ ମୋବାଇଲ ଫୋନ ଧରି ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଛତିଶଗଡ଼ି ଭାଷାରେ କଥା ହେଉଥିଲେ। ଜନସେବା କେନ୍ଦ୍ରରୁ ଟଙ୍କା ଲୁଟ ଉଦ୍ଦେଶ୍ୟରେ ସେମାନେ ଆସିଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଗୁରୁତର ହୋଇଥିବା ଜନସେବା କେନ୍ଦ୍ରର ମାଲିକ। ଜବତ ଖୋକା(ଇନ୍ ସେଟ୍)।

## ଦିବାକର ମହାନ୍ତି, ନନ୍ଦକିଶୋର ସିଂହ ପାଇବେ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ ଅଫିସ, ୧୫।୫**

ସଙ୍ଗୀତଜ୍ଞ ଦିବାକର ମହାନ୍ତି ଓ ଗୀତିକାର ନନ୍ଦକିଶୋର ସିଂହ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୨୩ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ୨୫ ତାରିଖରେ କଟକ ଶତାବ୍ଦୀଭବନରେ ପାଳନ କରାଯିବ। ଉକ୍ତ ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ସଙ୍ଗୀତଜ୍ଞ ମହାନ୍ତି ଓ ଗୀତିକାର ସିଂହଙ୍କୁ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସଙ୍ଗୀତଜ୍ଞ ମହାନ୍ତି ୧୯୭୧ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଛନ୍ତି। ତାଙ୍କ କଣ୍ଠରୁ 'ବନ୍ଦଶ୍ରୀ ବଳଦେବ ରୋହିଣୀ ନନ୍ଦନ...', 'ବଡ଼ଦାଣ୍ଡେ ଚାଲେ ତୁମ ନନ୍ଦିଘୋଷ ରଥ...' ପ୍ରଭୃତି ଗୀତ ଲୋକପ୍ରିୟ ହୋଇପାରିଛି। ସେହିପରି ଗୀତିକାର ସିଂହ ୧୯୬୩ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ତାଙ୍କ ଲିଖିତ ଓ ଭିକାରୀ ବଳଙ୍କ କଣ୍ଠରେ ଗାୟନ କରାଯାଇଥିବା ଆଧୁନିକ ଗୀତ 'ବସନ୍ତ ଲେଖିଛି ଚିଠି ଗୋଲାପି ଗୋଲାପି...', 'ସଜ ସକାଳର ଶେଫାଳି ଗୋତୁମେ ରାତ୍ରିର ରଜନୀଗନ୍ଧା...' ପ୍ରଭୃତି ବେଶ୍ ଆଦୃତି ଲାଭ କରିଛି। ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବରେ ଉଭୟଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯିବ ବୋଲି ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।



ଦିବାକର ମହାନ୍ତି



ନନ୍ଦକିଶୋର ସିଂହ

## ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ପରଲୋକ

**ଶୋକବ୍ୟକ୍ତ କଲେ ସଂସ୍କୃତି ମନ୍ତ୍ରୀ**

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

ଧର୍ମପଦ ପୁରସ୍କାରପ୍ରାପ୍ତ ଡିଜାଇନର ତଥା ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ସୋମବାର ଅପରାହ୍ନ ୩ଟା ୫୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଲିଭର ରୋଗରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ମେ' ୧ରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଲଲାଟ ମୋହନ ୧୯୪୮ ଏପ୍ରିଲ ୩ରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନେ ଚିତା, ମୁରୁଜ ଦେଖି ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ବୁଣାକାରମାନଙ୍କୁ ନୂତନ ପଦ୍ଧତି, ନୂଆ ରଙ୍ଗ, ନୂଆ ନକ୍ସାର ପ୍ରୟୋଗ ମାଧ୍ୟମରେ ହସ୍ତଶିଳ୍ପର ଉନ୍ନତୀକରଣ ସହ ଆଧୁନିକ କୌଶଳ ପ୍ରୟୋଗର ମାର୍ଗଦର୍ଶନ କରାଇଥିଲେ। ନିଜର ସୃଜନଶୀଳ କଳାର ସାଧନା ପାଇଁ ୨୦୨୧ରେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ସେ ୧୯୭୫ରେ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର, ୨୦୧୯ରେ ଇଲାପଣ୍ଡା ଚିତ୍ରକଳା ସମ୍ମାନ ଓ ଶାରଳା ସମ୍ମାନ, ୨୦୧୮ରେ ବୟନ ବିଭବ ସମ୍ମାନ ପାଇଥିଲେ।



ମୃତ୍ୟୁ ସମୟରେ ତାଙ୍କ ଧର୍ମପତ୍ନୀ ନମିତା ପଟ୍ଟନାୟକ, ୨ ଝିଅ ଲୋପାମୁଦ୍ରା ଓ ଲୋରା ପଟ୍ଟନାୟକ, ପୁଅ ଲୋକେଶ ପଟ୍ଟନାୟକ ଏବଂ ବୋହୂ ସ୍ୱର୍ଣ୍ଣା ପଟ୍ଟନାୟକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଓଡ଼ିଶା ଲଳିତ କଳା ଏକାଡେମୀ ପରିସରକୁ ଅଣାଯାଇଥିଲା। ସେଠାରେ ଏକାଡେମୀ ସଚିବ ପଞ୍ଚାନନ ସାମଲ, ଡା. ଅଲେଖ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଦାସ, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ବହୁ ଶିଳ୍ପୀ, ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ତାଙ୍କ ପରଲୋକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶାର ଚିତ୍ରକଳା କ୍ଷେତ୍ରରେ ଧର୍ମପଦ ପୁରସ୍କାରପ୍ରାପ୍ତ ତଥା ଚିତ୍ରକର ଲଲାଟ ମୋହନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। କଳାକ୍ଷେତ୍ରରେ ତାଙ୍କର ଯଶକୀର୍ତ୍ତି ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହେବା ସହ ସେ ସର୍ବଦା ଶିଳ୍ପୀକୁଳର ପ୍ରେରଣାର ପ୍ରତୀକ ଓ ଉତ୍ସହର ଉତ୍ସ ହୋଇ ରହିବେ ବୋଲି ମନ୍ତ୍ରୀ କହିଛନ୍ତି।

## ମାଓବାଦୀଙ୍କ ବନ୍ଦ ଡାକରା

- ଖଞ୍ଜିଥିଲେ ଡିଟୋନେଟର
- ଗଛ ପକାଇ ରାସ୍ତା ଅବରୋଧ

**ଭବାନୀପାଟଣା, ୧୫।୫(ସ୍ୱ.ପ୍ର.)**

୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ମାଓବାଦୀ ବନ୍ଦ ଡ଼ାକରା ଦେଇଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ସିର୍ଲିଗୁଡା ଓ କିଟପଦର ନୀଳଗିରି ବଗିଚା ନିକଟରେ ମାଓବାଦୀମାନେ ଡିଟୋନେଟର ଲଗାଇବା ସହ ରାସ୍ତାରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଏଥିସହ ବ୍ୟାନର ଓ ପୋଷ୍ଟର ମାରି ସରକାରଙ୍କୁ ବିଭିନ୍ନ ଦାବି ପୂରଣ ନେଇ ଧମକ ଦେଇଛନ୍ତି। ଏହା ପରେ ପୋଲିସ ଓ ବମ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ଡିଟୋନେଟର ଅକାମୀ କରିବା ସହ ରାସ୍ତାରେ ପଡିଥିବା ଗଛକୁ ହଟାଇଥିଲେ। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ମାଓବାଦୀ କମାଣ୍ଡର ଲଳିତଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାର ପ୍ରତିବାଦ କରିଛି ସିପିଆଇ ମାଓବାଦୀ ସଙ୍ଗଠନ। ଦୃଢ଼ ଜବାବ ଦେବାକୁ ମାଓବାଦୀ ସଙ୍ଗଠନ ଏକ ଅଡିଓ ଟେପ୍ ଜାରି କରି ୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ବନ୍ଦ ଡାକରା ଦିଆଯାଇଥିଲା। ଗତ କିଛି ଦିନ ତଳେ ସିପିଆଇ ମାଓବାଦୀ ପ୍ରବକ୍ତା ଚକରା ବିଶୋଇଙ୍କ ଏକ ଅଡିଓ ବାର୍ତ୍ତା ଆସିଥିଲା।

## ଗଛକାଟି ରାସ୍ତା ଅବରୋଧ କଲେ ମାଓବାଦୀ

**ବନ୍ଦ ସମର୍ଥନ କରିବାକୁ ବ୍ୟାନର, ପୋଷ୍ଟର**

**ରାୟଗଡ଼ା/ଚନ୍ଦ୍ରପୁର, ୧୫।୫(ସ୍ୱ.ପ୍ର./ଡି.ଏନ.ଏ.)**

ମାଓବାଦୀ ସଙ୍ଗଠନ ପକ୍ଷରୁ ୧୨ ଦଫା ଦାବି ନେଇ ମେ ୧୫ରେ ଓଡ଼ିଶାର ୭ ଜିଲାରେ ବନ୍ଦ ପାଳନ କରିବାକୁ କିଛିଦିନ ତଳେ ଅଡିଓ ଟେପ୍ ଜାରି କରାଯାଇଥିଲା। ଏହି କ୍ରମରେ ସୋମବାର ମାଓବାଦୀ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିବା ସହ ଦାବି ପୂରଣ ପାଇଁ ପୋଷ୍ଟର, ବ୍ୟାନର ମାରିଛନ୍ତି।

ମାଓବାଦୀ ସଙ୍ଗଠନର ପ୍ରବକ୍ତା ଚକରା ବିଷୋୟୀ ରାଜ୍ୟର ୭ ଜିଲା ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଗଜପତି ଓ ନୟାଗଡ଼ରେ ୨୪ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ଏହି କ୍ରମରେ ରାୟଗଡ଼ା ଜିଲାରେ ମାଓବାଦୀଙ୍କ ତରଫରୁ ଗଛକାଟି ରାସ୍ତା ଅବରୋଧ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଜିଲାର ଦୁର୍ଗମ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ ପୂର୍ବରୁ ମାଓବାଦୀଙ୍କ ଆଜ୍ଞା ପାଳିଥିଲା। ତେବେ ଦୀର୍ଘଦିନର ବ୍ୟବଧାନ ପରେ ପୁଣି ସେଠାରେ ମାଓବାଦୀ ସକ୍ରିୟ ହୋଇଛନ୍ତି। କନ୍ଧମାଳ, ଗଜପତି ଓ ରାୟଗଡା ଜିଲାର ଏହା କେନ୍ଦ୍ରସ୍ଥଳ ହୋଇଥିବାରୁ ଘଞ୍ଚ ଜଙ୍ଗଲରେ ସେମାନେ ଆଶ୍ରୟ ନେଉଛନ୍ତି। ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ପଙ୍କାଲଗୁଡି ନିକଟରେ ଗଛକାଟି ରାସ୍ତା ଅବରୋଧ କରାଯାଇଥିଲା। ସେଠାରେ ମଧ୍ୟ ବ୍ୟାନର ଓ ପୋଷ୍ଟର ଲାଗିଥିଲା। ରାସ୍ତା ଅବରୋଧ ଯୋଗୁ ଚନ୍ଦ୍ରପୁର ଓ ମୁନିଗୁଡା ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ଖବରପାଇ ସିଆର୍‌ପିଏଫ୍ ଯବାନ ପହଞ୍ଚି ଗଛକୁ ହଟାଇବା ସହ ବ୍ୟାନର ଓ ପୋଷ୍ଟର ଜବତ କରିଥିଲେ। ମାଓବାଦୀଙ୍କ ବନ୍ଦ ପାଳନ ଯୋଗୁ ଜିଲାରେ ସରକାରୀ ବସ୍ ଚଳାଚଳ ବନ୍ଦ ଥିଲା। ସେହିଭଳି କେତେକ ଅଞ୍ଚଳକୁ ଘରୋଇ ବସ୍ ମଧ୍ୟ ଚଳାଚଳ କରି ନ ଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ଜିଲାର ବିଭିନ୍ନ ସ୍ଥାନରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଯବାନଙ୍କ ତରଫରୁ କଡ଼ା ଚେକିଂ କରାଯାଇଛି। ସୂଚନାଯୋଗ୍ୟ, ମାଓବାଦୀଙ୍କ ବ୍ୟାନରରେ ଉଲ୍ଲେଖ ଥିବା ଦାବି ମଧ୍ୟରେ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଓ ମେଡିକାଲ ପ୍ରତିଷ୍ଠା, ବାର୍ଦ୍ଧକ୍ୟ, ବେକାରି ଓ ଗରିବମାନଙ୍କ ପାଇଁ ମାସିକ ୩ ହଜାର ଟଙ୍କା ଷ୍ଟାଇପେଣ୍ଡ ବ୍ୟବସ୍ଥା କରିବା, ଆଦିବାସୀ ଅଞ୍ଚଳରେ ପେସା ଆଇନ ଲାଗୁ କରିବା ସହ ପ୍ରତି ପରିବାରକୁ ୧୫ ଏକର ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକଙ୍କ ଦାବି ଗ୍ରହଣ, ବିସ୍ଥାପନ ବନ୍ଦ କରି ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର ଦେବା ଆଦି ରହିଛି।





ମାଓବାଦୀମାନେ ରାସ୍ତା ଅବରୋଧ କରି ବ୍ୟାନର ଲଗାଇଛନ୍ତି।



ହାଇଦ୍ରାବାଦର ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରଠାରେ 'ଇଣ୍ଡୋମାକ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ମେଶିନାରି ଏକ୍ସପୋ-୨୦୨୩' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାପାରିଆ ଟୁଲ୍ସର ଏକ ସ୍ୱତନ୍ତ୍ର ଷ୍ଟଲ୍ ସହ ବ୍ରାଣ୍ଡର ସମସ୍ତ ଯନ୍ତ୍ରପାତି ଓ ଉତ୍ପାଦ ପ୍ରଦର୍ଶିତ ହୋଇଛି।

## ଆଇପିଓ ଜରିଆରେ ୬୨୫ କୋଟି ହାସଲ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୫।୫**

ଫିନ୍‌କେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଅଣାଯିବ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ମଧ୍ୟ ଆଇପିଓ ସଂକ୍ରାନ୍ତୀୟ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଏଚ୍‌ଆର୍‌ପି) ଦାଖଲ କରାଯାଇଛି। ବିଶେଷ କରି ଇକ୍ୱିଟି ସେୟାର ଜାରି କରି ବ୍ୟାଙ୍କ୍ ଆଇପିଓ ଜରିଆରେ ୬୨୫ କୋଟି ଟଙ୍କା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଅଫର୍ ଫର୍ ସେଲ୍ ଜରିଆରେ ବ୍ୟାଙ୍କ ତା'ର ପ୍ରତିଷ୍ଠାତା ଓ ନିବେଶକମାନଙ୍କ ୧୭,୦୦୦,୦୦୦ ଇକ୍ୱିଟି ସେୟାର ଉପଲବ୍ଧ କରିବ। ଏଥିରୁ ଯେଉଁ ପାଣ୍ଠି ମିଳିବ ତାହାକୁ ବ୍ୟାଙ୍କ୍‌ର ଭବିଷ୍ୟତ ପୁଞ୍ଜି ଆବଶ୍ୟକତା ପୂରଣ କରିବା ସହ ବ୍ୟାଙ୍କର ଟାୟାର-୧ ପୁଞ୍ଜିରେ ଉନ୍ନତି ଆଣିବା ଦିଗରେ ବ୍ୟବହାର କରାଯିବ।

## ହୋଣ୍ଡା ସାଇନ୍ ୧୦୦ ସିସିର ଡେଲିଭରି

**ନୂଆଦିଲ୍ଲୀ,୧୫।୫**



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ହୋଣ୍ଡା ସାଇନ୍ ୧୦୦ ସିସିର ଗ୍ରାହକ ଡେଲିଭରି କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କର୍ନାଟକର ନର୍ସାପୁରାଠାରେ ଥିବା କମ୍ପାନୀର ୩ୟ କାରଖାନାରୁ ହୋଣ୍ଡା ସାଇନ୍ ୧୦୦ ସିସିର ପ୍ରେରଣ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି, ବରିଷ୍ଠ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ) ବିଜୟ ଧିଙ୍ଗରା, ନିର୍ଦ୍ଦେଶକ (ଉତ୍ପାଦନ) ନବୀନ ଅୱଲ ଓ ଏଚ୍‌ଏମ୍‌ଏସ୍‌ଆଇର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ୨୦୨୩ ମାର୍ଚ୍ଚରେ କମ୍ପାନୀ ପକ୍ଷରୁ ଓବିଡି-୨ ନିୟମ ପାଳନ କରୁଥିବା ୧୦୦ ସିସି ହୋଣ୍ଡା ସାଇନ୍‌କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଇଏସ୍‌ପି ଇଞ୍ଜିନର ଶକ୍ତି ଏବଂ ୧୨ ନୂଆ ପେଟେଣ୍ଟ୍‌କୁ ବ୍ୟବହାର କରିଛି।

## ଓରିଏଣ୍ଟ ଇଲେକ୍‌ଟ୍ରିକ୍‌ର ନୂତନ ଉତ୍ପାଦ ଉନ୍ମୋଚିତ



**ନୂଆଦିଲ୍ଲୀ,୧୫।୫**

ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ବିଏଲ୍‌ଡିସି ଟେକ୍ନୋଲୋଜିରେ ନିର୍ମିତ ଫ୍ୟାନ୍‌ଗୁଡ଼ିକର ଏକ ବ୍ୟାପକ ରେଞ୍ଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସାଧାରଣ ଫ୍ୟାନ୍ ତୁଳନାରେ ଓରିଏଣ୍ଟର ୫-ଷ୍ଟାର୍ ରେଟେଡ୍ ବିଏଲ୍‌ଡିସି ଫ୍ୟାନ୍ ୫୦% ପର୍ଯ୍ୟନ୍ତ କମ୍ ଶକ୍ତି ବ୍ୟବହାର କରିଥାଏ।

ଏ ସମ୍ପର୍କରେ ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜନ ଗୁପ୍ତା କହିଛନ୍ତି, ଭାରତୀୟ ଉପଭୋକ୍ତାଙ୍କ ପାଇଁ ଶକ୍ତି ଦକ୍ଷ ଓ ସୁଲଭ ମୂଲ୍ୟର ସମାଧାନ ଆଣିବା ଲାଗି ବିଇଇ, ଇଇଏସ୍‌ଏଲ୍ ଭଳି ଅନୁଷ୍ଠାନଗୁଡ଼ିକ ସହ ମିଶି କାର୍ଯ୍ୟ କରୁଛୁ। ଆମର ବିସ୍ତୃତ ରେଞ୍ଜର ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକ ଉକ୍ତ ଦିଗରେ ଏକ ପଦକ୍ଷେପ ଏବଂ ଆମେ ବିଶ୍ୱାସ କରୁଛୁ ଯେ ଉପଭୋକ୍ତାମାନେ ଏହି ଫ୍ୟାନ୍‌ରୁ ପାଇବାକୁ ଥିବା ମୂଲ୍ୟକୁ ପ୍ରଶଂସା କରିବେ।

## ଏପ୍ରିଲରେ ୧୨,୫୯୦ ୟୁନିଟ୍ ଟ୍ରାକ୍ଟର ବିକ୍ରି

**ନୂଆଦିଲ୍ଲୀ,୧୫।୪**

ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭରୁ ନୂତନ ରକର୍ଡ ସହ ପୂର୍ବ ବର୍ଷର ସମାନ ବିକ୍ରୟ ଧାରା ବଜାୟ ରଖିଛି। ଏପରିକି ୨୦୨୩ ଏପ୍ରିଲରେ ସୋନାଲିକା ମୋଟ ୧୨,୫୯୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି, ଯାହା କୃଷକ ସମୁଦାୟ ମଧ୍ୟରେ ବ୍ରାଣ୍ଡର ଦ୍ରୁତ ବେଗରେ ବଢୁଥିବା ପସନ୍ଦକୁ ସୂଚିତ କରୁଛି। ଏହି ଅସାଧାରଣ ପ୍ରଦର୍ଶନ ଯୋଗୁ କମ୍ପାନୀ ଟ୍ରାକ୍ଟର ଶିଳ୍ପରେ ୧.୯%ର ବଜାର ଅଂଶ ହାସଲ କରିଛି। ବିଶେଷ କରି କୃଷକଙ୍କ ଚାହିଦାକୁ ଗୁରୁତ୍ୱ ଦେବା ଏବଂ ସେହି ଅନୁଯାୟୀ ଅତ୍ୟାଧୁନିକ ଟେକ୍ନୋଲୋଜିର ନିରନ୍ତର ବିକାଶ କରିବା ପ୍ରତି ସୋନାଲିକାର ଆଭିମୁଖ୍ୟ ଏବଂ କମ୍ପାନୀର ଅଭିବୃଦ୍ଧିକୁ ବିସ୍ତାର କରୁଛି। ସେହିଭଳି ଗବେଷଣା ଓ ଉଦ୍ଭାବନ ପ୍ରକ୍ରିୟା ସମେତ କୃଷକଙ୍କ ସହ ତୃଣମୂଳ ସ୍ତରରେ ସଂଯୋଜିତ ହେବା ଉପରେ କମ୍ପାନୀର ଉଦ୍ଦେଶ୍ୟମୂଳକ ଧ୍ୟାନ ଏହାକୁ ବେଶ ଶକ୍ତିଶାଳୀ ଇଞ୍ଜିନ୍ ସହ ବିସ୍ତୃତ ରେଞ୍ଜର



ଟ୍ରାକ୍ଟର, ଇଣ୍ଟେଲିଜେଣ୍ଟ ଟ୍ରାନ୍ସମିଶନ ଓ ହାଇଡ୍ରାଓଲିକ୍ସଗୁଡ଼ିକୁ ଡିଜାଇନ୍ କରିବାକୁ ସକ୍ଷମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୨୩ ଏପ୍ରିଲରେ ଆମେ ୧୨,୫୯୦ଟି ଟ୍ରାକ୍ଟର ବିକ୍ରି କରିଛୁ। ଏପରିକି ଏକ ଉତ୍ସାହଜନକ ଆରମ୍ଭ ସହିତ ନୂଆ ଆର୍ଥିକ ବର୍ଷରେ ପ୍ରବେଶ କରିଛୁ। ଫଳରେ ଆମର ମଜଭୁତ ମୂଳଦୁଆ ସହ ଉନ୍ନତ ପ୍ରକ୍ରିୟା ଓ ଉତ୍ପାଦ ପୋର୍ଟଫୋଲିଓ ମାଧ୍ୟମରେ ଅଧିକ ଲାଭ ହାସଲ କରିବାର ଅନୁଭବ ଆନନ୍ଦଦାୟକ ହୋଇପାରିଛି। ସେହିଭଳି ଆମେ ୧.୯%ର ସର୍ବୋଚ୍ଚ ବଜାର ଅଂଶ ସହ ନୂଆ ଆର୍ଥିକ ବର୍ଷକୁ ଟାର୍ଗେଟ କରିବା ଏବଂ ଉତ୍କର୍ଷତାରୁ ଆଗକୁ ବଢିବା ଲାଗି ଏକ ପ୍ରାରମ୍ଭିକ ପଦକ୍ଷେପ ଭାବେ ବେଗ ଧାର୍ଯ୍ୟ କରୁଛୁ। ଉଲ୍ଲେଖଯୋଗ୍ୟ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷରେ କୃଷକଙ୍କୁ ଖୁସି କରିବା ପାଇଁ ଉତ୍କୃଷ୍ଟମାନର ଉତ୍ପାଦ ଓ ସେବା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି।

## ଗୋଷ୍ଠୀ ବିକାଶକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୧୫।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ବେଦାନ୍ତ ଗ୍ରୁପର ସହଯୋଗୀ କମ୍ପାନୀ ବେଦାନ୍ତ ସେସାଗୋଆର ଆଇରନ ଓର ଓଡ଼ିଶା ପକ୍ଷରୁ ପ୍ରୋଜେକ୍ଟ ନିର୍ମଳ ମାଧ୍ୟମରେ ସୁନ୍ଦରଗଡ ଜିଲା ନାଡିଡିହି ଅଞ୍ଚଳର ୩ଟି ବିଦ୍ୟାଳୟ ଏବଂ ତିନୋଟି ଅଙ୍ଗନୱାଡି କେନ୍ଦ୍ରକୁ ଆରଓ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ସାମଗ୍ରୀ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବେଦାନ୍ତ ଲିମିଟେଡର ଆଇରନ ଓର ଓଡିଶା ସିଇଓ ଜୋସେଫ କୋଏଲହୋ ଏବଂ ଆଇରନ ଓର ଓଡିଶାର ସିଏସଆର ମୁଖ୍ୟ ପ୍ରିୟଦର୍ଶିନୀ ମାଥ୍ୟୁଙ୍କ ଉପସ୍ଥିତିରେ ଆରଓ ୱାଟର ପ୍ୟୁରିଫାୟରକୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀର ଏଭଳି ପଦକ୍ଷେପକୁ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଏବଂ ବିଦ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ବେଦାନ୍ତ ସେସାଗୋଆ)ର ଆଇରନ ଓର ଓଡ଼ିଶା ସିଇଓ ଜୋସେଫ କୋଏଲହୋ କହିଥିଲେ, ଆମେ ଆମର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛୁ। ଏପରିକି ଆମ ଚାରିପାଖ ଗୋଷ୍ଠୀଙ୍କର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ। ବିଶେଷ କରି ସ୍ୱାସ୍ଥ୍ୟ ଏବଂ ଗୋଷ୍ଠୀର ବିକାଶ କାର୍ଯ୍ୟକ୍ରମ ଆମର ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ଏହି ପଦକ୍ଷେପ ଆମ ପ୍ଲାଣ୍ଟ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସୁବିଧା ସୁଦୃଢ଼ କରିବା ଆମର ପ୍ରୟାସରେ ଏକ ପଦକ୍ଷେପ। ସୂଚନାଯୋଗ୍ୟ, ବେଦାନ୍ତ ରିସୋର୍ସ ଲିମିଟେଡର ସହାୟକ କମ୍ପାନୀ ବେଦାନ୍ତ ଲିମିଟେଡ ହେଉଛି ବିଶ୍ୱର ଅଗ୍ରଣୀ ତୈଳ ଏବଂ ଗ୍ୟାସ ଓ ଧାତୁ କମ୍ପାନୀ, ଯାହାକି ତୈଳ ଏବଂ ଗ୍ୟାସ, ଜିଙ୍କ, ଲେଡ୍, ରୁପା, ତମ୍ବା, ଲୁହାପଥର, ଇସ୍ପାତ, ଏବଂ ଆଲୁମିନିୟମ ତଥା ପାୱାର ଆଦି କ୍ଷେତ୍ରରେ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ନାମିବିଆରେ କାର୍ଯ୍ୟ ଜାରି ରଖିଛି।

# ଫୁରସତ୍



## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

**ମୁମ୍ବାଇ:** ବିଶ୍ୱର ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ ଭାବେ ପରିଚିତ କାନ୍ସ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ ମେ' ୧୬ରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ବହୁ ନାମୀଦାମୀ କଳାକାର ଯୋଗଦେବେ। ପୂର୍ବରୁ ଏହି କାନ୍ସର ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଦୀପିକା ପାଦୁକୋନ ସାମିଲହୋଇ ବଲିଉଡ୍‌କୁ ଗୌରବାନ୍ୱିତ କରିଛନ୍ତି। ତେବେ ଏଥର ଏହି ତାଲିକାରେ ଅନୁଷ୍କା ଶର୍ମା, ମାନୁଷୀ ଛିଲ୍ଲର, ବିଜୟ ବର୍ମା, ଆଦିତି ରାଓ ହାଇଦରି, ସୋନମ କେ, ଅନୁରାଗ କଶ୍ୟପ ଯୋଡି ହୋଇଛନ୍ତି। ଅନୁଷ୍କା ପ୍ରଥମ ଥର ପାଇଁ କାନ୍ସ ଫେଷ୍ଟିଭାଲରେ ଯୋଗଦେବାକୁ ଯାଉଛନ୍ତି। ଏଥିରେ ମହିଳା ଏବଂ ପୁରୁଷଙ୍କ ଡ୍ରେସ୍ କୋଡ୍ ସ୍ଥିର କରାଯାଇଛି। ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ପଡେ। ମହିଳାଙ୍କ ପାଇଁ କକ୍‌ଟେଲ ପୋଷାକ ବ୍ଲାକ୍ ଟପ୍, ବ୍ଲାକ୍ ଟ୍ରାଉଜର ଏବଂ ଡାର୍କ ଟ୍ରାଉଜର କିମ୍ବା ଅନ୍ୟ ଫର୍ମାଲ ପୋଷାକ ବିକଳ୍ପ ରହିଛି। ପୁରୁଷଙ୍କ ପାଇଁ ଡିନର ଜ୍ୟାକେଟ କିମ୍ବା ସୁଟ୍ ସହ ଏଲିଗାଣ୍ଟ ସୁଜ୍ ପିନ୍ଧିବାକୁ ନିୟମ ହୋଇଛି। ସେଲିବ୍ରିଟିଙ୍କ ବ୍ୟତୀତ ଖବରଦାତା ଏବଂ ଚଳଚ୍ଚିତ୍ର ସମାଲୋଚକମାନେ ମଧ୍ୟ ଏହି ଉତ୍ସବରେ ଯୋଗଦେଇପାରିବେ। ଅନୁଷ୍କା ଏ ପର୍ଯ୍ୟନ୍ତ ଅନେକ ହିଟ୍ ମୁଭି ଦର୍ଶକଙ୍କୁ ଭେଟି ଦେଇଥିବାବେଳେ ଶେଷ ଥର ପାଇଁ ତାଙ୍କୁ 'ଚକ୍‌ଦା ଏକ୍ସପ୍ରେସ୍'ରେ ଦେଖିବାକୁ ମିଳିଥିଲା।

## କୋଲ୍ଡ ଡ୍ରିଙ୍କ୍ସ ପିଇ ୧୭ ବର୍ଷ

**ତେହରାନ:** କୁହାଯାଏ କି କୋଲ୍ଡ ଡ୍ରିଙ୍କ୍ସ ଅଧିକ ମାତ୍ରାରେ ପିଇବା କଥା ନୁହେଁ। ତାହା ଆମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ। ହେଲେ ଲୋକେ ତାଙ୍କୁ ବେଶ୍ ପସନ୍ଦ କରିଥାନ୍ତି। କିନ୍ତୁ କେହି କ'ଣ ତାକୁ ଦୈନନ୍ଦିନ ପିଇବାକୁ ପସନ୍ଦ କରିବେ? ତେବେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଦୀର୍ଘ ୧୭ ବର୍ଷ ହେବ କେବଳ କୋଲ୍ଡ ଡ୍ରିଙ୍କ୍ସ୍ ପିଉଛନ୍ତି। ତାଙ୍କର କୌଣସି ରୋଗ ମଧ୍ୟ ନାହିଁ। ଇରାନର ବାସିନ୍ଦା ଘୋଲମରେଜା ଆର୍ଡେସିରି ଏପରି କିଛି କରୁଛନ୍ତି। ତାଙ୍କ କହିବା କଥା, ସେ ୧୭ ବର୍ଷ ହେବ ଭାତ ଖାଇନାହାନ୍ତି। ସେ ପୂରା ଦିନ ପେପ୍‌ସି ଏବଂ ସେଭେନ୍ ଅପ୍ ପିଇ ବିତାଇ ଦିଅନ୍ତି। ଏଥିପାଇଁ ସେ ସୁସ୍ଥ ଜୀବନ ବଞ୍ଚିଥିବା କହିଛନ୍ତି। ସେ ଶେଷ ଥର ପାଇଁ ୨୦୦୬ରେ ଭାତ ଖାଇଥିଲେ। ହେଲେ ଖାଇବା ପ୍ରତି ତାଙ୍କର ସେପରି କିଛି ଇଚ୍ଛା ନ ଥିଲା, ସେଥିପାଇଁ ସେ ଖାଦ୍ୟ ବଦଳରେ କୋଲ୍ଡ ଡ୍ରିଙ୍କ୍ସ୍ ପିଇବା ଆରମ୍ଭ କଲେ। ଘୋଲମରେଜା ତାଙ୍କର ଏପରି ଜୀବନଶୈଳୀକୁ ଲୋକଙ୍କ ସହ ଶେୟାର କରିଛନ୍ତି। ସେ କହିଛନ୍ତି, କେବଳ କୋଲ୍ଡ ଡ୍ରିଙ୍କ୍ସ୍ ପିଇ ସେ ସୁସ୍ଥ ଅଛନ୍ତି। ଯଦି ସେ ଖାଦ୍ୟ ଖାଉଛନ୍ତି ତେବେ ତାଙ୍କର ବାନ୍ତି ହୋଇଯାଏ। ସେ କୌଣସି ପ୍ରକାର ଖାଦ୍ୟ ଖାଇଲେ ତାଙ୍କୁ ଲାଗେ ଯେପରି ତାଙ୍କ ପେଟରେ ଏକ ତ୍ରୁଟି ପଶିଯାଇଛି। ସେ ଏଥିପାଇଁ ଡାକ୍ତରଙ୍କୁ ମଧ୍ୟ ଦେଖାଇଛନ୍ତି। ଏହା ତାଙ୍କର ମନର ଭ୍ରମ ବୋଲି ଡାକ୍ତର କହି ଅନ୍ୟ ଡାକ୍ତରଙ୍କୁ ଦେଖାଇବାକୁ କହିଥାନ୍ତି। ଅନେକ ଥର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ମଧ୍ୟ ତାଙ୍କର କିଛି ରୋଗ ନ ଥିବା ଡାକ୍ତର କହିଛନ୍ତି।



## ସେଫଙ୍କ ୧ ଲକ୍ଷ ୬୦ ହଜାର ଟଙ୍କାର ପିଜା




**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ସମସ୍ତେ ପିଜା ଖାଇବାକୁ ବେଶ୍ ପସନ୍ଦ କରନ୍ତି, ଯାହା ଆମକୁ ୧୦୦ରୁ ଆରମ୍ଭ କରି ୧୦୦୦ ଟଙ୍କା ଭିତରେ ମିଳିଯାଏ। ହେଲେ ଏଠାରେ ଜଣେ ସେଲିବ୍ରିଟି ସେଫ୍ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ପିଜା ପ୍ରସ୍ତୁତ କରିଛନ୍ତି। ବ୍ରୋକି ବେବସ୍କି ନାମକ ଜଣେ ସେଫ୍ ଜଣେ ସେଲିବ୍ରିଟିଙ୍କ ପାଇଁ ପିଜା ପ୍ରସ୍ତୁତକରି ତାହାର ଭିଡିଓ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଚାଲ ଜଣେ ସେଲିବ୍ରିଟିଙ୍କ ପାଇଁ ୨୦୦୦ ଡଲାର ଅର୍ଥାତ୍ ୧ଲକ୍ଷ ୬୪ ହଜାର ଟଙ୍କାର ପିଜା ବନେଇବା। ସେଥିପାଇଁ ସେ ବଜାରରୁ ମସ୍‌ରୁମ୍ ପାଉଡର, ବିନା ଗ୍ଲୁଟନ ଯୁକ୍ତ ଅଟା, ବାଦାମ ଏବଂ ଅନ୍ୟ କିଛି ଜିନିଷ କିଣିଲେ। ତା' ପରେ ସେ ପିଜା ପ୍ରସ୍ତୁତ ସମ୍ପୂର୍ଣ୍ଣ ପ୍ରଣାଳୀର ଭିଡିଓ ଶେୟାର କରିଛନ୍ତି। ସେ ପିଜାର ଡୋ ପ୍ରସ୍ତୁତ କରିବା ପରେ ସେଥିରେ ବଜାରରୁ ଆଣିଥିବା ବିଭିନ୍ନ ସାମଗ୍ରୀ ପକାଇଥିଲେ। ଏହା ପରେ ସେ ପିଜାକୁ ସେକିବାକୁ ନେଲେ।

## ସଚେତନତାକୁ ଗୁରୁତ୍ୱ

### ଜାତୀୟ ଡେଙ୍ଗୁ ଦିବସ



ପ୍ରତିବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମେ' ୧୬ରେ ଭାରତୀୟ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଥାଏ। ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସର ମୁଖ୍ୟଲକ୍ଷ୍ୟ। ଏଡିସ୍ ପ୍ରଜାତିର ମଶା ଏଡିସ ଏଜିପ୍ଟ ଦ୍ୱାରା ଡେଙ୍ଗୁ ବ୍ୟାପିଥାଏ। ଶରୀରରେ ଡେଙ୍ଗୁ ଭୂତାଣୁ ପ୍ରବେଶ କରିବାର ୩ ରୁ ୧୪ ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ। ଜ୍ୱର ମୁଣ୍ଡବିନ୍ଧା, ବାନ୍ତି ସହିତ ମାଂସପେଶୀ ଏବଂ ଅଣ୍ଠିଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହୁଏ। ଏହାର ଉପଯୁକ୍ତ ଚିକିତ୍ସା ନ କଲେ ଶେଷରେ ରୋଗୀର ମୃତ୍ୟୁ ଘଟିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଡେଙ୍ଗୁ ପୃଥିବୀର ୧୨୦ରୁ ଅଧିକ ଦେଶରେ ମହାମାରୀର ମାନ୍ୟତା ଲାଭ କରିଛି। ୧୬୫୩ରେ ପ୍ରଥମେ ଡେଙ୍ଗୁ ଜ୍ୱର ୱେଷ୍ଟ ଇଣ୍ଡିଜ୍‌ରେ ଦେଖାଦେଇଥିଲା । ୧୭୭୯-୮୦ ରେ ଏହା ଏସିଆ, ଉତ୍ତରଆମେରିକା ଏବଂ ଆଫ୍ରିକାକୁ ବ୍ୟାପିଥିଲା। ୨୪୧ ବର୍ଷ ତଳେ ଡେଙ୍ଗୁ ଜ୍ୱର ସଂକ୍ରମଣ ଭାରତରେ ୧୭୮୦ ମସହିରେ ପ୍ରଥମେ ଚେନ୍ନାଇଠାରେ ଦେଖାଇଥିଲା । ତେବେ ଏହି ଲୋକଙ୍କୁ ନିୟନ୍ତ୍ରଣକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସଚେତନତାକୁ ଗୁରୁତ୍ୱକୁ ଦିଆଯାଉଛି।

# ବିଶ୍ୱକପ୍ ବର୍ଜନ କରିପାରେ ପାକିସ୍ତାନ

**କରାଚୀ, ୧୫।୫:** ପାକିସ୍ତାନ ଯଦି ଏସିଆ କପ୍ ଆୟୋଜନ ଅଧିକାର ହରାଏ ତେବେ ପାକିସ୍ତାନ ଚଳିତ ବର୍ଷ ଭାରତରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ବର୍ଜନ କରିପାରେ ବୋଲି ଧମକ ଦେଇ କହିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଚେୟାରମ୍ୟାନ ନଜାମ ସେଠୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଦଶନ୍ଧିରୁ ଅଧିକ ସମୟ ଧରି ରାଜନୈତିକ ସମ୍ପର୍କ ଭଲ ନାହିଁ। ଏହାଦ୍ୱାରା ଦ୍ୱିପାକ୍ଷିକ କ୍ରିକେଟ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ଭାରତ ଓ ପାକିସ୍ତାନ ଏକାଧିକ ଦଳକୁ ନେଇ ଆୟୋଜିତ ଇଭେଣ୍ଟଗୁଡ଼ିକରେ ସେମାନଙ୍କ ମ୍ୟାଚ୍ ନିରପେକ୍ଷ ଭେନ୍ୟୁରେ ଖେଳୁଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ ଖେଳିବା ପାଇଁ ପାକିସ୍ତାନ ଯିବା ଲାଗି ଭାରତ ସୁରକ୍ଷାଗତ କାରଣ ଦର୍ଶାଇ ମନାକରି ଦେଇଛି। ଏ ନେଇ ପିସିବି ଏକ 'ହାଇବ୍ରିଡ୍' ପ୍ରସ୍ତାବ ଦେଇଥିଲା। କେବଳ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଏବଂ ଅନ୍ୟଗୁଡ଼ିକ ପାକିସ୍ତାନରେ ଖେଳାଯିବା ଲାଗି ପାକିସ୍ତାନ ପ୍ରସ୍ତାବ ଦେଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କିନ୍ତୁ ଏ ନେଇ ଆନୁଷ୍ଠାନିକ ଜବାବ ଦେଇନାହିଁ। ସେଠୀ କହିଛନ୍ତି, ଟୁର୍ନାମେଣ୍ଟ ପାକିସ୍ତାନରେ ନ କରି ଅନ୍ୟତ୍ର କରିବା ଲାଗି ଭାରତ ଚାହୁଁଛି।

# ଓଡ଼ିଶାରୁ ରେୟାନ, ଦଣ୍ଡପତି ମନୋନୀତ

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ କ୍ୟାମ୍ପ ୨୦୨୩ ପାଇଁ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରୁ ଦୁଇ ପ୍ରତିଭା ସମ୍ପନ୍ନ ସ୍ପ୍ରିଣ୍ଟର ରେୟାନ ବାଶା ଓ ଦଣ୍ଡପତି ମୃତ୍ୟମ ଜୟରାମ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ଏନ୍‌ଏସ୍‌ଏସ୍‌ସିଠାରେ ହେବ। ର୍ୟାନ ଓଡ଼ିଶା ୧୮ ବର୍ଷରୁ କମ୍ ବାଳକ ଏବଂ ୧୮ବର୍ଷରୁ କମ୍ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଉଡୁପିଠାରେ ଗତ ମାର୍ଚ୍ଚରେ ୧୮ତମ ଜାତୀୟ ୟୁଥ୍ ଆଥଲେଟିକ୍ସ ୧୮ ବର୍ଷରୁ କମ୍ ଚାମ୍ପନଶିପ୍‌ରେ ସେ ୧୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ମିଟର ସ୍ପ୍ରିଣ୍ଟ ଓ ୧୦୦୦ମିଟର ମିଡଲେରେ ଗୋଟିଏ ଲେଖାଏଁ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ଦଣ୍ଡପତି ମୃତ୍ୟମ ଜୟରାମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୧୦.୫୩ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ପ୍ରୋ ଲିଗ୍: ଶୀର୍ଷରେ ଭାରତ



୨୦୨୨ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ସିଜନରେ ଭାରତ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ୮ଟି ମ୍ୟାଚରୁ ୫ ବିଜୟ, ୨ ଶୁଟ୍ ଆଉଟ ବିଜୟ ଓ ୧ ପରାଜୟ ସହ ୧୯ ପଏଣ୍ଟ ପାଇଛି। ଦଳ ୩୧ଟି ଗୋଲ ସ୍କୋର କରିଥିବାବେଳେ ୨୩ଟି ବରଣ କରିଛି। ଫଳରେ ଗୋଲ ବ୍ୟବଧାନ ୮ ରହିଛି। ଗ୍ରେଟ ବ୍ରିଟେନ ୮ ମ୍ୟାଚରୁ ସମାନ ସଂଖ୍ୟକ ୧୯ ପଏଣ୍ଟ ପାଇଥିଲେ ହେଁ ୪ ବିଜୟ ଓ ୪ ଡ୍ର (୩ ଶୁଟ୍ ଆଉଟ ବିଜୟ) ଯୋଗୁ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଦୁଇ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଏ। ଏହି ଦଳ ୨୩ଟି ଗୋଲ ସ୍କୋର କରିଥିବାବେଳେ ମାତ୍ର ୧୧ଟି ବରଣ କରିଛି। ତେଣୁ ଏହାର ରକ୍ଷଣଭାଗ ଭେଦ କରିବାପାଇଁ ଭାରତ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ନିଶ୍ଚିତ ହେବ। ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ସ୍ପେନ୍ ୮ ମ୍ୟାଚରୁ ୧୭, ଅଷ୍ଟ୍ରେଲିଆ ୧୨ ମ୍ୟାଚରୁ ୧୬, ଆର୍ଜେଣ୍ଟିନା ୧୨ ମ୍ୟାଚରୁ ୧୩, ଜର୍ମାନୀ ୮ ମ୍ୟାଚରୁ ୧୧, ବେଲ୍‌ଜିୟମ ୪ ମ୍ୟାଚରୁ ୬, ନେଦରଲାଣ୍ଡ୍ସ ୪ ମ୍ୟାଚରୁ ୫ ଓ ନ୍ୟୁଜିଲାଣ୍ଡ ୮ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇ ଟେବୁଲରେ ପଛକୁ ପଛ ରହିଛନ୍ତି।

ଭାରତ ୨୦୨୨ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡକୁ ୪-୩ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରେ ସ୍ପେନଠାରୁ ୨-୩ ଗୋଲରେ ହାରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭-୪ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶୁଟ୍‌ଆଉଟରେ ନିର୍ଣ୍ଣିତ ହୋଇଥିବା ଏହା ପର ମ୍ୟାଚରେ ଭାରତ ୩-୧ରେ ସ୍ପେନ୍‌କୁ ହରାଇ ଦେଇଥିଲା। ଏହି ୪ଟି ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୩ ମାର୍ଚ୍ଚରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ମାର୍ଚ୍ଚ ୧୦ରେ ଦଳ ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩-୨ରେ ହରାଇଥିବାବେଳେ ୧୨ ତାରିଖରେ ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏହାପରେ ୧୩ ତାରିଖରେ ଜର୍ମାନୀକୁ ୬-୩ ଓ ୧୫ରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରିଥିଲା। ଅର୍ଥାତ୍ ସ୍ପେନ୍ ବିପକ୍ଷରେ ଗୋଟିଏ ମ୍ୟାଚକୁ ଛାଡ଼ିଦେଲେ ଭାରତ ଏପର୍ଯ୍ୟନ୍ତ ଅନ୍ୟ କୌଣସି ମ୍ୟାଚ ହାରିନାହିଁ।

## ଭାରତୀୟ ଦଳରେ ଅମିତ୍

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ୨୪ ଜଣିଆ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ସାମିଲ ହୋଇଛନ୍ତି। ହରମନପ୍ରୀତ ସିଂ ଅଧିନାୟକ ଓ ହାର୍ଦ୍ଦିକ ସିଂ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ଘରୋଇ ପରିବେଶରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଅପରାଜେୟ ରହିଥିଲା। ୟୁରୋପ ପରିବେଶରେ ମଧ୍ୟ ଦଳ ଅନୁରୂପ ପ୍ରଦର୍ଶନ ନେଇ ଆଶା ରଖିଛି। ଭାରତୀୟ ଦଳ ଲଣ୍ଡନରେ ବେଲ୍‌ଜିୟମ ଓ ଲଣ୍ଡନ ଏବଂ ଇଣ୍ଡୋଭେନଠାରେ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ବିପକ୍ଷରେ ମୁକାବିଲା କରିବ। ନୂଆ କୋଚ୍ ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫୁଲ୍‌ଟନଙ୍କ ପ୍ରଶିକ୍ଷଣରେ ଭାରତ ପ୍ରଥମଥର ପାଇଁ ମ୍ୟାଚ ଖେଳିବ।

## ଭାରତୀୟ ଦଳ

ଗୋଲକିପର୍ସ: କ୍ରିଷନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ସୁମିତ, ସଞ୍ଜୟ, ମନଦୀପ ମୋର, ଗୁରିନ୍ଦର ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ଦିଲପ୍ରୀତ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମସେର ସିଂ, ଆକାଶଦୀପ ସିଂ, ବିବେକ ସାଗର ପ୍ରସାଦ। ଫରୱାର୍ଡ୍ସ: ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ଏସ. କାର୍ଥୀ, ଗୁରଜନ୍ତ ସିଂ, ସୁଖଜିତ ସିଂ, ରାଜ କୁମାର ପାଲ, ମନଦୀପ ସିଂ, ସିମରନଜିତ ସିଂ।

ଅମିତ ରୋହିଦାସ



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ମନୋନୀତ ଭାରତୀୟ ଦଳ।

## ଆମେ ପ୍ରସ୍ତୁତ: ଫୁଲଟନ



"ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଗ୍ରେଟ୍ ବ୍ରିଟେନ ଓ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ପାଇଁ ଆମେ ଯେଉଁ ଦଳ ଚୟନ କରିଛୁ ସେଥିରେ ମୁଁ ଖୁସି। ବିଶ୍ୱକପ୍ ପରେ ଦଳର କଠିନ ପରିଶ୍ରମ ବିଶ୍ୱ ର୍ୟାଙ୍କିଙ୍ଗ୍ (୪ର୍ଥ ସ୍ଥାନ)ରେ ପ୍ରତିଫଳିତ ହୋଇଛି। ଏହି ଲିଗ୍ ଆମକୁ ଶୀର୍ଷ ର୍ୟାଙ୍କ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବାର ସୁଯୋଗ ଦେବ। ଫଳରେ ଆମେ ଆମ ଖେଳରେ ଉନ୍ନତି ଆଣିପାରିବୁ। ଆଗାମୀ ଦିନରେ ମିଳିବାକୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ଭଲ ପ୍ରଦର୍ଶନ ସହ ପ୍ରୋ-ଲିଗ୍ ଅଭିଯାନ ଶେଷ କରିବା ନେଇ ଆଶାବାଦୀ ଅଛୁ''।

**-କ୍ରେଗ୍ ଫୁଲ୍‌ଟନ, ଭାରତୀୟ ଦଳର ମୁଖ୍ୟ କୋଚ୍**

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ କାର୍ଯ୍ୟସୂଚୀ

ମେ ୨୬: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
ମେ ୨୭: ଭାରତ ବନାମ ଗ୍ରେଟ ବ୍ରିଟେନ, ସମୟ: ରାତି ୯ଟା ୩୦
ଜୁନ ୨: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
ଜୁନ୍ ୩: ଭରୀତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ଅପରାହ୍ନ ୫ଟା
ଜୁନ ୭: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୧୧ଟା
ଜୁନ ୮: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୮ଟା ୩୦
ଜୁନ ୧୦: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୯ଟା
ଜୁନ ୧୧: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୯ଟା

# ରିଙ୍କୁଙ୍କୁ ଧୋନୀଙ୍କ ଉପହାର

**ଚେନ୍ନାଇ, ୧୫।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ସିଜନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବ୍ୟାଟର ରିଙ୍କୁ ସିଂ ଦଳ ପାଇଁ ଜଣେ ଫିନିଶର ଭାବେ ଉଭା ହୋଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫିନିଶର ଭାବେ ବିବେଚନା କରାଯାଉଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରିଙ୍କୁଙ୍କ ପ୍ରତିଭାକୁ ସ୍ୱୀକୃତି ଦେବାକୁ ପଛାଇ ନାହାନ୍ତି। ରବିବାର ରିଙ୍କୁଙ୍କ ଅର୍ଦ୍ଧଶତକ ସହାୟତାରେ କେକେଆର ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି ଏହାର ପ୍ଲେ-ଅଫ୍ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଆଇପିଏଲ୍ ୨୦୨୩ରେ ରିଙ୍କୁ ହେଉଛନ୍ତି କେକେଆରର ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର। ସେ ୧୩ଟି ଗେମ୍‌ରେ ୧୪୩ ଷ୍ଟ୍ରାଇରେଟ୍‌ରେ ୪୦୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୩ଟି ଅର୍ଦ୍ଧଶତକ ରହିଛି। ଧୋନୀ ରିଙ୍କୁଙ୍କ ସହ ଏକ ଫଟୋ ଉଠାଇଛନ୍ତି। ତାଙ୍କ ମ୍ୟାଚ ଜର୍ସିରେ ସ୍ୱାକ୍ଷର କରିଛନ୍ତି। କେକେଆର ତରଫରୁ ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରାଯାଇଛି। ତାହାର କ୍ୟାପଶନ ରହିଛି 'ଏ ସ୍ପେସିଆଲ ଗିଫ୍ଟ ଫର ଆୱାର ଫିନିଶର !'।



ମହେନ୍ଦ୍ର ସିଂ ଧୋନୀଙ୍କ ସହ ରିଙ୍କୁ ସିଂ।

# କେନ୍ଦ୍ରାପଡ଼ାରେ ୨ ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡ଼ା ଅଫିସ/ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ (କେଡିସିଏ) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍(ଏଓସିଏ)ର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୩୦ ମଧ୍ୟରେ କେନ୍ଦ୍ରାପଡ଼ାରେ ୨ଟି ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ୨୦ ଓ ୨୧ରେ ରାଜ୍ୟସ୍ତରୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ହେବ। ଏଥିରେ ରାଜ୍ୟ ଓ ଜାତୀୟସ୍ତରର ଅନେକ ଖେଳାଳି ଯୋଗଦେବେ। ତିନିମୁହାଣି ଗୌରିଶଙ୍କର ହୋଟେଲରେ ହେବାକୁଥିବା ଉକ୍ତ ପ୍ରତିଯୋଗିତାର ପ୍ରଥମ ୧୦ ଜଣଙ୍କୁ ଟ୍ରଫି ସହିତ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏହାସହିତ କେନ୍ଦ୍ରାପଡ଼ା ଜିଲା ଚେସ୍ ଚାମ୍ପିୟନଶିପ ସୁମନ ଦାସ ମେମୋରିଆଲ ଟ୍ରଫି ମଧ୍ୟ ସମାନ ସମୟ ଓ ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାପଡ଼ା ଜିଲାର ଉଭୟ ପୁରୁଷ ଏବଂ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ୨ ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ପାଇଁ ପିଙ୍କି ମହାପାତ୍ର, ନାରାୟଣ ଦାସ ଓ ଧରଣୀଧର ସେଠୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଜିଲାରେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ୨୫ରୁ ୩୦ ପର୍ଯ୍ୟନ୍ତ ତିନିମୁହାଣିଠାରେ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହା ପ୍ରତ୍ୟେକ ଦିନ ସକାଳ ୮ରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ଚେସ୍ ସଭାପତି ଦେବବ୍ରତ ସ୍ୱାଇଁ, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ସିଂ ଏବଂ ଉପସଭାପତି ଲଲାଟ କେଶରୀ ସାମଲ ଜଣାଇଛନ୍ତି।

# ଅଲ୍ ଓଡ଼ିଶା ଓପନ୍ ଚେସ୍: ରାଜେଶ ଚାମ୍ପିୟନ

**ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଖୋଲସ୍ଥିତ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଖଗେଶ୍ୱର ବେଉରିଆ ସ୍ମାରକୀ ଅଲ୍ ଓଡ଼ିଶା ଓପନ୍ ଚେସ୍ ଟୁର୍ନାମେଣ୍ଟ ଗତ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ରାଜେଶ ନାୟକ ଓ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟାଂଶ ଦାସ, କୌସ୍ତୁଭ ଦାଶ, ନିଲ୍‌ସୁ ପଟ୍ଟନାୟକ (ସମସ୍ତେ ୬ ପଏଣ୍ଟ), ଶ୍ରୀହନ ସାବତ, ଫକୀର ମାଝି, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଏସ୍.ପି., ସାଜନ କୁମାର ନାୟକ (ସମସ୍ତେ ୫.୫), ତପନ ବଡ଼ମୁଣ୍ଡି, ଦେବୀପ୍ରସାଦ ନାୟକ, ସୂରଜ କୁମାର ମହାରଣା, ଦାଶରଥି ସାହୁ, ସତ୍ୟମ୍ ସରବ୍‌ଜିତ ମିଶ୍ର, ଲଳିତ ରଞ୍ଜନ ସାହୁ (ସମସ୍ତେ ୫ ପଏଣ୍ଟ) ଟପ୍-୧୫ ଫିନିଶ୍ କରିଛନ୍ତି। ଏହାବ୍ୟତୀତ ଯାଜପୁର ଜିଲାର ଶ୍ରେଷ୍ଠ ୧୦ ପ୍ରଦର୍ଶନକାରୀ, ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବାଳିକା ଓ ବାଳକ ଖେଳାଳି ଏବଂ ପ୍ରଦର୍ଶନ ଭିତ୍ତିରେ ଯାଜପୁର ଜିଲାର ଶ୍ରେଷ୍ଠ ୫ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରେ ଜୁନୁ ବିରୁଆ ଓ ଶ୍ରେଷ୍ଠ ଭେଟେରାନ୍ ଖେଳାଳିଭାବେ ରବୀନ୍ଦ୍ର ସାହୁ ପୁରସ୍କୃତ ହୋଇଥିଲେ। ନୀହାର ରଞ୍ଜନ ସାସ୍‌ମଲ ମୁଖ୍ୟ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ। ସର୍ବଭାରତୀୟ ଚେସ୍ ଫେଡେରେସନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଏସ୍.ଆର. ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି, ଗୁରୁକୁଳ ପବ୍ଲିକ ସ୍କୁଲ ସଭାପତି ଅଭୟ କୁମାର ଜେନା ମୁଖ୍ୟ ବକ୍ତା ଏବଂ ସିଇଓ ପ୍ରବୀର କର ଓ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ସଭାପତି ଚୈତନ୍ୟ ଚରଣ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ (ଖୋର୍ଦ୍ଧା), ଭବେଶ ମହାନ୍ତି (କେନ୍ଦ୍ରାପଡ଼ା), ଅମିର ମହାନ୍ତି (କେନ୍ଦୁଝର) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚେସ୍ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ଖେଳାଳି ମନୀଷ ମିଶ୍ର, ପ୍ରିୟାଂଶ ଦାସ, ଆର୍ଯ୍ୟନ ବେହେରା, ସଞ୍ଜୀବନ ନାୟକ, ଆଶୁତୋଷ ମହାନ୍ତି, ବସନ୍ତ କୁମାର ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପରିଡ଼ା, ଅଶୋକ ସେନାପତି, ନଗେଶ ଜେନା, ଅଶୋକ ସ୍ୱାଇଁ, ନୃସିଂହ ଚରଣ ନାୟକ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଚାମ୍ପିୟନ ରାଜେଶ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ

**କାବୁଲ, ୧୫।୫ (ଏପି):** ଆସନ୍ତା ମାସରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ୍ ପାଇଁ ୧୫ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ୨୧ ବର୍ଷୀୟ ଫାଷ୍ଟ ବୋଲର ଅବ୍‌ଦୁଲ ରହମନଙ୍କୁ ପ୍ରଥମଥର ଦଳରେ ସ୍ଥାନ ମିଳିଛି। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ଆଫଗାନିସ୍ତାନ ଯୋଗ୍ୟତା ଅର୍ଜନ କରିସାରିଛି। ଶ୍ରୀଲଙ୍କାକୁ କିନ୍ତୁ କ୍ୱାଲିଫାୟର ଜରିଆରେ ଯିବାକୁ ହେବ। କ୍ୱାଲିଫାୟରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ରହି ବିଶ୍ୱକପ୍ ପାଇଁ ଦଳ ଯୋଗ୍ୟତା ଅର୍ଜନ କରିବ ବୋଲି ଆଶା କରାଯାଉଛି। ଗତ ନଭେମ୍ବରରେ ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ଶାହିଦୁଲ୍ଲା କମଲ, ୟାମିନ, ଅହମାଦ ଜାଇ, ଜିଆ ଉର୍ ରହମନ ଆକବର ଏବଂ ଗୁଲ୍‌ବଦିନ ନାୟକଙ୍କ ନାମ ରିଜର୍ଭ ଖେଳାଳି ତାଲିକାରେ ସ୍ଥାନ ପାଇଛି। ଦିନିକିଆ ଦଳରେ ରଶିଦ ଖାନ୍, ମହମ୍ମଦ ନବି, ରହମନତୁଲ୍ଲା ଗୁର୍‌ବାଜ ଓ ନୁର ଅହମ୍ମଦଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିମାନେ ବର୍ତ୍ତମାନ ଆଇପିଏଲ୍ ଖେଳୁଛନ୍ତି। ତିନୋଟି ଯାକ ମ୍ୟାଚ୍ ଜୁନ୍ ୨, ୪ ଓ ୭ରେ ହାମ୍‌ବାନ୍‌ଟୋଟାଠାରେ ଖେଳାଯିବ।

# ଅଭିଷେକଙ୍କ ଶତକ, ସିଦ୍ଧାନ୍ତ,ଭଗୀଶଙ୍କୁ ୫ ଉଇକେଟ



ଅଭିଷେକ ଯାଦବ



ସିଦ୍ଧାନ୍ତ ଜେନା



ଭଗୀଶ ଶର୍ମା

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟରେ ସୋମବାର କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଏ', ଭୁବନେଶ୍ୱର 'ଏ' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଛନ୍ତି। ଅଭିଷେକ ଯାଦବ ଶତକ ହାସଲ କରିଥିବା ବେଳେ ସିଦ୍ଧାନ୍ତ ଜେନା ଓ ଭଗୀଷ ଶର୍ମାଙ୍କୁ ୫ ଉଇକେଟ ସଫଳତା ମିଳିଛି। ଏମ୍‌ଜିଏମ୍ ଗ୍ରାଉଣ୍ଡ: କଟକର ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଇକୋର୍ସାକୁ ୧୪ ରନ୍‌ରେ ପରାସ୍ତ କରିଛି କଟକ 'ଏ'। ପ୍ରଥମେ ବ୍ୟାଟିଂ କରିଥିବା କଟକ ୫୦ ଓଭରରେ ୬ ଉଇକେଟରେ ୨୩୦ ରନ୍ କରିଥିଲା। ପ୍ରଦୀପ୍ତ ଦାଶ ୭୫ ରନ୍

## କଳାହାଣ୍ଡି କପ୍ କ୍ରିକେଟ୍

କରିଥିଲେ। ଜବାବରେ ଅଭିଷେକଙ୍କ ୧୨୨ ରନ୍ ସତ୍ତ୍ୱେ ଇକୋର୍ସା ୪୨ ଓଭରରେ ୨୧୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଡ୍ରିମ୍ସ: ଏଠାରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁରକୁ ୩୨ ରନରେ ହରାଇଛି ଅବଶିଷ୍ଟ ଓଡ଼ିଶା ଏ। ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ୮ ଉଇକେଟରେ ୨୪୮ ରନ୍ କରିଥିଲା। ଜବାବରେ ସମ୍ବଲପୁର ୪୪.୫ ଓଭରରେ ୨୧୬ ରନରେ ଅଲଆଉଟ ହୋଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୧: ଏଠାରେ ଝାରସୁଗୁଡାକୁ ୭ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର 'ଏ'। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୩୩.୪ ଓଭରରେ ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ସିଦ୍ଧାନ୍ତ ଜେନା ୫ ଉଇକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର ୩ ଉଇକେଟରେ ୧୫୦ ରନ୍ କରି ବିଜୟୀ ହୋଇଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡ: ଏଠାରେ ଅବଶିଷ୍ଟ ଓଡ଼ିଶା 'ବି' ୮ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୪୫.୩ ଓଭରରେ ୨୪୩ ରନ୍‌ରେ ଅଲଆଉଟ ହୋଇଥିଲା। ଲକ୍ଷ୍ମୀଧର ସାହୁ ୯୪ ଓ ଅନୀଲ ରାଉତ ୫୦ ରନ୍ କରିଥିଲେ। ଭଗୀଶ ଶର୍ମା ୩୨ ରନ୍‌ରେ ୫ ଉଇକେଟ ନେଇଥିଲେ। ଜବାବରେ ୩୬ ଓଭରରେ ୨ ଉଇକେଟ ହରାଇ ଅବଶିଷ୍ଟ ଓଡ଼ିଶା ବିଜୟୀ ହୋଇଥିଲା। ନିର୍ବିଶଙ୍କର ୯୮ ରନ୍ ସ୍କୋର କରିଥିଲେ।

# ସୁପର କୁଲ୍ ଗ୍ୟାଜେଟ୍

**ଛୋଟ ଛୋଟ ଏମିତି କିଛି ଗ୍ୟାଜେଟ୍ ଅଛି, ଯାହା ଗରମରୁ ରକ୍ଷାକରିବା ସହ ଆରାମ ମଧ୍ୟ ପ୍ରଦାନ କରିଥାଏ। ଆପଣଙ୍କ ପସନ୍ଦ ଏବଂ ଆବଶ୍ୟକତାକୁ ଦେଖି ଏହାକୁ ଘରକୁ ନେଇଆସନ୍ତୁ....**

ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ କେତେ କ'ଣ ଉପାୟ ଆପଣାଇବାକୁ ପଡ଼ିଥାଏ। ଅତ୍ୟଧିକ ଗରମ ସ୍ୱାସ୍ଥ୍ୟ ଏବଂ ସ୍କିନ୍ ପାଇଁ ବହୁ ହାନିକାରକ ହୋଇଥାଏ। ଏମିତିରେ ଗରମରୁ ରକ୍ଷା ପାଇବାକୁ ହେଲେ କିଛି ଇନ୍‌ଷ୍ଟାଣ୍ଟ ଉପାୟ ଆପଣାଇବାକୁ ପଡ଼ିଥାଏ। ଝାଳ ବୋହିବା ଏବଂ ଏଥିସହ ଲଗାହୋଇଥିବା ମେକ୍‌ଅପ୍ ଝାଳରେ ବୋହିଯିବା ଆଦି ସମସ୍ୟା ଦେଖାଯାଇଥାଏ। ଏସବୁ ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କେତେକ ଗ୍ୟାଜେଟ୍‌କୁ ଆପଣାଇବାକୁ ପଡ଼ିବ, ଯାହା ଆପଣଙ୍କ କାମରେ ଆସିବ।

**କୁଲ୍ ଗ୍ୟାଜେଟ୍:** ଅନ୍‌ଲାଇନ ଶପିଂ ଆପ୍ସରେ ଆପଣଙ୍କୁ କେତେକ ଗ୍ୟାଜେଟ୍ ମିଳିଯିବ। ଯାହା ଆପଣଙ୍କୁ ଗରମକୁ ଥଣ୍ଡା କରିବାରେ ସାହାଯ୍ୟ କରିବ।

**ମିନି ଫ୍ରିଜ୍ ପୋର୍ଟେବଲ:** ଏହି ମିନି ଫ୍ରିଜ୍‌କୁ ଆପଣ ଟ୍ରାଭେଲ କରିବା ସମୟରେ କେଉଁଠିକି ବି ନେଇପାରିବେ। ଆପଣଙ୍କ ମେକ୍‌ଅପ୍ ପ୍ରଡକ୍ଟ ଯେମିତିକି ଲିପ୍‌ଷ୍ଟିକ୍ କିମ୍ବା ଲିପ୍‌ବାମ୍ କିମ୍ବା କୌଣସି ବି ଛୋଟ ପ୍ରଡକ୍ଟ ଯାହାକି ରେଫ୍ରିଜରେଟରରେ ରହୁଥିବା ସାମଗ୍ରୀ ହେଉ ଏଥିରେ ଆପଣ ରଖିପାରିବେ।

**ରିଚାର୍ଜେବଲ୍ ମିନି ଫ୍ୟାନ୍ :** ସ୍ଲୋରୁ ଆରମ୍ଭ କରି ତିନୋଟି ମୋଡ୍‌ରେ ଏହି ଫ୍ୟାନ୍ ଚାଲିଥାଏ। ହ୍ୟାଣ୍ଡସ୍ଫ୍ରି ଫାନ୍ ଯାହା ଆପଣଙ୍କୁ ଗରମରୁ ରକ୍ଷା କରିଥାଏ। ଏହାକୁ ଆପଣ ହେଡ଼ଫୋନ୍ ପରି ବେକରେ ପକାଇ କୁଲ୍ ରୁହନ୍ତୁ। ଏହି ଫ୍ୟାନ୍ ଆପଣଙ୍କୁ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ବି ମିଳିଯିବ।

**ହ୍ୟାଣ୍ଡ ଫ୍ୟାନ୍ :** ମିନି ପୋର୍ଟେବଲ ହ୍ୟାଣ୍ଡ ବହୁତ ହାଲ୍‌କା ହୋଇଥାଏ। କିନ୍ତୁ ଭଲ କାମ କରିଥାଏ। ମେକ୍‌ଅପ୍ ସୁଖାଇବାଠୁ ଆରମ୍ଭକରି ଗରମରୁ ମଧ୍ୟ ରକ୍ଷା କରିଥାଏ। ଏହା ୟୁଏସ୍‌ବିରେ ମଧ୍ୟ ଚାର୍ଜ ହୋଇଥାଏ।

**ୟୁଏସ୍‌ବି ଫ୍ୟାନ୍:** ଏହି ପୋର୍ଟେବଲ୍ ଫ୍ୟାନ୍‌କୁ ୟୁଏସ୍‌ବି କୌଣସି ବି ଡିଭାଇସ୍‌ରେ କନେକ୍ଟ ହୋଇଯାଏ। ଯେମିତିକି ଫୋନ୍,ଲାପ୍‌ଟପ୍, ପାୱାର ବ୍ୟାଙ୍କ ଓ ଆଡପ୍ଟର। ଦୁଇଟି ବ୍ଲେଡ୍ ଥିବା ଏହି ଫ୍ୟାନ୍ ବହୁତ ହାଲ୍‌କା ଏବଂ ପୋର୍ଟେବଲ ହୋଇଥିବା କାରଣରୁ ଏହା ନେବା ଆଣିବା ପାଇଁ ସୁବିଧା ହୋଇଥାଏ।



# ଖରାଦିନ ପାଇଁ ଷ୍ଟାଇଲିଷ୍ଟ କୁର୍ତି

ଫ୍ୟାଶନ

**ଏମ୍ବ୍ରୋଏଡୋରି କୁର୍ତି :** ଏହି କୁର୍ତି ଗରମ ଦିନରେ ପିନ୍ଧିବାକୁ କମ୍ଫଟେବଲ୍ ଲାଗିଥାଏ। ଆପଣ ଏହି ହ୍ୱାଇଟ୍ ଏମ୍ବ୍ରୋଏଡୋରି ପ୍ରିଣ୍ଟେଡ୍ କୁର୍ତିକୁ ଜିନ୍ସଠୁ ଆରମ୍ଭକରି ଲେଗିନ୍ସ ସହିତ ମଧ୍ୟ ପିନ୍ଧିପାରିବେ। ଏହାକୁ ହୁପ୍ସ ସହିତ ଷ୍ଟାଇଲ୍ କରନ୍ତୁ।

**ପ୍ରିଣ୍ଟେଡ୍ କୁର୍ତି :** ଯଦି ଆପଣ ଲାଇଟ୍ ୱେଟ୍ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଏମିତିରେ ପ୍ରିଣ୍ଟେଡ୍ କୁର୍ତିକୁ ପିନ୍ଧିପାରିବେ। ବାନ୍ଧେଣି ପ୍ରିଣ୍ଟ କୁର୍ତିକୁ ଅକ୍ସିଡାଇଜ୍ଡ ଜୁଏଲେରି ପିନ୍ଧିବା ଦ୍ୱାରା ଏହା ଭଲ ମାନିଥାଏ।

**ସ୍ଲିଟ୍ କୁର୍ତି :** ଆପଣ ଯଦି ସ୍କର୍ଟ ପିନ୍ଧୁଥାନ୍ତି ତେବେ ସ୍ଲିଟ୍ କୁର୍ତିକୁ ଟ୍ରାଉଜର କିମ୍ବା କୁଲାଉଟ୍ସ ସହିତ ଷ୍ଟାଇଲ୍ କରି ପିନ୍ଧିପାରିବେ।

**ପ୍ଲେନ୍ କୁର୍ତି :** ପ୍ଲେନ୍ କୁର୍ତିକୁ ଯଦି ଆପଣ ମ୍ୟାଚିଂ ପ୍ଲାଜୋ ସହ କ୍ୟାରି କରିବେ ତେବେ ଆପଣଙ୍କ ଲୁକ୍ ବହୁତ ସୁନ୍ଦର ଲାଗିବ। ଏହା ସହିତ ପ୍ରିଣ୍ଟେଡ୍ ଦୁପଟ୍ଟା କ୍ୟାରି କରି ନିଜ ଷ୍ଟାଇଲ୍‌କୁ ଏନ୍‌ହାନ୍ସ କରନ୍ତୁ।

**ଶର୍ଟ କୁର୍ତି :** ଶର୍ଟ କୁର୍ତିକୁ ବି ଆପଣ ନିଜର ଷ୍ଟାଇଲିଶ୍ ଲୁକ୍ ପାଇଁ ଚଏସ୍ କରିପାରିବେ। ଆପଣ ଏହି ଶର୍ଟ କୁର୍ତିକୁ ପ୍ଲାଜୋ କିମ୍ବା ଜିନ୍ସ ସହ ପେୟାରକରି ପିନ୍ଧିପାରିବେ। ଅଫିସ୍ ଲୁକ୍‌ରେ ଏହି କୁର୍ତି ବହୁତ ଭଲ ମାନିଥାଏ।

**ଷ୍ଟ୍ରେଟ୍ କୁର୍ତି :** ଏଭଳି କୁର୍ତି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ସ୍ଲିମ୍ ଲୁକ୍ ଦେଇଥାଏ। ଏଥିରେ ଆପଣ ଫ୍ଲୋରାଲ ପ୍ରିଣ୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ।



ସଞ୍ଚୟ କ୍ଷେତ୍ରରେ ମହିଳାମାନେ ପଛରେ ପଡ଼ିନାହାନ୍ତି। ଆଜିକାଲି ସେମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ଉପାର୍ଜିତ ଟଙ୍କାରୁ କିଛି ସଞ୍ଚୟ କରିବାକୁ ପଛାଉନାହାନ୍ତି। ତେଣୁ ସେମାନେ ଏ ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ନିମ୍ନରେ କେତେକ ନିରାପଦ ସଞ୍ଚୟ ଯୋଜନା ବିଷୟରେ ସୂଚନା ଦିଆଯାଉଛି...

**ସଞ୍ଚୟ ବା ସେଭିଂ ଏକ ଭଲ ଅଭ୍ୟାସ। ଏଥିଲାଗି ବ୍ୟାଙ୍କ କିମ୍ବା ଡାକଘରରେ ଅନେକ ପ୍ରକାର ସ୍କିମ୍ ରହିଛି ଯାହାକୁ ଆପଣ ଚୟନକରି ନିଜର ବଳକା ଟଙ୍କାକୁ ସଞ୍ଚୟ ଆକାରରେ ରଖନ୍ତୁ, ଯାହା ଉପରେ ଭବିଷ୍ୟତରେ କିଛି ପ୍ରଶ୍ନବାଚୀ ଉଠିବ ନାହିଁ। ଜନସାଧାରଣଙ୍କର ସୁବିଧା ପାଇଁ ସରକାର କେତେକ ସଞ୍ଚୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏ ବିଷୟରେ ବିଶଦ ଭାବରେ ବୁଝିବା ପରେ ହିଁ ସେଥିରେ ସଞ୍ଚୟ କରନ୍ତୁ। କାରଣ କୌଣସି ସ୍ଥାନରେ ସଞ୍ଚୟ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବରେ ସଞ୍ଚୟକାରୀ ଜାଣିବା ନିହାତି ଦରକାର...**





# ନିରାପଦ ସଞ୍ଚୟ

**ଫିକ୍ସଡ୍ ଡିପୋଜିଟ୍ ସ୍କିମ୍ :** ଆମ ଦେଶରେ ଫିକ୍ସଡ୍ ଡିପୋଜିଟ୍‌କୁ ସବୁଠାରେ ସୁରକ୍ଷିତ ନିବେଶ ବୋଲି କୁହାଯାଇପାରେ। ଏବେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ନୂଆ ନୂଆ ସ୍କିମ୍ ଆଣିବାକୁ ଯୋଜନା କରୁଛନ୍ତି। ଯଦି ଆପଣ ନିଜ ଟଙ୍କାକୁ ୫ବର୍ଷ ପର୍ଯ୍ୟନ୍ତ ନିବେଶ କରୁଛନ୍ତି ତେବେ, ୮୦ ସି ଅନୁସାରେ ଆପଣଙ୍କୁ ଟ୍ୟାକ୍ସ ଫ୍ରି ମିଳିଥାଏ।

ଫିକ୍ସ ଡିପୋଜିଟ୍‌ର ମୁଖ୍ୟ କଥା ହେଲା- ସମୟବନ୍ଧ ପକ୍କା ରିଟର୍ନ ମିଳିବ,ରିସ୍କ ନ ନେବାକୁ ଚାହୁଁ ନ ଥିବା ବ୍ୟକ୍ତିଙ୍କ ପାଇଁ ଭଲ ହେବ, ଭଲ ରିଟର୍ନ ମିଳିବା ସହ ଆବଶ୍ୟକ ପଡ଼ିଲେ ସେହି ଟଙ୍କା ଉପରେ ଲୋନ୍ ନେବାର ସୁବିଧା ରହିଛି।

**ରିକରିଂ ଡିପୋଜିଟ୍:** ଏହାକୁ ଆପଣ ଏଫ୍‌ଡିର ବିକଳ୍ପ ମାନିପାରନ୍ତି। ଏଥରେ ଆପଣଙ୍କୁ ନିୟମିତ ରୂପେ ଏକ ଫିକ୍ସଡ୍ ଆମାଉଣ୍ଟ ଜମା କରିବାକୁ ପଡ଼ିଥାଏ। ଏଫ୍‌ଡି ଭଳି ଏଥିରେ ବି ରେଗୁଲାର ସେଭିଂ ଆକାଉଣ୍ଟ ତୁଳନାରେ ଅଧିକ ରିଟର୍ନ ମିଳିଥାଏ। ଏହାକୁ ଆରମ୍ଭ କରିବାକୁ ହେଲେ ଅଧିକ ଟଙ୍କାର ଆବଶ୍ୟକତା ପଡ଼ି ନ ଥାଏ। ଏଥିରେ ବହୁଦିନ ପର୍ଯ୍ୟନ୍ତ ଟଙ୍କା ଜମା ରଖିବା ଦ୍ୱାରା ଆପଣଙ୍କୁ ଭଲ ରିଟର୍ନ ମିଳିପାରେ। କାରଣ ଏଥିରେ ଜମା ହୋଇଥିବା ରାଶି ଇକ୍ୟୁଇଟି ମାର୍କେଟ୍‌ରେ ଇନ୍‌ଭେଷ୍ଟ ହୁଏ ନାହିଁ।

**କିଏ ଅଧିକ ସୁରକ୍ଷିତ : ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍–** ଆପଣ ଏଫ୍‌ଡିକୁ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍ ଯେଉଁଠାରେ ବି ଖୋଲିପାରିବେ। କିନ୍ତୁ ପୋଷ୍ଟ ଅଫିସ୍ ଜମାରାଶି ଅଧିକ ସୁରକ୍ଷିତ ବୋଲି ଅନେକେ ଭାବନ୍ତି। କାରଣ ଏଥିରେ ହେଉଥିବା ନିବେଶ ଉପରେ ଭାରତ ସରକାରଙ୍କ ଗ୍ୟାରେଣ୍ଟି ରହିଥାଏ। ପୋଷ୍ଟ ଅଫିସ୍‌ର ସବୁ ଯୋଜନା ବା ସ୍କିମ୍ ଟ୍ୟାକ୍ସ ଫ୍ରି ମଧ୍ୟ ହୋଇଥାଏ। ବ୍ୟାଙ୍କରେ ଆପଣଙ୍କୁ ନିବେଶର ଅଧିକ ବିକଳ୍ପ ମିଳିଥାଏ। ଯେମିତିରେ କି ପୋଷ୍ଟ ଅଫିସ୍‌ରେ ୧ ବର୍ଷରୁ ୫ ରହିଛି ସେମିତି ବ୍ୟାଙ୍କରେ ୭ଦିନରୁ ଆରମ୍ଭକରି ୧୦ବର୍ଷ ପର୍ଯ୍ୟନ୍ତ ଏଫ୍‌ଡି ରହିଛି। ପୋଷ୍ଟ ଅଫିସ୍‌ରେ ନିଶ୍ଚିତ ରୂପେ ସୁଧ ଟିକେ ଅଧିକ ମିଳେ ଯେତେବେଳେ କି ବ୍ୟାଙ୍କର କୌଣସି ସମାନ ଇଣ୍ଟରେଷ୍ଟ ରେଟ୍ ନାହିଁ।

**ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍):** ଏହା ଏକ ସରକାରୀ ଯୋଜନା, ଯେଉଁଥିରେ ୧୫ ବର୍ଷର ଅବଧି ରହିଥାଏ। ଏହାର ରେଟ୍ ଅଫ୍ ଇଣ୍ଟରେଷ୍ଟ ବି ଏଫ୍‌ଡି ଏବଂ ଆର୍‌ଡି ଭଳି ଭଲ ରହିଥାଏ। କାରଣ ଏଥିରେ ନିବେଶ ହେଉଥିବା ଟଙ୍କା କୌଣସି ମାର୍କେଟ୍ ସହିତ ଲିଙ୍କ୍ ନ ଥାଏ। ଏଥିପାଇଁ ଏହା ନିବେଶର ଭଲ ମାଧ୍ୟମ ବୋଲି କୁହାଯାଇପାରେ। ୧୫ବର୍ଷ ପରେ ଆପଣ ଚାହିଁଲେ ପୂରା ଟଙ୍କା ଉଠାଇପାରିବେ ନ ହେଲେ ଏହାକୁ ପୁନର୍ବାର ୫ ବର୍ଷ ପର୍ଯ୍ୟନ୍ତ ରଖିପାରିବେ।

**ନ୍ୟାଶନାଲ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍):** ଏହା ମଧ୍ୟ ଏକ ସରକାରୀ ଯୋଜନା, ଯାହାକି ସବୁ ପ୍ରକାର ନିବେଶର ମିଶ୍ରଣ। ଏଥିରେ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ସ୍କିମ୍ ଚୟନ କରିପାରିବେ। ଏହି ସ୍କିମ୍ ସବୁ ସେକ୍ଟରରେ କାମ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ନିବେଶ କରିବା ଦ୍ୱାରା ୨ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ୍ ବି ମିଳିଥାଏ।

**ସୋଭେରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି) :** ସୋଭେରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି ) ରିଜର୍ଭ ବ୍ୟାଙ୍କ ଦ୍ୱାରା ୨୦୧୫ରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଯଦି ଆପଣ ଏହି ବଣ୍ଡ ମାଧ୍ୟମରେ ୧ଗ୍ରାମ୍ ସୁନା କିଣୁଛନ୍ତି ୮ବର୍ଷ ପରେ ସୁନାର ଯେତିକି କରେଣ୍ଟ ଭାଲ୍ୟୁ ଥିବ ସେହି ଦାମ୍‌ରେ ଆପଣ ଆର୍‌ବିଆଇକୁ ନିଜ ବଣ୍ଡ ବିକ୍ରି କରିପାରିବେ। ଏଥିରେ ସୁନାର କୌଣସି ଫିଜିକାଲ ନେଣଦେଣ ନ ଥାଏ। ୨୪ କ୍ୟାରେଟ୍ ସୁନାର କରେଣ୍ଟ ଭାଲ୍ୟୁ ଯାହା ଥିବ ସେହି ରେଟ୍‌ରେ ଏକ ବଣ୍ଡ ଇସ୍ୟୁ ହୋଇଥାଏ। ବର୍ଷକୁ ଏଥିରେ ୨.୫ ପ୍ରତିଶତ ସୁଧ ମିଳିଥାଏ। ଏହାର ମାଚ୍ୟୁରିଟି ପିରିୟଡ୍ ୮ବର୍ଷ ପର୍ଯ୍ୟନ୍ତ ରହିଥାଏ। ଯଦି ଆପଣଙ୍କୁ ମଝିରେ ଟଙ୍କା ଆବଶ୍ୟକ ପଡୁଛି ତେବେ ଏହାକୁ ୫ବର୍ଷ ପରେ କେତେବେଳେ ବି ଉଠାଇପାରିବେ। ଏଥିରେ ଅତି କମ୍‌ରେ ୧ଗ୍ରାମ୍‌ରୁ ଆରମ୍ଭ କରି ୪କି.ଗ୍ରା. ପର୍ଯ୍ୟନ୍ତ ଗୋଲ୍ଡ ଇନ୍‌ଭେଷ୍ଟମେଣ୍ଟ କରିପାରିବେ। ଏହାକୁ ଯେକୌଣସି ବ୍ୟକ୍ତି କିଣିପାରିବେ। ଏହାକୁ କୌଣସି କମର୍ସିଆଲ୍ ବ୍ୟାଙ୍କରେ ମଧ୍ୟ ଖୋଲିପାରିବେ।




**ସୁକନ୍ୟା ସମୃଦ୍ଧି ଯୋଜନା:** ଭାରତ ସରକାର ଝିଅମାନଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଆରମ୍ଭ କରିଛନ୍ତି; ଯେଉଁଥିରେ ଝିଅ ଜନ୍ମ ହେବାଠୁ ଆରମ୍ଭକରି ୧୦ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ଝିଅ ନାମରେ ଏକ ଖାତା ଖୋଲିପାରିବେ। ଏଥିରେ ଆପଣ ଅତିକମ୍‌ରେ ୨୫୦ଟଙ୍କାରୁ ଆରମ୍ଭ କରି ନିଜ ଇଚ୍ଛା ଅନୁସାରେ ଜମାରାଶି ରଖିପାରିବେ। ବର୍ଷକୁ ଏଥିରେ ୧,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବେ। ଏହି ଯୋଜନା ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ ଖୋଲିପାରିବେ।

**ନ୍ୟାଶନାଲ ସେଭିଂ ସାର୍ଟିଫିକେଟ୍ (ଏନ୍‌ଏସ୍ ଏସ୍):** ଏହି ସରକାରୀ ନିବେଶ ଯୋଜନାକୁ ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ କିଣିପାରିବେ। ଏଥିରେ ଆପଣ ଅତିକମ୍‌ରେ ୧୦୦୦ଟଙ୍କା ନିବେଶ କରିପାରିବେ। ନ ହେଲେ ଏକସଙ୍ଗେ କିଛି ଟଙ୍କା ନିବେଶ କରିପାରିବେ। ନ ହେଲେ କିସ୍ତି ଆକାରରେ ବର୍ଷଙ୍କ ପାଇଁ ଟଙ୍କା ଜମା କରିପାରିବେ। ଏହାର ମାଚ୍ୟୁରିଟି ପିରିୟଡ୍ ୫ ବର୍ଷ ପର୍ଯ୍ୟନ୍ତ ରହିଛି। ଅତିବେଶିରେ ଏଥିରେ ବର୍ଷକୁ ଦେଢ଼ଲକ୍ଷ ଟଙ୍କା ନିବେଶ କରିପାରିବେ। ନିର୍ଦ୍ଧାରିତ ହୋଇଥିବା ରିଟର୍ନ ମାଚ୍ୟୁରିଟି ଉପରେ ମିଳିଥାଏ।

**ପୋଷ୍ଟ ଅଫିସ୍ ଇନ୍‌କମ୍ ସ୍କିମ୍ :** ଡାକଘରେ ଏମିତି କିଛି ନିବେଶ ଯୋଜନା ଅଛି, ଯେଉଁଥିରେ କେବଳ ଆପଣଙ୍କ ପଇସା ସୁରକ୍ଷିତ ରହିବ, ବଲ୍‌କି ରିଟର୍ନ ବି ଭଲ ନିୟମିତ ରୂପେ ମିଳିଥାଏ। ଏଥିରେ ନ୍ୟୁନତମ ଜମା ରାଶି ୧୦୦୦ଟଙ୍କା ଅଧିକ ହେଲେ ୪ଲକ୍ଷ ଟଙ୍କା ସିଙ୍ଗଲ ଆକାଉଣ୍ଟ ପାଇଁ ଏବଂ ୯ ଲକ୍ଷ ଜଏଣ୍ଟ ଆକାଉଣ୍ଟ ପାଇଁ ଜମା କରିପାରିବେ।




### ଏମାନେ କ'ଣ କରନ୍ତି



**ଦୀପିକା ଦାଶ,** ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା, କୋଲକାତା

ସବୁ ସ୍କିମ୍‌ର ଅଲଗା ଅଲଗା ଫାଇଦା ରହିଛି, ଯିଏ ଯେମିତି ଇନ୍‌ଭେଷ୍ଟ କରିପାରିଲେ। ଯଦି ଆପଣ ସୋଭେରେନ୍ ଗୋଲ୍ଡ ବଣ୍ଡ କିଣୁଛନ୍ତି ଏଥିରେ ସୁନା ଚୋରି ହେବାର ଭୟ ନ ଥାଏ। ଏହାକୁ ରଖିବା ଲାଗି ବ୍ୟାଙ୍କ ଲକରର ମଧ୍ୟ ଆବଶ୍ୟକ ନ ଥାଏ।



**ତରୁଲତା ଦାସ,** ଗୃହିଣୀ, ଆଇଟିଆଇ, ଅଙ୍ଗାରଗାଡ଼ିଆ, ବାଲେଶ୍ୱର

ଆମ ପିଲାର ଭବିଷ୍ୟତର ପାଠପଢ଼ା ପାଇଁ ଆମେ ଏଫ୍‌ଡି ଏବଂ ଆର୍‌ଡି କରିଛୁ। ଦୁଇଟି ଯାକ ଅଲଗା ଅଲଗା ବ୍ୟାଙ୍କରେ କରିଛୁ। ଏଫ୍‌ଡି (ଫିକ୍ସ ଡିପୋଜିଟ୍) କରିବା ପ୍ରାୟ ୪-୫ବର୍ଷ ହୋଇଥିବା ବେଳେ ଆର୍‌ଡି (ରିକରିଂ ଡିପୋଜିଟ୍ ) ୮ବର୍ଷ ହେବ ଖୋଲିଛୁ; ଯେଉଁଥିରେ ଇଣ୍ଟରେଷ୍ଟ ଟିକେ ଅଧିକ ମିଳୁଛି।

ସୌନ୍ଦର୍ଯ୍ୟ

# ଶାମ୍ପୋ କରିବା ସମୟରେ..

**କେଶକୁ ଆହୁରି ଆକର୍ଷଣୀୟ କରିବାରେ ଶାମ୍ପୋ ସାହାଯ୍ୟ କରିଥାଏ। ତେବେ ଏହାକୁ ବ୍ୟବହାର କରିବା ସମୟରେ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ନ ହେଲେ ତାହା କେଶକୁ କ୍ଷତି ପହଞ୍ଚାଇବା ଆଶଙ୍କା ରହିଛି। କେଶକୁ ସୁନ୍ଦର କରିବାକୁ କେତେକ'ଣ ଉପାୟ ପାଳନ କରିଥାଉ, ଯେମିତିକି ହେୟାର ସ୍ପା, ହେୟାର ମସାଜ୍, ହେୟାର ମାସ୍କ ଆଦି କେତେ କ'ଣ ଉପାୟ ଆପଣାଇଥାନ୍ତି। ତେବେ ଶାମ୍ପୋର ବ୍ୟବହାର କିପରି କରିବେ ଜାଣନ୍ତୁ ସେ ସମ୍ପର୍କରେ....**



**ଶାମ୍ପୋ କରିବା ପୂର୍ବରୁ**

କେତେକ ଶାମ୍ପୋକୁ ପାପୁଲିରେ ପକାଇ ତାକୁ ମୁଣ୍ଡରେ ଲଗାଇଲା ପରେ କେଶକୁ ଭଲଭାବେ ରଗଡ଼ି ତାକୁ ଭଲଭାବେ ପାଣିରେ ଧୋଇଥାନ୍ତି। ଶାମ୍ପୋ କରିବା ସମୟରେ ଏହାକୁ ସିଧାସଳଖ କେଶରେ ନ ଲଗାଇ ପାଣିରେ ମିଶାଇ ଲଗାନ୍ତୁ। କିନ୍ତୁ ଏପରି କରିବା ଜମା ବି ଠିକ୍ ନୁହେଁ। କାରଣ ଏହା କେଶକୁ ଡ୍ୟାମେଜ୍ କରିବାଦେବା ଆଶଙ୍କା ରହିଛି।




**ଶାମ୍ପୋ ପୂର୍ବରୁ ନିଶ୍ଚିତ ଲଗାନ୍ତୁ ତେଲ**

ହେୟାର ଏକ୍ସପର୍ଟଙ୍କ ମତରେ କେଶକୁ ଶାମ୍ପୋ କରିବା ପୂର୍ବରୁ ନିହାତି ତେଲ ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ଦୁର୍ବଳ ହେବନାହିଁ ଏବଂ ଷ୍ଟ୍ରଙ୍ଗ୍ ମଧ୍ୟ ରହିବ।

**ଅଏଲ ମସାଜ୍**

କେଶକୁ ଅଏଲ ମସାଜ୍ କରିବା ଦ୍ୱାରା କେଶ ଝଡ଼େନାହିଁ। ଏପରି କରିବା ଦ୍ୱାରା କେଶ କେମିକାଲ ଫ୍ରି ରହିଥାଏ। ଏହାଦ୍ୱାରା କେଶ କେବେ ବି ଡ୍ରାଏ ହୁଏ ନାହିଁ । ଫଳରେ କେଶ ବି ମୁଲାୟମ ରହିଥାଏ।

ଖାଦ୍ୟରୁଚି

# କ୍ରିସ୍ପି ଭେଣ୍ଡି ପପ୍‌କର୍ନ

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ଭେଣ୍ଡି, ୧କପ୍ ମଇଦା, ଅଧା କପ୍ କର୍ନଫ୍ଲୋର, ଅଧାକପ ବ୍ରେଡ୍‌ଗୁଣ୍ଡ, ଅଧା ଚାମଚ ହଳଦୀ ପାଉଡର, ୧ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଅଧା ଚାମଚ ଗରମ ମସଲା, ୧ ଚାମଚ ଆମାଚୁର ପାଉଡର, ଆବଶ୍ୟକ ପରିମାଣର ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** କ୍ରିସ୍ପି ଭେଣ୍ଡି ପପ୍‌କର୍ନ କରିବାକୁ ହେଲେ ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇଦିଅନ୍ତୁ। ଏହା ପରେ ଧୁଆ ହୋଇଥିବା ଭେଣ୍ଡିକୁ କପଡ଼ା ସାହାଯ୍ୟରେ ଭଲଭାବେ ପୋଛିଦିଅନ୍ତୁ। ଭେଣ୍ଡିକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଏବେ ଏହି କଟାହୋଇଥିବା ଭେଣ୍ଡିକୁ ଅନ୍ୟ ଏକ ବଡ଼ ପାତ୍ରରେ ରଖନ୍ତୁ। ଏହା ପରେ ଏହି କଟା ଭେଣ୍ଡିରେ ହଳଦୀ, କଶ୍ମୀରୀ ମିର୍ଚ୍ଚ ପାଉଡର, ଗରମ ମସଲା ଓ ଆମାଚୁର ପାଉଡର ସହିତ ଏଥିରେ ମଧ୍ୟ ୨ ଚାମଚ କର୍ନଫ୍ଲୋର ଓ ଅଳ୍ପ ପରିମାଣର ଲୁଣ ପକାନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ନିଅନ୍ତୁ। ଭେଣ୍ଡିକୁ ଭଲଭାବେ ଗୋଳାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଭେଣ୍ଡିକୁ ଏବେ ମେରିନେଟ୍ କରି ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହା ପରେ ଏହି ମେରିନେଟ୍ ଭେଣ୍ଡିକୁ ମଇଦା, କର୍ନ୍‌ଫ୍ଲୋରରେ ବୁଡ଼ାଇ, ବ୍ରେଡ୍‌ଗୁଣ୍ଡରେ ପକାଇ ଭଲଭାବେ କୋଟ୍ କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଭେଣ୍ଡିକୁ ପକାଇ ଭଲଭାବେ ଫ୍ରାଏ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଆପଣଙ୍କର କ୍ରିସ୍ପି ଭେଣ୍ଡି ପପ୍‌କର୍ନ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


Symphony®
Thinking of Tomorrow
ମାର୍ଚ୍ଚ
ମେ
ଜୁଲାଇ
Symphony
ମାସ ବଦଳିବ, କିନ୍ତୁ ଶୀତଳତା ନୁହେଁ ।
ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାବନ୍ତୁ ଏବଂ ଘରକୁ ସିମ୍ଫୋନୀ କୁଲର୍ ଆଣନ୍ତୁ
ଏହାର CFD ଜ୍ଞାନକୌଶଳ ସାରା ସିଜନ୍ ପାଇଁ ଦିଏ ସମ୍ପୂର୍ଣ୍ଣ କୁଲିଂ ର ପ୍ରତିଶ୍ରୁତି
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
EMI FINANCE
ସହଜିଆ ଫାଇନାନ୍ସ ବିକଳ୍ପ ଉପଲବ୍ଧ
ବଛା ବଛା ମଡେଲରେ ବଛା ବଛା ସହରରେ
Shop here
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma A TATA Enterprise
Reliance SMART
For more details, contact : 7227054734, 9337890169